ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

## ପାଠ୍ୟକ୍ରମ -୧୧

## ଭାଷାର ଗଠନ ଓ ପ୍ରକାର୍ଯ୍ୟ

ବ୍ଲକ୍

# ୨ ରୂପବିଜ୍ଞାନ

ପ୍ରଥମ ଏକକ

### ରୂପବିଜ୍ଞାନ, ରୂପଗ୍ରାମ୍ ବିଜ୍ଞାନ ଓ ରୂପସ୍ୱନିମ ବିଜ୍ଞାନ

ଦ୍ୱିତୀୟ ଏକକ

### ରୂପିମ ଓ ଶବ୍ଦରୂପ ନିର୍ମାଣ

ତୃତୀୟ ଏକକ

### ରୂପ ପରିବର୍ତ୍ତନର କାରଣ ଓ ଦିଗ

ଚତୁର୍ଥ ଏକକ

### ଉତ୍ପାଦକୀୟ ରୂପବିଜ୍ଞାନ

## ବିଶେଷଜ୍ଞ ପରିଷଦ


| | |
|---|---|
| **ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**<br>ଅଧ୍ୟକ୍ଷ | ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୂର। |
| **ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର |
| **ଡକ୍ଟର ବିଜୟ କୁମାର ମହାନ୍ତି**<br>ସଦସ୍ୟ | ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ବସନ୍ତ କୁମାର ପଣ୍ଡା**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର। |
| **ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର,ବୁର୍ଲା। |
| **ଡକ୍ଟର ଅନାଦି ଚରଣ ଗାଁଣ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର। |
| **ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**<br>ସଦସ୍ୟ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ଦିଲ୍ଲୀପ କୁମାର ନାୟକ**<br>ଆବାହକ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା। |



ଲେଖକ : **ଡକ୍ଟର ରୁଦ୍ରନାରାୟଣ ମହାପାତ୍ର**, ଆସିଷ୍ଟାଣ୍ଟ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

**ସମୀକ୍ଷକ : ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ**, ଅବସରପ୍ରାପ୍ତ ପ୍ରାଧ୍ୟାପକ, ପୁରୀ

**ଡ଼ି.ଟି.ପି : ଡକ୍ଟର ରୁଦ୍ରନାରାୟଣ ମହାପାତ୍ର**, ଆସିଷ୍ଟାଣ୍ଟ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

**ପ୍ରଚ୍ଛଦ ଓ ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର



## *ପ୍ରକାଶକ*

**ଡକ୍ଟର ଜୟନ୍ତ କରଶର୍ମା**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*



© OSOU, 2019. **"Bhasara Gathana O Prakarjya"** is made available under Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ

# ରୂପବିଜ୍ଞାନ, ରୂପଗ୍ରାମ୍ ବିଜ୍ଞାନ ଓ ରୂପସ୍ୱନିମ ବିଜ୍ଞାନ

**ବିଷୟର ଗଠନ :**


୧.୧. ପଠନର ଉଦ୍ଦେଶ୍ୟ

୧.୨. ବିଷୟ ପରିଚୟ

୧.୩. ରୂପବିଜ୍ଞାନର ସଜ୍ଞା

୧.୪. ମୁକ୍ତ ଶବ୍ଦ ଓ ବଦ୍ଧ ଶବ୍ଦ

୧.୫. ରୂପିମ ବିଜ୍ଞାନ ବା ରୂପଗ୍ରାମ୍ ବିଜ୍ଞାନ (Morphemics)

୧.୬. ରୂପସ୍ୱନିମ ବିଜ୍ଞାନ (Morphophonemics)

୧.୭. ମର୍ଫିମ୍, ମର୍ଫ ଏବଂ ଆଲୋମର୍ଫ୍

୧.୮. ମର୍ଫିମ୍ ବା ରୂପିମ ଗୁଡ଼ିକର ପ୍ରକାରଭେଦ

୧.୯. ବିଷୟବସ୍ତୁର ସାରମର୍ମ

୧.୧୦. ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା

୧.୧୧. ସହାୟକ ପୁସ୍ତକାବଳୀ

୧.୧୨. ପାରିଭାଷିକ ଶବ୍ଦାବଳୀ

୧.୧୩. କେତେକ ଆଦର୍ଶ ପ୍ରଶ୍ନ


## ୧.୧. ପଠନର ଉଦ୍ଦେଶ୍ୟ

ଏହି ଏକକର ଉଦ୍ଦେଶ୍ୟ ହେଉଛି, ରୂପବିଜ୍ଞାନ, ଭାଷାରେ ରୂପବିଜ୍ଞାନ ଅଧ୍ୟୟନର ଆବଶ୍ୟକତା ଓ ରୂପିମ, ଶବ୍ଦ ଓ ପଦ ମଧ୍ୟରେ ସମ୍ବନ୍ଧ ଇତ୍ୟାଦି ପ୍ରଶ୍ନର ପ୍ରାୟୋଗିକ ଅନୁସନ୍ଧାନରେ ଆପଣଙ୍କୁ ଅଭିନିବେଶ କରାଇବା ଏବଂ ଭାଷାର କ୍ଷୁଦ୍ରତମ ଅର୍ଥବାହକ ଏକକ 'ରୂପିମ' ଭାଷଣ ପ୍ରକ୍ରିୟାରେ କିପରି ଭୂମିକା ଗ୍ରହଣ କରନ୍ତି, ତାହାର ଏକ ମୋଟାମୋଟି ଧାରଣା ଆପଣଙ୍କୁ ପ୍ରଦାନ କରିବା। ଏହି ଅଧ୍ୟାୟରେ ଆମେ ରୂପବିଜ୍ଞାନ କାହାକୁ କହନ୍ତି, ବିଭିନ୍ନ ଭାଷାରେ ରୂପବିଜ୍ଞାନ ଚର୍ଚ୍ଚାର କାରଣ କ'ଣ, ଓ ଶବ୍ଦ ନିର୍ମାଣରେ ରୂପବିଜ୍ଞାନ ଅଧ୍ୟୟନର ଗୁରୁତ୍ୱ କିପରି ରହିଛି, ସେ ସଂପର୍କରେ ଜାଣିବା । ତେଣୁ ଏହି ଏକକରେ ଆମେ ଶିକ୍ଷା କରିବାକୁ ଯାଉଛନ୍ତି :

(କ) ରୂପବିଜ୍ଞାନ ଓ ରୂପଗ୍ରାମ୍ ବିଜ୍ଞାନ ଭିତରେ ରହିଥିବା ସୂକ୍ଷ୍ମ ପାର୍ଥକ୍ୟ

(ଖ) କୌଣସି ଭାଷାରେ ରୂପିମଗୁଡ଼ିକ ବ୍ୟବସ୍ଥିତ ପ୍ରକ୍ରିୟା

(ଗ) ମାନବୀୟ ଭାଷାର ଭିନ୍ନଭିନ୍ନ ପ୍ରତିରୂପ ସଂପର୍କରେ ଧାରଣା

(ଘ) ମର୍ଫିମ୍, ମର୍ଫ୍ ଓ ଆଲୋମର୍ଫ ସଂପର୍କରେ ସଂକ୍ଷିପ୍ତ ସୂଚନା

(ଙ) ରୂପିମ ଗୁଡ଼ିକର ପ୍ରକାରଭେଦ ଓ ଓଡ଼ିଆ ଭାଷାରୁ ବିଭିନ୍ନ ପ୍ରକାର ରୂପିମ୍‌ର ଉଦାହରଣ

## ୧.୨. ବିଷୟ ପରିଚୟ

ଭାଷା ଆମର ଯୋଗାଯୋଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମାନବ ଯେପରି ଭାବିଥାଏ, ବା ତାହା ନିକଟରେ ଚେତନାର ଯେପରି ଉଦ୍‌ଗୀରଣ ଘଟେ, ସେହି ଚିନ୍ତାଧାରାକୁ ଭାଷା ହିଁ ସଂରଚିତଭାବେ ପରିପ୍ରକାଶ କରିବାରେ ସାହାଯ୍ୟ କରିଥାଏ। ଏଣୁ ଭାଷା ମାନବର ମନସ୍ତାତ୍ତ୍ୱିକ ଓ ବୋଧଗମ୍ୟ ସଂପଦ । ଅର୍ଥାତ୍, ଭାଷିକ ଯୋଗାଯୋଗ ପ୍ରକ୍ରିୟାରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ବକ୍ତାଙ୍କ ମସ୍ତିଷ୍କରୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ନ୍ୟୁରନ୍ ତାଙ୍କୁ ଯେଉଁ କାର୍ଯ୍ୟ କରିବାପାଇଁ ବା ପରିପ୍ରକାଶ କରିବାପାଇଁ ପ୍ରେରିତ କରିଥାଏ, ଶ୍ରୋତାପକ୍ଷର ତଦନୁରୂପ ନିର୍ଦ୍ଦିଷ୍ଟ ସଂଖ୍ୟକ ଉକ୍ତ ଯାଦୃଚ୍ଛିକ ଚେତନ ବା ଭାବକୁ ଅନୁବାଦ କରି ଗ୍ରହଣ କରିଥାଏ । ତେଣୁ, ଏହି ପ୍ରକ୍ରିୟାରେ ଏକାଧିକ ଉପବିଧି କାର୍ଯ୍ୟ କରିଥାଏ । ଥରେ ଏହି ଉଚ୍ଚାରିତ ଧ୍ୱନିସମୂହର ତରଙ୍ଗ ପ୍ରବାହିତ ହେଲେ, ଆମେ ସେହି ଧ୍ୱନିଗୁଡ଼ିକରୁ ନିର୍ଦ୍ଦିଷ୍ଟ ଗୋଷ୍ଠୀଭୁକ୍ତ ଧ୍ୱନିକୁ ଏକାଠି କରି ବ୍ୟବସ୍ଥିତ କରିଥାଉ । ଏହି ଏକତ୍ରିତ ଧ୍ୱନି ବ୍ୟବସ୍ଥିତ ହେଲେ, ତାହାର ଅର୍ଥଗତ ଏକକକୁ ଆମେ ରୂପିମ ଓ ଶବ୍ଦ କହିଥାଉ । ଉଦାହରଣ ସ୍ୱରୂପ, 'ଖେଳଣା' ଶବ୍ଦ ଦୁଇଟି ଅର୍ଥପୂର୍ଣ୍ଣ ଏକକ 'ଖେଳ୍' ଏବଂ ପରପଦ '-ଅଣା'କୁ ନେଇ ଗଠିତ । ଭାଷାର ଏହି ସୂକ୍ଷ୍ମ ସଂରଚନାତ୍ମକ ସ୍ତରୀୟ ଅଧ୍ୟୟନକୁ ରୂପତାତ୍ତ୍ୱିକ ଅଧ୍ୟୟନ ବା ରୂପବିଜ୍ଞାନ କୁହାଯାଇଥାଏ ।

## ୧.୩. ରୂପବିଜ୍ଞାନର ସଜ୍ଞା

ସଂସ୍କୃତରେ ରୂପବିଜ୍ଞାନ ସଂପର୍କରେ କୁହାଯାଇଛି :

ପ୍ରକୃତି-ପ୍ରତ୍ୟୈର୍ମିଶ୍ରଂ, ସାର୍ଥକ ଧ୍ୱନି ସଂଗତମ୍ |
ରୂପ ନିର୍ମାଣ ସଂବନ୍ଧଂ, ପଦ– ବିଜ୍ଞାନମିଶ୍ୟତେ ||
ଭାଷାବିଶେଷ ସଂବନ୍ଧୋ ଲଘିଷ୍ଠଃ ସାର୍ଥକୋ ଧ୍ୱନିଃ|
ବଦ୍ଧ ମୁକ୍ତ ଗୁଣ ଯୁକ୍ତୌ ରୂପିମଃ କଥିତୋ ବୁଦ୍ଧୌ||

ଅର୍ଥାତ୍, ରୂପବିଜ୍ଞାନ ବା 'Morphology' ହେଉଛି ମାନବୀୟ ଭାଷାରେ ବ୍ୟବହୃତ ବିଭିନ୍ନ ଶବ୍ଦରୂପ ଗଠନର ବୈଜ୍ଞାନିକ ଅଧ୍ୟୟନ । ଅନ୍ୟଅର୍ଥରେ ପଦ ବା ରୂପ ସହିତ ସଂଶ୍ଳିଷ୍ଟ ବୈଜ୍ଞାନିକ ସମ୍ବଳିତ ଅଧ୍ୟୟନକୁ ରୂପବିଜ୍ଞାନ କୁହାଯାଏ । ଏହା ଭାଷାବିଜ୍ଞାନର ଚୋରୋଟି ପ୍ରମୁଖ ଶାଖାରୁ ଅନ୍ୟତମ । ରୂପବିଜ୍ଞାନ ଅଧ୍ୟୟନର ଧାରା ମଧ୍ୟ ବହୁ ପ୍ରାଚୀନ । ପାଣିନିଙ୍କ ରଚିତ ସଂସ୍କୃତ ବ୍ୟାକରଣ ଶାସ୍ତ୍ର ଅଷ୍ଟ୍ୟାଧ୍ୟାୟୀ ରୂପବିଜ୍ଞାନ ଅଧ୍ୟୟନର ଗୁରୁତ୍ୱ ଓ ମହତ୍ତ୍ୱକୁ ବହୁଭାବେ ବଢାଇଦେଇଥାଏ । ଏହି ରୂପବିଜ୍ଞାନ ଅଧ୍ୟୟନର ପରଂପରାକୁ ମଧ୍ୟ ଆରବୀୟ ଭାଷାବିଜ୍ଞାନରେ ଗ୍ରୀସ୍-ରୋମାନ୍ ଭାଷାବିଜ୍ଞାନ ଧାରାରେ ଦେଖିବାକୁ ମିଳେ ।

ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ *'morphology' ପଦଟି ଗୋଟିଏ ଗ୍ରୀକ୍ ଶବ୍ଦ । ଏହା morph-* ଅର୍ଥାତ୍ 'ଆକାର, ରୂପ', ଏବଂ *-ology* ଅର୍ଥାତ୍ 'ଅଧ୍ୟୟନ' । ତେଣୁ ଏହି morphology ବା ରୂପବିଜ୍ଞାନ କହିଲେ

ପଶୁ, ପକ୍ଷୀ, ବୃକ୍ଷ, ଲତା, ଭୂମିରୂପ, ମୃତ୍ତିକା ସବୁକିଛି ଜାଗତିକ ବସ୍ତୁ ପାଇଁ ସାଙ୍କେତିକ ଶବ୍ଦରୂପର ଆକାରଗତ ବା ରୂପଗତ ଅଧ୍ୟୟନକୁ ବୁଝାଇଥାଏ । ଏହିକ୍ରମେ ଭାଷାବିଜ୍ଞାନରେ ରୂପବିଜ୍ଞାନ କହିଲେ ଆମେ ମାନବୀୟ ଭାଷାରେ ଶବ୍ଦରୂପ ଓ ଶବ୍ଦସଂରଚନାର ବୈଜ୍ଞାନିକ ସମ୍ମତ ଅଧ୍ୟୟନକୁ ଆମେ ବୁଝିଥାଉ । ଅଗଷ୍ଟ ସ୍କେଲେଚିଅର (August Schleicher) 1859 ମସିହାରେ ପାଶ୍ଚାତ୍ୟ ଭାଷାବିଜ୍ଞାନ ପରଂପରାରେ ପ୍ରଥମ କରି ଏହି *morphology* ଶବ୍ଦର ପ୍ରୟୋଗ କରିଥିଲେ । ଏହା ଏବେ ଭାଷାବିଜ୍ଞାନ କ୍ଷେତ୍ରରେ ଶବ୍ଦରୂପ ଅଧ୍ୟୟନର ଉପକ୍ଷେତ୍ରରୂପେ ସୁପରିଚିତ । ***(1)*** ମାର୍କ ଆର୍ନୋଫ୍ (Mark Aronoff) ଓ କୀର୍ଷ୍ଟନେ ଫୁଡେମନ୍ (Kirsten Fudeman)ଙ୍କ ମତରେ , "Morphology refers to the mental system involved in word formation or to the branch of linguistics that deals with words, their internal structure, and how they are formed."

ବାସ୍ତବରେ ମାନବ ତାହାର ଭାଷାମାଧ୍ୟମରେ ଯାହାକିଛି ବି ଉତ୍ପାଦନ କରି ଜଗତ ସମ୍ମୁଖରେ ରଖୁଛି ବା ଯାହାକୁ ବିଧିବଦ୍ଧ ଭାଷାବୋଲି କହୁଛି, ତାହା କେବଳେ କେତେକ ଅର୍ଥଯୁକ୍ତ ଯାଦୃଚ୍ଛିକ ଧ୍ୱନି ସମୂହର ସୃଷ୍ଟି।  ଯଦି, ଆମେ ଏହି ଧ୍ୱନିଗୁଡ଼ିକୁ ଅଲଗା ଅଲଗା କରି ବିଶ୍ଳେଷଣ କରୁ, ତେବେ ଆମେ 'ଧ୍ୱନି' ପାଇବା।  ଉଦାହରଣ ସ୍ୱରୂପ, 'କଲମ' ଶବ୍ଦରେ 'କ, ଲ ଓ ମ' ଭଳି ତିନୋଟି ଧ୍ୱନି ରହିଛି । ଓଡ଼ିଆ ଭାଷାରେ ଏହିସବୁ ସ୍ୱାଧୀନ ଧ୍ୱନିକୁ ଗୋଟିଏ ଗୋଟିଏ ଅଲଗାଅଲଗା ଧ୍ୱନିଗ୍ରାମ୍ ବା 'phoneme' କହିପାରିବା। ଏହି ଧ୍ୱନିଗ୍ରାମ୍ ବା ଧ୍ୱନି କୌଣସି ଅର୍ଥ ବହନ କରୁ ବା ନକରୁ, ସେଗୁଡ଼ିକ ହିଁ ଭାଷାର ସର୍ବନିମ୍ନ ଏକକ। ଯେତେବେଳେ ଏହି ଧ୍ୱନିଗୁଡ଼ିକ ଏକାଠି ହୋଇ ଭାଷାରେ ସର୍ବନିମ୍ନ ଅର୍ଥଯୁକ୍ତ ଏକକଟିଏ ତିଆରି କରନ୍ତି, ତାହାକୁ ରୂପିମ ବା "morpheme" କୁହାଯାଏ। ତେବେ, ଏହି କ୍ରମରେ ଭିନ୍ନ ଭିନ୍ନ ଭାଷାରେ ଶବ୍ଦର ସହଜ-ସରଳ ଉଚ୍ଚାରଣ ଓ ବ୍ୟବସ୍ଥାପନା ଉଦ୍ଦେଶ୍ୟରେ ସେହିସବୁ ଭାଷାର ସ୍ୱର ଓ ବ୍ୟଞ୍ଜନ ଧ୍ୱନିଗୁଡ଼ିକର ସଜ୍ଜୀକରଣ ଭିନ୍ନ ଭିନ୍ନ, ଯାହାକୁ ଆମେ 'ସିଲାବଲ' କହୁଛୁ । ଏହି ସିଲାବଲ୍ ସଂପର୍କରେ ଆମେ ପୂର୍ବରୁ ଆଲୋଚନା କରିସାରିଛେ । 'କାଗଜ ଓ କାଳି' ଶବ୍ଦରେ 'କା, ଗ, ଜ, ଳି' ଭଳି ଭିନ୍ନ ଭିନ୍ନ ସିଲେବଲ୍ ରହିଥିଲେ ବି ଏହି ଦୁଇଟିଯାଙ୍କ ଶବ୍ଦ ଏକ ରୂପିମ ବିଶିଷ୍ଟ । ତେଣୁ, କୌଣସି ଭାଷାରେ ବ୍ୟବହୃତ ଯାଦୃଚ୍ଛିକ ମାତ୍ର ଅର୍ଥଯୁକ୍ତ ଧ୍ୱନିସମୂହର ସର୍ବନିମ୍ନ ଏକକକୁ  ହିଁ କେବଳ 'ରୂପିମ' କୁହାଯାଇପାରେ ।

ଏଇଠି ପ୍ରଶ୍ନ ଯେ ରୂପବିଜ୍ଞାନ ଅଧ୍ୟୟନର ଆବଶ୍ୟକତା କ'ଣ ପାଇଁ ରହିଛି? ଏହାର ଉତ୍ତରରେ କେବଳ ଏତିକି କୁହାଯାଇପାରେ ଯେ, ଶବ୍ଦ ଗଠନ, ଶବ୍ଦ ସଂରଚନା ସହିତ କିପରି ଭାଷାରେ ନୂଆନୂଆ ଶବ୍ଦ ବ୍ୟବହାର ଅନୁସାରେ ତିଆରି ହେଉଛନ୍ତି ବା ଲୋପ ପାଉଛନ୍ତି, ତାହାର ଗବେଷଣାତ୍ମକ ଅଧ୍ୟୟନ ଏହି ରୂପବିଜ୍ଞାନ ମାଧ୍ୟମରେ ହିଁ ହୋଇଥାଏ । କୌଣସି ଭାଷାର ମାତୃଭାଷୀ ବ୍ୟକ୍ତି ତାଙ୍କର ବୋଧଜ୍ଞାନ ବଳରେ ନୂଆନୂଆ ଶବ୍ଦ ଗଠନ କରନ୍ତି ବା ଅନ୍ୟଭାଷାର ଶବ୍ଦକୁ ଆପଣେଇନେବାର କ୍ଷମତା ରଖନ୍ତି । ଯଦି ନୂଆକରି ପ୍ରବେଶ କରିଥିବା ଶବ୍ଦରୂପଟିଏ ଉକ୍ତ ଭାଷାର ସବୁ ରୂପବିଜ୍ଞାନ ନିୟମକୁ ମାନୁଥାଏ, ତେବେ ସେହିଭାଷାର ବକ୍ତାଟିଏ, ଉକ୍ତ ଶବ୍ଦକୁ ସହଜରେ ଚିହ୍ନିନିଏ । ତେଣୁ, ରୂପବିଜ୍ଞାନ ହିଁ ଭାଷାରେ ଶବ୍ଦର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିଥାଏ ।

## ୧.୪. ମୁକ୍ତ ଶବ୍ଦ ଓ ବଦ୍ଧ ଶବ୍ଦ (Open and Closed Class of Words)

ରୂପିମ (morph), ଓ ଆଲୋମର୍ଫ (allomorph) ବିଷୟରେ ଆଲୋଚନା କରିବା ପୂର୍ବରୁ ଆମକୁ ବିଭିନ୍ନ ପ୍ରକାର ଶବ୍ଦର ବର୍ଗ ସଂପର୍କରେ ଜାଣିବା ଆବଶ୍ୟକ। ପାରମ୍ପରିକ ବ୍ୟାକରଣରେ ବିଶେଷକରି ଓଡ଼ିଆ ଭାଷାରେ ଶବ୍ଦକୁ ମୋଟାମୋଟି ଛଅଗୋଟି କାରକପଦରେ ବିଭାଜନ କରାଯାଇଛି, ଯଥା: ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା, କ୍ରିୟାବିଶେଷଣ ଓ ଅବ୍ୟୟ । ମାତ୍ର, ଭାବତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ଶବ୍ଦର ଏହି ବର୍ଗୀକରଣ ପର୍ଯ୍ୟାପ୍ତ ନୁହେଁ; ଉଦାହରଣ ସ୍ୱରୂପ, ଶବ୍ଦରୂପ ଭେଦରେ ବିଶେଷ୍ୟ ପଦ ବା ସଂଜ୍ଞାପଦ କୌଣସି ବସ୍ତୁ, ଜାତି ବା ଗୁଣ ଇତ୍ୟାଦିକୁ ପରିଭାଷିତ କରିଥାଏ। କିନ୍ତୁ, "ସହରର ଧ୍ୱଂସସାଧନ ସ୍ୱୟଂ ଧ୍ୱଂସ ଶବ୍ଦର ଅର୍ଥକୁ ବି ବର୍ଣ୍ଣନା କରିବାର ଉର୍ଦ୍ଧ୍ୱରେ।" ବାକ୍ୟ କୌଣସି ନାମକୁ ସୂଚିତ କରୁନାହିଁ। ଏହା ସତ୍ତ୍ୱେ ବି ଏହାକୁ ଗୋଟିଏ ବିଶେଷ୍ୟପଦ ରୂପେ ଗ୍ରହଣ କରିବାକୁ ହେବ। ଅଧିକନ୍ତୁ, ଏଇଟି ଗୌଣସି ଗୋଟିଏ ବାକ୍ୟରେ ଖଣ୍ଡବାକ୍ୟ ହୋଇପାରେ। ତେଣୁ, ପାରମ୍ପରିକ ଢଙ୍ଗରେ ଶବ୍ଦର ବ୍ୟାକରଣିକ ବର୍ଗ ନିର୍ଦ୍ଧାରଣକୁ ପୁନରୀକ୍ଷଣ କରାଯିବାର ଆବଶ୍ୟକତା ଅଛି। ଏହା ବ୍ୟତୀତ ପୃଥିବୀରେ ଏପରି ଅନେକ ଭାଷା ଅଛି, ଯାହାର ଶବ୍ଦରେ ବିଶେଷଣ ବା କ୍ରିୟା-ବିଶେଷଣ ଭଳି ବ୍ୟାକରଣିକ ବର୍ଗ ନାହିଁ। ଅନ୍ୟଦିଗରେ ସେହିସବୁ ଭାଷାରେ ଏକ ସ୍ୱତନ୍ତ୍ର ବର୍ଗର ଶବ୍ଦ ବା ପଦ ବା ରୂପିମ, ମୂଳ ଶବ୍ଦ ସହିତ ସଂଯୁକ୍ତି ହୋଇ, ଏହି ବିଶେଷଣ ବା କ୍ରିୟାବିଶେଷଣର ଭୂମିକା ନିଭାଉଛନ୍ତି।

ସାଂପ୍ରତିକ ବ୍ୟାକରଣରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟାକରଣିକ ବୈଶିଷ୍ଟ୍ୟକୁ ବୁଝାଉଥିବା ଅନୁସାରେ ହିଁ ଶବ୍ଦ ବା ପଦର ବର୍ଗ ନିର୍ଦ୍ଧାରଣ କରାଯାଉଛି। ଏହି ଦୃଷ୍ଟିରୁ ବିଚାର କଲେ ଆମେ ଭାଷାର ସମସ୍ତ ଶବ୍ଦକୁ ସମ୍ଭାବ୍ୟ ଦୁଇଟି ବର୍ଗରେ ଅନ୍ତର୍ଭୁକ୍ତ କରିପାରିବା, ଯଥା: (କ) ମୁକ୍ତ ଶବ୍ଦ ଓ (ଖ) ବଦ୍ଧ ଶବ୍ଦ।

**ମୁକ୍ତ ରୂପ ଓ ବଦ୍ଧ ରୂପ :** ଏହି ଶବ୍ଦ ବର୍ଗ ଭିତରେ ବିଶେଷ୍ୟ, କ୍ରିୟା, ବିଶେଷଣ, କ୍ରିୟାବିଶେଷଣ ଇତ୍ୟାଦି ଆସିବେ । ଏହି ଶବ୍ଦ ସଂଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ ଅର୍ଥକୁ ବହନ କରିଥାନ୍ତି । ଏହି ଶବ୍ଦଗୁଡ଼ିକ ସାଧାରଣତଃ ଏକ ରୂପିମ ବିଶିଷ୍ଟ ବା ଏକାଧିକ ରୂପିମ ବିଶିଷ୍ଟ ହୋଇଥାନ୍ତି । ଏହି ପ୍ରକାର ଶବ୍ଦର ବର୍ଗରେ ଯେକୌଣସି ପ୍ରକାର ନୂଆ ଶବ୍ଦକୁ ସଂଯୁକ୍ତ କରାଯାଇପାରେ, ଯେପରିକି ଆଜିର ପ୍ରଯୁକ୍ତି ଓ ବିଜ୍ଞାନ ଯୁଗରେ ଆମେ କମ୍ପ୍ୟୁଟର୍, ଫେସ୍‌ବୁକ୍, ସିମ୍, ମୋବାଇଲ୍, ଫୋନ୍, ଇନ୍‌ବକ୍ସ ଆଦି ଯେକୌଣସି ଶବ୍ଦକୁ ବିଶେଷ୍ୟପଦ କହିପାରିବା। ତେଣୁ, ଏହାକୁ ମୁକ୍ତଶବ୍ଦ କୁହାଯାଇଥାଏ। ଅନୁରୂପଭାବେ ବଦ୍ଧଶବ୍ଦ ବଦ୍ଧ-ରୂପିମର ସହାୟତାରେ ନିଷ୍ପାଦିତ ହୋଇଥାନ୍ତି। ଏହାକୁ ଆମେ ବଦ୍ଧ-ରୂପିମର ଆଲୋଚନାବେଳେ ସ୍ପଷ୍ଟରୂପେ ବୁଝିପାରିବା।

## ୧.୫. ରୂପିମ ବିଜ୍ଞାନ ବା ରୂପଗ୍ରାମ୍ ବିଜ୍ଞାନ (Morphemics)

ଧ୍ୱନି ଅଧ୍ୟୟନର ଆଧାରରୁ ଧ୍ୱନିଗ୍ରାମ ବିଜ୍ଞାନ ବା **Phonemics** ଆସିବା ପରି, ରୂପବିଜ୍ଞାନରେ ରୂପିମର ଆଧାରରେ ରୂପଗ୍ରାମ ବିଜ୍ଞାନ ବା **Morphemics** ର ପରିକଳ୍ପନା କରାଯାଇଛି । ପାଶ୍ଚାତ୍ୟ ଭାଷାବିତ୍‌ଗଣ ଏହାର ଅଧ୍ୟୟନ କ୍ଷେତ୍ରରେ ଆମ ସଂସ୍କୃତର ପାଣିନିଙ୍କ ବ୍ୟାକରଣିକ ଅଧ୍ୟୟନର ଫଳଶୃତି 'ଅଷ୍ଟାଧ୍ୟାୟୀ'କୁ ବିଶେଷଭାବେ ଗ୍ରହଣ କରିଛନ୍ତି । ରୂପିମବିଜ୍ଞାନର ଆଧାର ହେଉଛି ରୂପିମ ବା ମର୍ଫ । ଆମେ ଆଗରୁ ଏହି ରୂପିମର ସଂଜ୍ଞା ସଂପର୍କରେ

ଜାଣିସାରିଛେ । ଆଗକୁ ରୂପିମର ପ୍ରକାରଭେଦ ସଂପର୍କରେ ଅବଗତ ହେବା । ଅନୁରୂପଭାବେ ସମସ୍ତ ରୂପିମର ପଦସଂଘଟନାରେ କିଛିନାକିଛି ଧ୍ୱନ୍ୟାତ୍ମକ ପରିବର୍ତ୍ତନ ହୋଇଥାଏ, ଏହାର ଅଧ୍ୟୟନକୁ ଆମେ ରୂପସ୍ୱନିମ ବିଜ୍ଞାନ ବା **Morphophonemics** ବୋଲି କହିଥାଉ। ଏଣୁ ରୂପିମବିଜ୍ଞାନ ବା ରୂପଗ୍ରାମ୍ ବିଜ୍ଞାନରେ ନିମ୍ନଲିଖିତ ତିନୋଟି ଦିଗକୁ ବିଶେଷଭାବେ ଧ୍ୟାନ ଦିଆଯାଏ। (କ) ରୂପିମ ବା ରୂପଗ୍ରାମ (ଖ), ସଂରୂପ ବା ଆଲୋମର୍ଫ ଏବଂ (ଗ) ରୂପସ୍ୱନିମବିଜ୍ଞାନ (**Morphophonemics**) ।

## ୧.୬. ରୂପସ୍ୱନିମ ବିଜ୍ଞାନ (Morphophonemics)

ରୂପସ୍ୱନିମବିଜ୍ଞାନ ବା ରୂପଗ୍ରାମ୍-ବିଜ୍ଞାନ, ରୂପବିଜ୍ଞାନର ଏକ ଶାଖା। ଇଂରାଜୀରେ ଏହାକୁ "Morphophonemics" କୁହାଯାଏ। ବ୍ୟୁତ୍ପତ୍ତିଗତ ଦୃଷ୍ଟିରୁ ମର୍ଫ ଅର୍ଥାତ୍ ରୂପସଂବନ୍ଧୀ ଓ ଫୋନେମିକ୍ସ ଅର୍ଥାତ୍ ଧ୍ୱନିବିକାର। ଏଣୁ, 'ରୂପସ୍ୱନିମ ବିଜ୍ଞନ' ବା ମର୍ଫୋଫୋନେମିକ୍ସର ଅର୍ଥ ହେଉଛି, ଦୁଇଟି ରୂପ ବା ଶବ୍ଦର ମିଳନରୁ ହେବାକୁଥିବା ପରିବର୍ତ୍ତନର ଅଧ୍ୟୟନ। ଏହାକୁ ଆମର ପ୍ରଚ୍ୟ ଭାଷାବିଜ୍ଞାନୀଗଣ ସନ୍ଧି ଶବ୍ଦର ପର୍ଯ୍ୟାୟବାଚୀ ଶବ୍ଦରୂ ପେ ଗ୍ରହଣ କରିଛନ୍ତି ତେବେ ଏହି ସନ୍ଧି ଶବ୍ଦ କିନ୍ତୁ ମେର୍ଫୋଫୋନେମିକ୍ସର ବାସ୍ତବ ପର୍ଯ୍ୟାୟବାଚୀ ଶବ୍ଦନୁହେଁ । ଏହି ଦୁଇଟି ମଧ୍ୟରେ ବହୁ ପାର୍ଥକ୍ୟ ରହିଛି । ସନ୍ଧିରେ ପଦର ଆଦି ଓ ଅନ୍ତରେ ଆସୁଥିବା ଧ୍ୱନିଗୁଡ଼ିକର ପରିବର୍ତ୍ତନ ଉପରେ ବିଚାର କରାଯାଉଥିବା ବେଳେ ରୂପସ୍ୱନିମ ବିଜ୍ଞାନରେ ପଦର ସବୁସ୍ଥାନରେ ହେଉଥିବା ଧ୍ୱନିଗତ ପରିବର୍ତ୍ତନକୁ ବିଚାର କରାଯାଇଥାଏ । ଅନୁରୂପଭାବେ ରୂପସ୍ୱନିମ ବିଜ୍ଞାନରେ ବିଶେଷ୍ୟ ପଦ, ଧାତୁରୂପ ଓ ପରସର୍ଗ ଆଦିକୁ ମିଶାଇକରି ବି ଆଲୋଚନା କରାଯାଇଥାଏ ।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 1***

(କ) ରୂପବିଜ୍ଞାନର ସଂଜ୍ଞା ନିର୍ଦ୍ଧାରଣ କର । (30ଟି ଶବ୍ଦରେ)

(ଖ) ରୂପବିଜ୍ଞାନ ଓ ରୂପିମବିଜ୍ଞାନ ଭିତରେ ପାର୍ଥକ୍ୟ ନିରୂପଣ କର।

(ଗ) ଶବ୍ଦର ମୁକ୍ତରୂପ ଓ ବଦ୍ଧରୂପ ମଧ୍ୟରେ ରହିଥିବା ଭାବଗତ ପାର୍ଥକ୍ୟକୁ ଦର୍ଶାଅ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ।)

## ୧.୭. ମର୍ଫିମ୍, ମର୍ଫ ଏବଂ ଆଲୋମର୍ଫ୍ (Morpheme, Morph and Allomorph)

ଓଡ଼ିଆ ଭାଷାର ବ୍ୟାକରଣରେ ଯେଉଁ ରୂପିମ ଶବ୍ଦ ବ୍ୟବହାର ହୁଏ, ତାହାକୁ ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ଇଂରାଜୀରେ ତିନୋଟି ସୂକ୍ଷ୍ମ ସ୍ତରରେ ବିଭାଜନ କରାଯାଇଥାଏ; ଯଥା: ମର୍ଫିମ୍ (Morpheme), ମର୍ଫ (Morph ) ଏବଂ ଆଲୋମର୍ଫ୍ (Allomorph)।

## ୧.୭.୧. ମର୍ଫିମ୍ (Morpheme)

'ମର୍ଫିମ୍ (Morpheme)' ଗୋଟିଏ ଶବ୍ଦର ସର୍ବନିମ୍ନ ଅର୍ଥଯୁକ୍ତ ଏକକ। ଏହାକୁ ଗୋଟିଏ ଅର୍ଥର ସଂକ୍ଷିପ୍ତ ଏକକ କହିଲେ ଅତ୍ୟୁକ୍ତି ହେବନାହିଁ। ଅର୍ଥାତ୍, କୌଣସି ଶବ୍ଦର ଅଂଶଟିଏ ଅର୍ଥଗତ କ୍ଷମତାକୁ ବହନ ନକରି ମର୍ଫିମ୍ ହେବନାହିଁ । ଅନ୍ୟ ଅର୍ଥରେ ମର୍ଫିମ୍‌କୁ ଆଉ ଅଧିକ ବିଭାଜନ କରାଯାଇପାରିବନାହିଁ; ବା, ବିଭାଜନ କଲେ, ତାହା ତାହାର ଅର୍ଥ ଧାରଣକରିବା ବୈଶିଷ୍ଟ୍ୟକୁ ହରାଇବ। ଯଦିଓ ବହୁ କ୍ଷେତ୍ରରେ ବାହ୍ୟ ଦୃଷ୍ଟିରୁ କେତେକ ମର୍ଫିମ୍ ଅର୍ଥଶୂନ୍ୟ ମନେ ହେଲେବି, ଶବ୍ଦରେ ସଂଯୁକ୍ତି ହେବାବେଳେ କିଛି ଅର୍ଥଗତ କ୍ଷମତା ବହନ କରିଥାନ୍ତି। ଯେପରିକି, ଓଡ଼ିଆରେ 'ଟିଏ' ରୂପିମ ଏକକ ଭାବେ କୌଣସି ଅର୍ଥ ବହନ ନକଲେ ବି ଏହା ଯେତେବେଳେ ବିଶେଷ୍ୟ ପଦ 'ବାଳକ' ସହିତ ଯୋଡ଼ିହୋଇ 'ବାଳକଟିଏ' ହୁଏ, ସେ କ୍ଷେତ୍ରରେ ଏହା ତାହାର ଅର୍ଥଗତ କ୍ଷମତା ଏକବଚନକୁ ବହନ କରିଥାଏ। ତେଣୁ, ଓଡ଼ିଆରେ ବହୁ ସମୟରେ ଗୋଟିଏ ମର୍ଫିମ୍‌ର ସମାନାର୍ଥ ମିଳିନଥାଏ, କହିଲେ ଚଳେ। ନିମ୍ନଲିଖିତ ଉଦାହରଣକୁ ଲକ୍ଷ୍ୟ କରନ୍ତୁ :

a) ଜାତି (jaati)
ଜାତୀ-ୟ (jaati-ya)
ଜାତୀ-ୟତା (jaati-yata)
ବି-ଜାତୀୟ (bi-jaatiya)
ବି-ଜାତୀୟତା (bi-jaatiyata)
ଜାତୀୟତା-ବାଦ (jaatiya-baada)

ଉପରୋକ୍ତ ଶବ୍ଦର ଉଦାହରଣରେ, 'ଜାତି', 'ୟତା', 'ବି', 'ବାଦ' ଇତ୍ୟାଦି ସେମାନଙ୍କର ଅର୍ଥକୁ ବହନକରୁଥିବା ଗୋଟିଏ ଗୋଟିଏ ସ୍ୱଧୀନ୍ ମର୍ଫିମ୍ ଅଟନ୍ତି।

ଗୋଟିଏ ମର୍ଫିମ୍ ଅନ୍ୟଗୋଟିଏ ଧ୍ୱନିଗତ ସାମ୍ୟ ବା ଅନ୍ୟ ଭାଷିକ ରୂପଠାରୁ ଅର୍ଥତାତ୍ତ୍ୱିକ ଦିଗରୁ ଭିନ୍ନ ହୋଇଥାଏ । ତେଣୁ, ଗୋଟିଏ ମର୍ଫିମ୍ କୌଣସି ଶବ୍ଦାନୁରୂପ ହୋଇଥିଲେ ବି ଏହାକୁ ସବୁ ସମୟରେ ଗୋଟିଏ ମର୍ଫିମ୍ ଭାବେ ଗଣନା କରାଯାଏନାହିଁ । ଉଦାହରଣ ସ୍ୱରୂପ, ଆମ ଓଡ଼ିଆ ଭାଷାରେ 'ଜାତିୟତା (Jaatiyata) ଓ 'ପିତା (Pita)' ଶବ୍ଦ ଦୁଇଟିର ଶେଷ '–ତା' ରେ ହୋଇଥିବାରୁ ଏହା ମଧ୍ୟରେ ସାମ୍ୟ ପରିଲକ୍ଷିତ ହୁଏ; କିନ୍ତୁ, ଉଭୟ ଅଂଶକୁ ଅଲଗା ଓ ଅର୍ଥବୋଧକ ମର୍ଫିମ୍ ରୂପେ ଗ୍ରହଣ କରାଯାଇନପାରେ । କାରଣ, '–ତା' ପ୍ରଥମ ଶବ୍ଦ '' 'ଜାତୀୟତାରୁ ଅଲଗା ହୋଇପାରେ ମାତ୍ର ତାହାକୁ 'ପିତା' ଶବ୍ଦରୁ ଅଲଗା କରାଯାଇନପାରେ। ଯଦି, ଆମେ ଏହା କରୁ, ଏହା କୌଣସି ଅଲଗା ଅର୍ଥ ଦେଇନଥାଏ, ତେଣୁ ଏହା ଅଲଗା ମର୍ଫିମ୍ ନୁହେଁ ।

## ୧.୭.୨. ମର୍ଫ (Morph)

ମର୍ଫିମ୍ (morpheme) ଓ ମର୍ଫ (morph) ସମାନ ଭାବଧାରାକୁ ସୂଚିତ କରୁଥିଲେ ହେଁ ଉଭୟଙ୍କ ଭିତରେ ମୌଳିକ ପାର୍ଥକ୍ୟ ରହିଛି। ବାସ୍ତବ କଥା ହେଉଛି, ଗୋଟିଏ ମର୍ଫିମ୍‌ର ଧ୍ୱନ୍ୟାତ୍ମକ ଅନୁଭବର ଅବସ୍ଥା ହିଁ 'ମର୍ଫ'। ଧ୍ୱନି ଓ ଧ୍ୱନିଗ୍ରାମ୍ ଭିତରେ ଯେପରି ଭାବଗତ ସଂପର୍କ ରହିଛି, ଠିକ୍ ସେହିପରି ମର୍ଫିମ୍ ଓ ମର୍ଫ ଭିତରେ ଭାବଗତ ସଂପର୍କ ରହିଛି।

### ୧.୭.୩. ଆଲୋମର୍ଫ (Allomorph)

ବହୁ ଭାଷାରେ ଗୋଟିଏ ମର୍ଫିମ୍‌ର ଏକାଧିକ ରୂପ ଥାଏ । ମର୍ଫିମ୍‌ର ଏହିସବୁ ରୂପ ଭିନ୍ନଭିନ୍ନ ଶବ୍ଦରେ ଧ୍ୱନିଗତ ବିଭେଦତାକୁ ଲକ୍ଷ୍ୟ କରି ବିଭିନ୍ନ ରୂପରେ ଆସିଥାନ୍ତି । ଗୋଟିଏ ମର୍ଫିମ୍‌ର ଏହି ବିଭିନ୍ନ ରୂପ ଭାବଗତ ଦୃଷ୍ଟିରୁ କିନ୍ତୁ ଗୋଟିଏ ଅର୍ଥରେ ବ୍ୟବହୃତ ହୋଇଥାନ୍ତି । ମର୍ଫିମ୍‌ର ଏହି ଭିନ୍ନ ଭିନ୍ନ ରୂପକୁ ଆଲୋମର୍ଫ୍ କୁହାଯାଏ । ସେହିସବୁ ମର୍ଫିମ୍‌କୁ ସେ ବ୍ୟବହାର ହେଉଥିବା ଭିନ୍ନ ଏକ ଶବ୍ଦରେ ପ୍ରତିସ୍ଥାପିତ କରାଯାଇପାରିବ ନାହିଁ । ସେଗୁଡ଼ିକରେ ଉଚ୍ଚାରଣଗତ ପାର୍ଥକ୍ୟ ଦେଖିବାକୁ ମିଳିଥାଏ । ଉଦାହରଣ ସ୍ୱରୂପ, ଓଡ଼ିଆରେ ନାସ୍ତିସୂଚକ ଭାବତତ୍ତ୍ୱରୁ ବ୍ୟବହୃତ ହେଉଥିବା ବ୍ୟୁତ୍ପାଦିତ ପୂର୍ବସର୍ଗ (prefix) ର ଭିନ୍ନ ଭିନ୍ନ ଉପଯୋଗିତା ଦେଖିବାକୁ ମିଳେ ; ଯଥା :

(କ) ଅ — ଅଧର୍ମ, ଅଜଣା

(ଖ) ଅଣ — ଅଣହଳଦିଆ, ଅଣହିନ୍ଦୁ

(ଗ) ଅନ୍ - ଅନାଦର, ଅନୁଚିତ

(ଘ) ବେ - ବେକାର, ବେତାର

ଉପରୋକ୍ତ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କଲେ, ଉପରୋକ୍ତ ସମସ୍ତ ରୂପିମର ଅର୍ଥ ଓ ପ୍ରକୃତି ପ୍ରାୟ ସମାନ ବୋଲି ଜାଣିପାରିବା। ଅର୍ଥାତ୍, ଏହି ସବୁ ରୂପିମ ଅସ୍ତିସୂଚକ ଶବ୍ଦକୁ ନାସ୍ତିସୂଚକ ଶବ୍ଦରେ ପରିଣତ କରିଥାନ୍ତି । କିନ୍ତୁ, ଏହି କ୍ଷେତ୍ରରେ କେବେବି ଗୋଟିଏ ରୂପିମର ସ୍ଥାନ ଅନ୍ୟ ରୂପିମ ନେଇନଥାଏ; ଉଦାହରଣ ସ୍ୱରୂପ: ଆମେ 'ଅଣଜଣା', 'ବେଉଚିତ', 'ଅହଳଦିଆ', 'ଅନ୍‌ସମର୍ଥ' ଇତ୍ୟାଦି ଶବ୍ଦ ଲେଖିପାରିବାନାହିଁ। ତେଣୁ, ଆଲୋମର୍ଫ ସର୍ବଦା ଗୋଟିଏ ମର୍ଫ ବା ରୂପିମର ବିଭିନ୍ନରୂପ ବା ବୈକଳ୍ପିକ ରୂପ ହୋଇଥାଏ। ଏହି ଆଲୋମର୍ଫକୁ ଆମର ବ୍ୟାକରଣକାର 'ଉପରୂପ ବା ସହରୂପ' ବୋଲି କୁହାଯାଏ ।

## ୧.୮. ମର୍ଫିମ୍ ବା ରୂପିମ ଗୁଡ଼ିକର ପ୍ରକାରଭେଦ

ଭାଷା ବା ବାକ୍ୟରେ ସାର୍ଥକ ଲଘୁତମ ଏକକକୁ ରୂପିମ କୁହାଯାଏ। ରୂପିମ ଓ ସ୍ୱନିମ ଭିତରେ ଅନ୍ତର ହେଉଛି, ସ୍ୱନିମ ସାର୍ଥକ ହୋଇପାରେ ବା ନହୋଇପାରେ. କିନ୍ତୁ, ରୂପିମ ସାର୍ଥକ ହେବା ଆବଶ୍ୟକ। ଭାରତର ପ୍ରାୟ ସମସ୍ତ ଭାଷାରେ ମୁଖ୍ୟତଃ ଦୁଇ ପ୍ରକାରର ରୂପିମ ଦେଖିବାକୁ ମିଳେ। ସେଗୁଡ଼ିକ ହେଲେ ବଦ୍ଧ ରୂପିମ ଓ ମୁକ୍ତ ରୂପିମ।

### ୧.୮.୧. ବଦ୍ଧ ରୂପିମ (Bound Morphemes)

ଯେଉଁ ଧ୍ୱନି ବା ଧ୍ୱନିସମୂହ ଏକାକୀ ଅର୍ଥ ପରିପ୍ରକାଶ କରିପାରନ୍ତି ନାହିଁ; ମାତ୍ର, ଅନ୍ୟ ସହିତ ସଂଯୁକ୍ତହୋଇ ନିର୍ଦ୍ଦିଷ୍ଟ ଅର୍ଥ ପରିପ୍ରକାଶ କରିଥାନ୍ତି, ସେଗୁଡ଼ିକୁ 'ବଦ୍ଧ ରୂପିମ' କୁହାଯାଏ । ଅନ୍ୟ ଅର୍ଥରେ, ଯେଉଁସବୁ ରୂପିମ ଏକାକୀ କୌଣସି ଅର୍ଥ ପରିପ୍ରକାଶ ନକରି, ଅନ୍ୟ ଶବ୍ଦ ବା ଶବ୍ଦାଂଶ ସହିତ ସଂଯୁକ୍ତିର ଆବଶ୍ୟକ କରିଥାନ୍ତି, ସେଗୁଡ଼ିକୁ 'ବଦ୍ଧ ରୂପିମ' କୁହାଯାଏ। ଏଗୁଡ଼ିକ ବହୁଭାବେ ଶବ୍ଦର 'ମୂଳରୂପ (root form)' ଉପରେ ନିର୍ଭର କରିଥାନ୍ତି। ଉଦାହରଣ ସ୍ୱରୂପ,

ଆମ ଓଡ଼ିଆ ଭାଷାରେ -ଉଛି, -ଇଛି, -େ, -ଇଲି, ଅଣ- ପ୍ରଭୃତି ରୂପିମ ଏକାକି ନରହିପାରି 'ମୂଳଶବ୍ଦ' ସହିତ ସଂଯୁକ୍ତ ହୋଇଥାନ୍ତି, ଏବଂ ମୂଳ ଶବ୍ଦ ବିନା ଏହିସବୁ ଶବ୍ଦର କୌଣସି ଅର୍ଥ ନଥାଏ।

ଓଡ଼ିଆ ଭାଷାରେ ଏହି ଦୃଷ୍ଟିରୁ ବଦ୍ଧରୂପିମ ବହୁଭାବେ ପୂର୍ବସର୍ଗ ବା ପରସର୍ଗ ରୂପେ କାର୍ଯ୍ୟ କରିଥାନ୍ତି। ପୂର୍ବସର୍ଗ ବା ପରସର୍ଗକୁ ବ୍ୟବହାର କରି, କୌଣସି ଭାଷାର ବକ୍ତାଟିଏ, ମୂଳଶବ୍ଦରୁ ନୂଆ ଶବ୍ଦ ବ୍ୟୁତ୍ପନ୍ନ କରିଥାଏ ବା ସେହି ମୂଳଶବ୍ଦକୁ ତାହାର ବ୍ୟାକରଣିକ ନିୟମ ଅନୁସାରେ ପରିବର୍ଦ୍ଧିତ କରିଥାଏ।

ଓଡ଼ିଆରେ, ପୂର୍ବସର୍ଗଗୁଡ଼ିକ ବଦ୍ଧରୂପିମ ଅଟନ୍ତି, ଏବଂ ଏଗୁଡ଼ିକ ମୂଳ ରୂପିମର ପୂର୍ବରୁ ସଂଯୁକ୍ତ ହୋଇଥାନ୍ତି। ଯେପରିକି :

/ଉପବନ/ = /ଉପ/ + /ବନ/

/ଅପବାଦ/ = /ଅପ/ + /ବାଦ/

/ଅନୁବାଦ/ = /ଅନୁ/ + /ବାଦ/

ଅନୁରୂପଭାବେ ପରସର୍ଗ ମୂଳ ରୂପିମର ପରେ ବ୍ୟବହୃତ ହୋଇଥାଏ। ନିମ୍ନଲିଖିତ ଉଦାହରଣଗୁଡ଼ିକୁ ଏବେ ଲକ୍ଷ୍ୟ କରନ୍ତୁ :

/ରାନ୍ଧଣା/ = /ରାନ୍ଧ୍/ + /ଅଣା/

/ଖାଇବା/ = /ଖା/ + /ଇବା/

/ଅମରତ୍ୱ/ = /ଅମର/ + /ତ୍ୱ/

ଉପରୋକ୍ତ ଉଦାହରଣରେ, /ଅଣା/, /ଇବା/ ଓ /ତ୍ୱ/ ଭଳି ପରସର୍ଗ ଗୁଡ଼ିକ ବଦ୍ଧରୂପିମ ଅଟନ୍ତି ।

ମୁକ୍ତ ରୂପିମ ନିର୍ଦ୍ଦିଷ୍ଟ ଅର୍ଥ ବହନ କରୁଥିବାବେଳେ, ବଦ୍ଧରୂପିମ ତାହାର ବିଭିନ୍ନ କ୍ଷେତ୍ରରେ ବହୁ ପ୍ରକାରର ଅର୍ଥ ବହନ କରିଥାଏ। ଏହି ଦୃଷ୍ଟିରୁ ବଦ୍ଧରୂପିମ ଶବ୍ଦର ଅର୍ଥରେ ଭିନ୍ନତା ଆଣି ଭାଷାକୁ ସମୃଦ୍ଧ କରିପାରେ।

## ୧.୮.୧.୧. ବଦ୍ଧରୂପିମ ଭାବେ ଓଡ଼ିଆ କାରକ ଚିହ୍ନ

ଓଡ଼ିଆ ଭାଷାରେ 'କାରକ ଚିହ୍ନଗୁଡ଼ିକୁ' ବଦ୍ଧ ରୂପିମ ଭାବେ ଗ୍ରହଣ କରାଯାଇଛି। ଓଡ଼ିଆ କାରକ ଚିହ୍ନଗୁଡ଼ିକ ଗୋଟିଏ ଶବ୍ଦରେ ସ୍ୱାଧୀନଭାବେ ଅଲଗା ଆସିନଥାନ୍ତି; ଏବଂ, ଏଗୁଡ଼ିକ କେବଳ ବିଶେଷ୍ୟ ପଦର ଶେଷରେ ସଂଯୁକ୍ତ ହୋଇ, ବ୍ୟାକରଣିକ ନିୟମାନୁସାରରେ ସଂପୂର୍ଣ୍ଣ ନୂଆଶବ୍ଦଟିଏ ସୃଷ୍ଟି କରିଥାନ୍ତି। ଯେପରିକି, ବିଶେଷ୍ୟ ପଦର 'କର୍ତ୍ତୃକାରକ' ଓ 'ସମ୍ବୋଧ କାରକ'କୁ ଛାଡ଼ି ଅନ୍ୟ କାରକରେ ବା ପରୋକ୍ଷକ୍ତିରେ ଉକ୍ତ ପଦର ଲିଙ୍ଗ ଓ ବଚନ ଅନୁସାରେ କାରକଚିହ୍ନ ସହବନ୍ଧିତ ହୋଇଥାଏ।

| କାରକ ଚିହ୍ନ | ପୁରୁଷ-ବାଚକ | | ସ୍ତ୍ରୀ-ବାଚକ | |
|---|---|---|---|---|
| | ଏକବଚନ | ବହୁବଚନ | ଏକବଚନ | ବହୁବଚନ |
| ପ୍ରତ୍ୟେକ୍ଷ | --- | --- | --- | --- |
| ପରୋକ୍ଷ | --- | - (େ) | --- | - (େ) |

ଅନୁରୂପ ଭାବେ ସମ୍ବୋଧାର୍ଥକ ଚିହ୍ନ ବା ରୂପ, 'ହେ / ହୋ, ଆରେ' *ଇତ୍ୟାଦି ଭଳି* ସମ୍ବୋଧ, ରୂପିମର ପୂର୍ବରୁ ସଂଯୁକ୍ତ ହୋଇଥାନ୍ତି। ଏହି କ୍ରମରେ 'ବାଳକ' ଓ ବାଳିକା ଶବ୍ଦରେ କାରକଚିହ୍ନ କିପରି ପର ପ୍ରତ୍ୟୟ ରୂପେ କାର୍ଯ୍ୟ କରୁଛି, ତାହାର ବର୍ଣ୍ଣନା ନିମ୍ନରେ ପ୍ରଦାନ କରାଗଲା।

ଏଠାରେ ପରସର୍ଗ ଭାବେ ବ୍ୟବହୃତ କାରକ ଚିହ୍ନ ବିଶେଷ୍ୟପଦ ଓ କ୍ରିୟାପଦ ମଧ୍ୟରେ ରହିଥିବା ସଂପର୍କକୁ ସୂଚିତ କରୁଛନ୍ତି ।

## ୧.୮.୨. ମୁକ୍ତ ରୂପିମ (Free Morpheme)

ଯେଉଁ ରୂପିମ ଅନ୍ୟ କୌଣସି ରୂପିମର ସହାୟତା ବିନା ଭାଷାରେ ଏକାକୀ ଅର୍ଥଯୁକ୍ତ ଏକକ ଭାବେ ବ୍ୟବହାର ହୋଇପାର, ତାହାକୁ ମୁକ୍ତ ରୂପିମ କୁହାଯାଏ । ସେଗୁଡ଼ିକ ମୁଖ୍ୟତଃ ମୂଳ ରୂପିମ (root morpheme) ଅଟନ୍ତି । ଏହିସବୁ ମୂଳ ଶବ୍ଦରୂପ ସ୍ୱାଧୀନଭାବେ ଭାଷାରେ ଅର୍ଥଯୁକ୍ତ ପରିପ୍ରକାଶକ ଭାବେ ବ୍ୟବହୃତ ହେଉଥିବାରୁ, ଏଗୁଡ଼ିକୁ ମୁକ୍ତ ରୂପିମ କୁହାଯାଏ। ଓଡ଼ିଆ ଭାଷାରେ 'ଗଛ', 'ପତ୍ର', 'ବହି', 'ପିଲା', 'ଟେବୁଲ' ଇତ୍ୟଦି ମୁକ୍ତ ରୂପିମ ବିଶିଷ୍ଟ ଗୋଟିଏ ଗୋଟିଏ ଶବ୍ଦ। ଅନ୍ୟ ଅର୍ଥରେ ଏହିସବୁ କ୍ଷୁଦ୍ର ଅର୍ଥଯୁକ୍ତ ଏକକଗୁଡ଼ିକୁ ପୁନର୍ବାର ଭାଗଭାଗ କରି କ୍ଷୁଦ୍ରକ୍ଷୁଦ୍ର ଅଂଶରେ ବିଭକ୍ତ କଲେ, ସେହି କ୍ଷୁଦ୍ର ଅଂଶଗୁଡ଼ିକ ଏକ ଏକ ଧ୍ୱନି ବା ଧ୍ୱନି ସମଷ୍ଟିରେ ପରିଣତ ହେବେ; କିନ୍ତୁ, ସେଗୁଡ଼ିକ କୌଣସି ବିଶେଷ ଅର୍ଥ ପ୍ରକାଶ କରିପାରିବେ ନାହିଁ। ଯେପରିକି, 'ଗଛ' ଶବ୍ଦକୁ ଭାଙ୍ଗିଲେ ଆମେ /ଗ୍/, /ଅ/, /ଛ୍/, /ଅ/ ଧ୍ୱନି ପାଇବା।

| କାରକ ଚିହ୍ନ | ପୁରୁଷ-ବାଚକ | | ସ୍ତ୍ରୀ-ବାଚକ | |
|---|---|---|---|---|
| | ଏକବଚନ | ବହୁବଚନ | | ଏକବଚନ |
| ପ୍ରତ୍ୟେକ୍ଷ | ବାଳକ | ବାଳକେ | ବାଳିକା | ବାଳିକେ |
| ପରୋକ୍ଷ | ବାଳକ | ବାଳକମାନେ | ବାଳିକା | ବାଳିକାମାନେ |

## ୧.୮.୩. ଜଟିଳ ରୂପିମ୍ (Complex morphemes)

ଜଟିଳ ରୂପିମରେ ଏକାଧିକ ମୁକ୍ତ ମର୍ଫିମ ପରସ୍ପର ସହିତ ସଂଯୁକ୍ତ ହୋଇ ନୂଆଶବ୍ଦଟିଏ ଗଠନ କରନ୍ତି; ଏବଂ, ଏହି ନୂତନ ଶବ୍ଦ ତାହାସହ ସଂଯୁକ୍ତ ଶବ୍ଦ ବା ରୂପିମର ଅର୍ଥଠାରୁ ଭିନ୍ନ ଅର୍ଥ ପ୍ରକାଶ କରିଥାଏ। ଏହି ପଦ୍ଧତିରେ ବ୍ୟାକରଣିକ ନିୟମାନୁସାରେ ଜଟିଳ ରୂପିମ ସୃଷ୍ଟି ହୋଇଥାଏ। ଉଦାହରଣ ସ୍ୱରୂପ, ନିମ୍ନୋକ୍ତ ଜଟିଳ ରୂପିମଗୁଡ଼ିକୁ ଲକ୍ଷ୍ୟ କରନ୍ତୁ :

ବିଶେଷ୍ୟ + ବିଶେଷ୍ୟ : ବାଲି +କୁଦ = ବାଲିକୁଦ; ବିଶ୍ୱ + ବିଦ୍ୟାଳୟ = ବିଶ୍ୱବିଦ୍ୟାଳୟ

ବିଶେଷଣ + ବିଶେଷ୍ୟ : ସଜ + ଫୁଲ = ସଜଫୁଲ; ପ୍ରଧାନ + ମନ୍ତ୍ରୀ = ପ୍ରଧାନମନ୍ତ୍ରୀ

ବିଶେଷ୍ୟ + ବିଶେଷଣ : ସର୍ବ + ସାଧାରଣ =ସର୍ବସାଧାରଣ

ବିଶେଷଣ + ବିଶେଷଣ : ଶାନ୍ତ + ଶିଷ୍ଟ = ଶାନ୍ତଶିଷ୍ଟ; ଧୀର + ସ୍ଥିର = ଧୀରସ୍ଥିର

### ୧.୮.୪. ମିଶ୍ର ରୂପିମ (Mixed morphemes)

ଯେତେବେଳେ ଉଭୟ ମୁକ୍ତ ରୂପିମ ଓ ବଦ୍ଧ ରୂପିମ୍ ସମ ବା ଅସମଭାବେ ପରସ୍ପର ସହିତ ମିଶି ନୂଆ ଶବ୍ଦ ଗଠନ କରନ୍ତି, ତାହାକୁ ମିଶ୍ର ରୂପିମ କୁହାଯାଇଥାଏ। ମିଶ୍ର ରୂପିମ ଗଠନ ପ୍ରକ୍ରିୟାକୁ ନିମ୍ନଲିଖିତ ଉଦାହରଣରୁ ଲକ୍ଷ୍ୟ କରନ୍ତୁ :

କିରାଣି + ଗିରି + ଆ =କିରାଣିଗିରି + ଆ = କିରାଣିଗିରିଆ

ଏଠାରେ / କିରାଣିଗିରି / ହେଉଛି ଗୋଟିଏ ଜଟିଳ ରୂପିମ ଓ /ଆ / ଏକ ବଦ୍ଧ ରୂପିମ।

### ୧.୮.୫. ନିଷ୍ପାଦକ ରୂପିମ (Inflectional Morphemes)

ଗୋଟିଏ ନିଷ୍ପାଦକ ରୂପିମ (inflectional) ରୂପିମ ଶବ୍ଦରୂପ ବା ପ୍ରକୃତିରେ ପରିବର୍ତ୍ତନ ଆଣୁଥିବାରୁ, ଏଗୁଡ଼ିକ ସାଧାରଣତଃ ପରସର୍ଗ ଭଳି ବ୍ୟବହୃତ ହୋଇଥାନ୍ତି। ଓଡ଼ିଆଭାଷାରେ ଏହି ନିଷ୍ପାଦକ ରୂପିମ ବହୁ ସଂଖ୍ୟାରେ ରହିଛି, ଯେପରିକି:

ବହୁବଚନାନ୍ତ ବିଶେଷ୍ୟ ସୂଚକ ରୂପିମ: ମାନେ, ଗୁଡ଼ିକ, ଗୁଡାକ, ଗୁଡେ, ଗୁଡ଼ିଏ

ଅଧିକରଣ କାରକ ବିଶେଷ୍ୟ ସୂଚକ ରୂପିମ: ର, ଙ୍କର, ମାନଙ୍କର, ମାନଙ୍କ

ଅତୀତ କାଳ ଓ ଅସମାପିକା କ୍ରିୟା ସୂଚକ ରୂପିମ୍: ଗଲା, ହେଲା, ହୋଇଗଲା ଇତ୍ୟାଦି

ଓଡ଼ିଆ ରୂପତାତ୍ତ୍ୱିକ ଅଧ୍ୟୟନରେ, ତୁଳନାତ୍ମକ ବିଶେଷଣ ସୂଚକ ରୂପିମ ଯେପରି '-ତର' ଓ '-ତମ' ମଧ୍ୟ ବହୁ କ୍ଷେତ୍ରରେ ବ୍ୟବହୃତ ହୋଇଥାନ୍ତି ।

---

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 2***

---

(କ) ମର୍ଫିମ୍ ଓ ମର୍ଫ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଦର୍ଶାଅ । (30ଟି ଶବ୍ଦରେ)

(ଖ) ଆଲୋମର୍ଫର ବିଶେଷତା ନିର୍ଦ୍ଧାରଣ କର ।

(ଗ) ଓଡ଼ିଆ ଭାଷାରୁ ପାଂଚୋଟି ଲେଖାଏ ମିଶ୍ର ରୂପିମ ଓ ଜଟିଳ ରୂପିମର ଉଦାହରଣ ପ୍ରଦାନ କର ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ।

## ୧.୯. ବିଷୟବସ୍ତୁର ସାରମର୍ମ

- ଭାଷାରେ ଶବ୍ଦ, ପଦ, ଶବ୍ଦରୂପ, ପଦରୂପ ଓ ଶବ୍ଦସଂରଚନା ଇତ୍ୟାଦିର ବୈଜ୍ଞାନିକ ସମ୍ମତ ଅଧ୍ୟୟନକୁ ରୂପବିଜ୍ଞାନ କୁହାଯାଏ ।
- କୌଣସି ଭାଷାରେ ବ୍ୟବହୃତ ଯାଦୃଚ୍ଛିକ ମାତ୍ର ଅର୍ଥଯୁକ୍ତ ଧ୍ୱନିସମୂହର ସର୍ବନିମ୍ନ ଏକକକୁ ହିଁ କେବଳ 'ରୂପିମ' କୁହାଯାଇପାରେ ।

- ନିର୍ଦ୍ଦିଷ୍ଟ ବ୍ୟାକରଣିକ ବୈଶିଷ୍ଟ୍ୟକୁ ଅନୁସାରେ ଶବ୍ଦକୁ ମୁକ୍ତଶବ୍ଦ ଓ ବଦ୍ଧଶବ୍ଦ ଭଳି ଦୁଇଭାଗରେ ବିଭକ୍ତ କରାଯାଇଛି। ମୁକ୍ତ ଶବ୍ଦ ମୁକ୍ତରୂପିମରୁ ଉତ୍ପତ୍ତି, କିନ୍ତୁ ବଦ୍ଧଶବ୍ଦ ବଦ୍ଧରୂପିମର ସହାୟତାରେ ନିଷ୍ପନ୍ନ ହୋଇଥାନ୍ତି ।
- ସମସ୍ତ ରୂପିମର ପଦସଂଘଟନାରେ କିଛିନାକିଛି ଧ୍ୱନ୍ୟାତ୍ମକ ପରିବର୍ତ୍ତନ ହୋଇଥାଏ, ଏହାର ଅଧ୍ୟୟନକୁ ଆମେ ରୂପସ୍ୱନିମ ବିଜ୍ଞାନ ବା Morphophonemics ବୋଲି କହିଥାଉ । ଏଣୁ ରୂପସ୍ୱନିମ ବିଜ୍ଞାନ ବା ମର୍ଫୋଫୋନେମିକ୍ସର ଅର୍ଥ ହେଉଛି, ଦିଇଟି ରୂପ ବା ଶବ୍ଦର ମିଳନରୁ ହେବାକୁଥିବା ପରିବର୍ତ୍ତନର ଅଧ୍ୟୟନ।
- ଓଡ଼ିଆ ଭାଷାର ବ୍ୟାକରଣରେ ଯେଉଁ ରୂପିମ ଶବ୍ଦ ବ୍ୟବହାର ହୁଏ, ତାହାକୁ ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ଇଂରାଜୀରେ ତିନୋଟି ସୂକ୍ଷ୍ମ ସ୍ତରରେ ବିଭାଜନ କରାଯାଇଥାଏ; ଯଥା: ମର୍ଫିମ୍ (Morpheme), ମର୍ଫ (Morph ) ଏବଂ ଆଲୋମର୍ଫ୍ (Allomorph) ।
- ଯେଉଁ ଧ୍ୱନି ବା ଧ୍ୱନିସମୂହ ଏକାକି ଅର୍ଥ ପରିପ୍ରକାଶ କରିପାରନ୍ତି ନାହିଁ; ମାତ୍ର, ଅନ୍ୟ ସହିତ ସଂଯୁକ୍ତହୋଇ ନିର୍ଦ୍ଦିଷ୍ଟ ଅର୍ଥ ପରିପ୍ରକାଶ କରିଥାନ୍ତି, ସେଗୁଡ଼ିକୁ 'ବଦ୍ଧ ରୂପିମ' କୁହାଯାଏ । ବଦ୍ଧରୂପିମ ବହୁଭାବେ ପୂର୍ବସର୍ଗ ବା ପରସର୍ଗ ରୂପେ କାର୍ଯ୍ୟ କରିଥାନ୍ତି ।
- ଯେଉଁ ରୂପିମ ଅନ୍ୟ କୌଣସି ରୂପିମର ସହାୟତା ବିନା ଭାଷାରେ ଏକାକୀ ଅର୍ଥଯୁକ୍ତ ଏକକ ଭାବେ ବ୍ୟବହାର ହୋଇପାରେ, ତାହାକୁ ମୁକ୍ତ ରୂପିମ କୁହାଯାଏ । ଏହିସବୁ ମୂଳ ଶବ୍ଦରୂପ ସ୍ୱାଧୀନଭାବେ ଭାଷାରେ ଅର୍ଥଯୁକ୍ତ ପରିପ୍ରକାଶକ ଭାବେ ବ୍ୟବହୃତ ହୋଇଥାନ୍ତି।

ଅତଏବ, ସଂକ୍ଷିପ୍ତରେ ଶବ୍ଦରୂପ ନିର୍ମାଣର ଅଧ୍ୟୟନ ଓ ଏହାର ବ୍ୟବହାରିକ ସମ୍ବନ୍ଧିତ ଜ୍ଞାନର ବିଶ୍ଳେଷଣ ହିଁ ରୂପବିଜ୍ଞାନ । ବିଶ୍ୱରେ ହଜାର ହଜାର ଭାଷା ରହିଛି, କିନ୍ତୁ ଏଗୁଡ଼ିକ ଭିତରେ ଏକ ସାଧାରଣ ପ୍ରକ୍ରିୟା ମଧ୍ୟ ରହିଛି, ଯାହାକୁ ନୋମ୍ ଚମ୍‌ସ୍କୀ "Universal Grammar" ବୋଲି କହିଛନ୍ତି। ପୁନଃ,ପ୍ରତ୍ୟେକ ଭାଷାରେ ଯେଉଁ ବିଶଷତ୍ୱ ରହିଛି ତାହାକୁ ସାଧାରଣ ଭାଷାରେ ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ। ତେଣୁ, ରୂପବିଜ୍ଞାନ ଏକ ବ୍ୟବସ୍ଥା। ଅର୍ଥାତ୍, ଆମେ ଭାଷାର କୌଣସି କଥାକୁ ଅଲଗା କରିପାରିବାହିଁ, କାରଣ ଭାଷାରେ ପ୍ରତ୍ୟେକ ଉପାଦାନ ପରସ୍ପର ସହିତ କୌଣସି ନାଁ କୌଣସି ଦିଗରୁ ଜଡ଼ିତ। ତେଣୁ, ରୂପବିଜ୍ଞାନ ଅଧ୍ୟୟନ କରିବାପୂର୍ବରୁ, ରୂପିମର ସଂଜ୍ଞା, ବିଭିନ୍ନ ପ୍ରକାର ରୂପିମର ପରିଚୟ ଓ ଏହାର ବିଭେଦ ସଂପର୍କରେ ଅବଗତ ହେଲେ ହିଁ, ଆମେ ଆଗକୁ ଶବ୍ଦରୂପ ନିର୍ମାଣ, ବାକ୍ୟରେ ଏହି ଶବ୍ଦଗୁଡ଼ିକ ବ୍ୟବହୃତ ହେବାବେଳେ ରହିଥିବା ସମ୍ବନ୍ଧତତ୍ତ୍ୱର ସଂପର୍କ ଆଦି ବିଷୟରେ ଆଗକୁ ସ୍ପଷ୍ଟରୂପେ ଜ୍ଞାନ ପାଇପାରିବା।

## ୧.୧୦. ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା

- **ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 1 ର ଉତ୍ତର**

(କ) ରୂପବିଜ୍ଞାନ ବା 'Morphology' କହିଲେ ମାନବୀୟ ଭାଷାରେ ବ୍ୟବହୃତ ବିଭିନ୍ନ ଶବ୍ଦରୂପ ଗଠନର ବୈଜ୍ଞାନିକ ଅଧ୍ୟୟନକୁ ବୁଝାଇଥାଏ । ଅନ୍ୟଅର୍ଥରେ ପଦ ବା ରୂପ ସହିତ ସଂଶ୍ଳିଷ୍ଟ ବୈଜ୍ଞାନିକ ସମ୍ବଳିତ ଅଧ୍ୟୟନକୁ ରୂପବିଜ୍ଞାନ କୁହାଯାଏ ।

(ଖ) ରୂପବିଜ୍ଞାନ କହିଲେ ଆମେ ମାନବୀୟ ଭାଷାରେ ଶବ୍ଦରୂପ ଓ ଶବ୍ଦସଂରଚନାର ବୈଜ୍ଞାନିକ ସମ୍ମତ ଅଧ୍ୟୟନକୁ ଆମେ ବୁଝିଥାଉ। ମାତ୍ର, ରୂପିମବିଜ୍ଞାନର ଆଧାର ହେଉଛି ରୂପିମ ବା ମର୍ଫ ।

(ଗ) ଶବ୍ଦର ମୁକ୍ତରୂପ ଶବ୍ଦ ସଂଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ ଅର୍ଥକୁ ବହନ କରିଥାନ୍ତି। ଅନୁରୂପଭାବେ ବଦ୍ଧଶବ୍ଦ ବଦ୍ଧ-ରୂପିମର ସହାୟତାରେ ନିଷ୍ପାଦିତ ହୋଇଥାନ୍ତି।

- **ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2 ର ଉତ୍ତର**

(କ) ସଙ୍କେତ: ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 1.6.1 ଓ 1.6.2 କୁ ଅଧ୍ୟୟନ କରନ୍ତୁ।

(ଖ) ସଙ୍କେତ: ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 1.6.3 କୁ ଅଧ୍ୟୟନ କରନ୍ତୁ।

(ଗ) ଜଟିଳ ରୂପିମ: ବାଲିକୁଦ, ବିଶ୍ୱବିଦ୍ୟାଳୟ, ଧୀରସ୍ଥିର, ଶାନ୍ତଶିଷ୍ଟ, ସର୍ବସାଧାରଣ

## ୧.୧୧. ସହାୟକ ପୁସ୍ତକାବଳୀ


- ଧଳ, ଗୋଲୋକ ବିହାରୀ, 'ଭାଷାଶାସ୍ତ୍ର ପରିଚୟ', ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, 2013
- Laurie Bauer, 'Morphological Productivity', Cambridge University Press, 2004, ISBN: 0-511-03175-0
- Brinton, Laurel J., "The Structure of Modern English, A linguistc introduction", John Benjamins Publishing Company Amsterdam /Philadelphia, (Library of Congress Cataloging-in-Publication Data) ISBN 90 272 2567 2 (Eur.), © 2000 – John Benjamins B.V
- Paul de Lacy (Edited), 'The Cambridge Handbook of Phonology', Cambridge University Press, Cambridge, New York, Melbourne, Madrid, Cape Town, Singapore,ISBN-10 0-521-84879-2
- http://people.ciirc.cvut.cz/~hlavac/TeachPresEn/11ImageProc/71-3MatMorpholBinEn.pdf
- ସାହୁ, ପ୍ରଫେସର ବାସୁଦେବ, 'ଭାଷାବିଜ୍ଞାନର ରୂପରେଖ', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ସପ୍ତମ ପ୍ରକାଶ, 2005


## ୧.୧୨. ପାରିଭାଷିକ ଶବ୍ଦାବଳୀ

- **ରୂପବିଜ୍ଞାନ (Morphology) :** ରୂପିମର ବୈଜ୍ଞାନିକ ସମ୍ବଳିତ ଅଧ୍ୟୟନ
- **ମୁକ୍ତ ରୂପିମ :** ଯେଉଁ ରୂପିମ ଅନ୍ୟ କୌଣସି ରୂପିମର ସହାୟତା ବିନା ଭାଷାରେ ଏକାକି ଅର୍ଥଯୁକ୍ତ ଏକକ ଭାବେ ବ୍ୟବହାର ହୋଇପାରେ ।
- **ରୂପିମ :** ଭାଷାରେ ବ୍ୟବହୃତ ଯାଦୃଚ୍ଛିକ ମାତ୍ର ଅର୍ଥଯୁକ୍ତ ଧ୍ୱନିସମୂହର ସର୍ବନିମ୍ନ ଏକକ ।

## ୧.୧୩. କେତେକ ଆଦର୍ଶ ପ୍ରଶ୍ନ

(କ) ରୂପସ୍ୱନିମ ବିଜ୍ଞାନ କାହାକୁ କକହନ୍ତି, ଦର୍ଶାଅ ।

(ଖ) ରୂପବିଜ୍ଞାନ ଅଧ୍ୟୟନର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କର ।

# ଦ୍ୱିତୀୟ ଏକକ

# ରୂପବିଜ୍ଞାନ (ଶବ୍ଦରୂପ ନିର୍ମାଣ)

**ବିଷୟର ଗଠନ :**

୨.୧. ପଠନର ଉଦ୍ଦେଶ୍ୟ
୨.୨. ବିଷୟ ପରିଚୟ
୨.୩. ଲେକ୍ସିମ୍ / ଶବ୍ଦରୂପ / ଶବ୍ଦକଳ୍ପ (Lexeme / Word Form / Word Paradigm)
୨.୪. ଶବ୍ଦରୂପ ନିର୍ମାଣ ପ୍ରକ୍ରିୟା (Process Word formation)
୨.୫. ନିଷ୍ପାଦନ ଓ ଓଡ଼ିଆ ନିଷ୍ପାଦକ ରୂପିମ (Inflection and Odia Inflectional Morphemes)
୨.୬. ବ୍ୟୁତ୍ପାଦନ (Derivation) ଓ ଓଡ଼ିଆ ବ୍ୟୁତ୍ପାଦକ ରୂପିମ
୨.୭. ଶବ୍ଦର ପ୍ରକାରଭେଦ
୨.୮. ଶବ୍ଦର ଗଠନର ପ୍ରକାରଭେଦ
୨.୯. ବିଷୟବସ୍ତୁର ସାରମର୍ମ
୨.୧୦. ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା
୨.୧୧. ସହାୟକ ପୁସ୍ତକାବଳୀ
୨.୧୨. ପାରିଭାଷିକ ଶବ୍ଦାବଳୀ
୨.୧୩. କେତେକ ଆଦର୍ଶ ପ୍ରଶ୍ନ

## ୨.୧. ପଠନର ଉଦ୍ଦେଶ୍ୟ

ମହାଭାଷ୍ୟକାର ପତଞ୍ଜଳିଙ୍କ ଅନୁସାରେ, "ଶବ୍ଦ କାନରେ ପ୍ରାପ୍ତ, ବୁଦ୍ଧି ଦ୍ୱରା ଗ୍ରାହ୍ୟ ତଥା ପ୍ରୟୋଗରୁ ସ୍ଫୁରିତ ହେଉଥିବା ଆକାଶବ୍ୟାପୀ ଧ୍ୱନିସମୂହର ଏକକ"। ଏ ଅନ୍ୟଦିଗରୁ, ରୂପବିଜ୍ଞାନ ବିଶ୍ୱର ଭାଷାଗୁଡ଼ିକରେ ଶବ୍ଦଗୁଡ଼ିକ ଯେପରି ପ୍ରସ୍ତୁତ ହୋଇଥାନ୍ତି ତାହା ସହ ସମ୍ବନ୍ଧିତ । ତେଣୁ, ଏହି ଏକକର ଉଦ୍ଦେଶ୍ୟ ହେଉଛି, ଶବ୍ଦରୂପ ନିର୍ମାଣ ପ୍ରକ୍ରିୟା,ଶବ୍ଦର ସ୍ୱରୂପ ଓ ଶବ୍ଦତତ୍ତ୍ୱ ଅଧ୍ୟୟନରେ ଆପଣଙ୍କୁ ଅଭିନିବେଶ କରାଇବା ଏବଂ ନିମ୍ନଲିଖିତ ଦିଗଗୁଡ଼ିକ ସଂପର୍କରେ ଅବଗତ କରିବା :

(କ) ନୂଆ ଲେକ୍ସିମ୍ ନିର୍ମାଣ ସଂପର୍କରିତ ସାଧାରଣ ଉପାୟ ଗୁଡ଼ିକ ସଂପର୍କରେ ଜାଣିବା ;

(ଖ) ଶବ୍ଦମୂଳ ବା ପ୍ରାତିପଦିକ ବା ଧାତୁ ଓ ଏହା ସହିତ ସଂଯୁକ୍ତ ପ୍ରତ୍ୟୟ ସଂପର୍କରେ ଅବଗତ ହେବା ;

(ଗ) ଶବ୍ଦକୁ କିପରି ଭାଙ୍ଗି ରୂପିମରେ ପରିଣତ କରାଯାଇପାରିବ, ସେ ସଂପର୍କରେ ଜ୍ଞାନ ଅର୍ଜନ କରିବା ;

(ଘ) ଶବ୍ଦସଂରଚନାକୁ ନିର୍ଦ୍ଧାରଣ କରିବା ;

(ଙ) ଉଭୟ ନିଷ୍ପାଦନ ଓ ବ୍ୟୁତ୍ପାଦନ ପ୍ରକ୍ରିୟାରେ ଶବ୍ଦଗଠନର ପ୍ରକାରଭେଦ ସଂପର୍କରେ ଅବଗତ ହେବା ।

## ୨.୨. ବିଷୟ ପରିଚୟ

ଶବ୍ଦ ନିଜର ପ୍ରକୃତିରେ ସାର୍ଥକ ହେବା ସହିତ ପ୍ରୟୋଗରେ ସ୍ୱାତନ୍ତ୍ର୍ୟ ରଖିଥାଏ। ପୁନଃ କିଛି ଧ୍ୱନିସମୂହ ସ୍ୱୟଂ ପ୍ରକୃତିରେ ସାର୍ଥକ ହୋଇଥାନ୍ତି, କିନ୍ତୁ ପ୍ରୟୋଗରେ ସ୍ୱତନ୍ତ୍ର ବା ମୁକ୍ତ ହୋଇନଥାନ୍ତି। ଏଣୁ ଏଗୁଡ଼ିକୁ ଶବ୍ଦ କୁହାଯାଏ ନାହିଁ, ଯେପରିକି 'ଅଶୁଦ୍ଧି' ଶବ୍ଦରେ 'ଅ' ବା 'ପାନବାଲା' ଶବ୍ଦରେ 'ବାଲା'। ଅନ୍ୟଦିଗରୁ, ରୂପବିଜ୍ଞାନ ବିଶ୍ୱର ଭାଷାଗୁଡ଼ିକରେ ଶବ୍ଦସଂରଚନା ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ ହୋଇଥାଏ। ଆଭିଧାନିକ ଦୃଷ୍ଟିରୁ ଶବ୍ଦ ସାର୍ଥକ, ସ୍ୱତନ୍ତ୍ର ଓ କ୍ଷୁଦ୍ରତମ ଏକକ, କିନ୍ତୁ ବ୍ୟାକରଣିକ ଦୃଷ୍ଟିରୁ କ୍ଷୁଦ୍ରତମ ମାତ୍ର ସ୍ୱତନ୍ତ୍ର ଓ ସାର୍ଥକ ଏକକ ହେଉଛି 'ପଦ'। ଅତଏବ, ବାକ୍ୟରେ ପ୍ରଯୁକ୍ତ ଶବ୍ଦରୂପକୁ ପଦ କୁହାଯାଏ । ସମସ୍ତ ଭାଷାବିତ୍ ବ୍ୟାକରଣିକ ବ୍ୟବସ୍ଥାର ଅଧ୍ୟୟନକୁ ରୂପବିଜ୍ଞାନ ଓ ବାକ୍ୟବିଜ୍ଞାନ ଭାବେ ଦୁଇଟି ସ୍ତରରେ ବିଭାଜନ କରିଛନ୍ତି । ସେହିପରି ଶବ୍ଦକୁ ପଦରେ ରୂପାନ୍ତରଣ କରିବାର ପ୍ରକ୍ରିୟା ମଧ୍ୟ ରୂପବିଜ୍ଞାନର ପରିସରଭୁକ୍ତ । ଶବ୍ଦକୁ ପଦରେ ପରିବର୍ତ୍ତନ କରିବା ସମୟରେ ଶବ୍ଦରୂପରେ ପରିବର୍ତ୍ତନ ଘଟିଥାଏ ।

## ୨.୩. ଲେକ୍ସିମ୍ / ଶବ୍ଦରୂପ / ଶବ୍ଦକଳ୍ପ (Lexeme / Word Form / Word Paradigm)

ଆମେ ଯଦି କାହାକୁ ପଚାରୁ ,"ଭାଷାରେ ଶବ୍ଦ କ'ଣ?", ତେବେ ସେହି ବ୍ୟକ୍ତି ଦ୍ୱନ୍ଦ୍ୱରେ ପଡ଼ିଯିବ ନିଶ୍ଚୟ। ଆମେ ସମସ୍ତେ ଶବ୍ଦ କଣ ଜାଣନ୍ତି, ଶବ୍ଦର ତାଲିକା କରିପାରନ୍ତି, କିନ୍ତୁ ଶବ୍ଦର ପରିଭାଷା ନିର୍ମାଣରେ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି । କେହିକେହି ଶବ୍ଦକୁ ଲିଖିତ ବର୍ଣ୍ଣର ସମଷ୍ଟି କହୁଥିବାବେଳେ ଆଉ କେହିକେହି ଶବ୍ଦକୁ କଥିତରୂପର ପରିପ୍ରକାଶକ ଭାବେ ଗ୍ରହଣ କରିଥାନ୍ତି । ମାତ୍ର, ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ, ଭାଷାରେ ଏକାକି ଅର୍ଥପ୍ରକାଶ କରିପାରୁଥିବା ଏକ ବା ଏକାଧିକ ରୂପିମର ସମଷ୍ଟିକୁ ଶବ୍ଦ କୁହାଯାଇଥାଏ।

କିନ୍ତୁ, 'ଲେକ୍ସିମ (Lexemes)' କହିଲେ, ଆଭିଧାନିକ ଶବ୍ଦଗୁଡ଼ିକୁ ବୁଝାଇଥାଏ। ଏକବଚନ ବା ବହୁବଚନ, ବିଶେଷଣ ବା ସର୍ବନାମ ଇତ୍ୟାଦି ଭଳି ବ୍ୟାକରଣିକ ବୈଶିଷ୍ଟ୍ୟ ଦୃଷ୍ଟିରୁ ବିଭାଜିତ ଶବ୍ଦ ସଂଗୋଷ୍ଠୀର ପରିପ୍ରକାଶକରୁ ଲେକ୍ସିମ୍‌ର ପରିକଳ୍ପନା। ଯେପରିକି ଇଂରାଜୀରେ, "Walk, walks, walked, walking" ଗୋଟିଏ ଲେକ୍ସିମ୍‌କୁ ପ୍ରତିନିଧିତ୍ୱ କରିଥାନ୍ତି। ଆମେ ସ୍ମରଣ ରଖିପାରୁଥିବା ମାନସିକ ଅଭିଧାନକୁ ଲେକ୍ସିକନ୍ କୁହାଯାଇଥାଏ। ଆମର ଦୈନନ୍ଦିନ ଜୀବନରେ ଆମେ ବହୁତଗୁଡ଼ିଏ ଶବ୍ଦ ବ୍ୟବହାର କରି କଥାବାର୍ତ୍ତା କରିଥାଉ। ତେବେ, ଆମେ କଥାବାର୍ତ୍ତା କରୁଥିବା ସମସ୍ତ ଶବ୍ଦ ମୂଳଶବ୍ଦ ନହୋଇଥିଲେ ବି, ଆମ ମସ୍ତିସ୍କରେ କେବଳ ମୂଳଶବ୍ଦଗୁଡ଼ିକ ହିଁ ସଞ୍ଚିତ ହୋଇ ରହିଥାଏ। ଆବଶ୍ୟକ ଓ ପ୍ରସଙ୍ଗ ଅନୁସାରେ ଆମେ ସହି ମୂଳଶବ୍ଦରୂପରେ ପୂର୍ବସର୍ଗ ବା ପରସର୍ଗ ଯୋଡ଼ିଥାଉ। ପରେ, ଏହି ଶବ୍ଦରୂପଗୁଡ଼ିକୁ କୌଣସି ଭାଷାର ଲେକ୍ସିମ୍ ବା ଶବ୍ଦରୂପ କୁହାଯାଇଥାଏ। ମନେକର, ଓଡ଼ିଆରେ *'କହିବା'* ଶବ୍ଦକୁ ନିଆଯାଉ। ଏହି 'ଶବ୍ଦ' ଭିନ୍ନ ଭିନ୍ନ ବ୍ୟାକରଣିକ ପରିସ୍ଥିତିରେ 'କହେ, କହିଲା, କହୁଛି, କହିବ ଇତ୍ୟାଦି ରୂପରେ ବ୍ୟବହୃତ ହୋଇଥାଏ । ତେଣୁ, ଏଠାରେ 'କହିବା' ହେଉଛି ଲେକ୍ସିମ୍।


ଅନ୍ୟ ପକ୍ଷ୍ୟରେ, ଶବ୍ଦରୂପ (*word form) ହେଉଛି* ପାଠ୍ୟଗତ ଶବ୍ଦ (Textual word)। ଶବ୍ଦରୂପଗୁଡ଼ିକ ବାସ୍ତବ ଅର୍ଥାତ୍, ଶବ୍ଦର ଏହିରୂପକୁ ଯଥାର୍ଥରୂପେ ଉଚ୍ଚାରଣ କରାଯାଇ ପାଠରେ ବ୍ୟବହାର କରାଯାଇଥାଏ। ତେଣୁ, ପାଠରେ ବ୍ୟବହୃତ ପ୍ରତ୍ୟେକ ଶବ୍ଦ ଗୋଟିଏ ଗୋଟିଏ ଲେକ୍ସିମ୍‌ର ଅନ୍ତର୍ଭୁକ୍ତ ଅଟନ୍ତି। ଅତଏବ, ମୂଳଶବ୍ଦ ସହିତ ପ୍ରତ୍ୟେକ ସମ୍ଭାବ୍ୟ ଶବ୍ଦ ଯାହା ଉକ୍ତ ମୂଳରୂପରୁ ବ୍ୟୁତ୍ପାଦିତ ହୋଇପାରିବ, ସେ ସବୁଗୁଡ଼ିକୁ ଗୋଟିଏ ଗୋଟିଏ ଶବ୍ଦରୂପ କୁହାଯାଇଥାଏ। ଓଡ଼ିଆ ଭାଷାରେ ଉଦାହରଣ ସ୍ୱରୂପ, 'କହିବା, କହୁଛି, କହେ, କହିଲା' ସବୁଗୁଡ଼ିକ "କହିବା" ଲେକ୍ସିମ୍‌ର ଶବ୍ଦରୂପ ହେବେ।

ମାତ୍ର, 'ଶବ୍ଦକଳ୍ପ (word paradigm)' ଏକ ଯଥାର୍ଥ ସଂଖ୍ୟକ ଶବ୍ଦରୂପର ସମଷ୍ଟିକୁ ବୁଝାଇଥାଏ। ତେଣୁ, ବହୁ ସମୟରେ ଗୋଟିଏ ଲେକ୍ସିମ୍ ଅଧୀନସ୍ଥ ଶବ୍ଦରୂପ ଗୁଡ଼ିକର ସମଷ୍ଟିକୁ ମଧ୍ୟ ଶବ୍ଦକଳ୍ପ ବା ପାରାଡାଇମ୍ କୁହାଯାଇଥାଏ। ଉଦାହରଣ ସ୍ୱରୂପ, ଉପରୋକ୍ତ 'କହିବା' ଲେକ୍ସିମ୍‌ର ଶବ୍ଦରୂପକୁ ଛାଡ଼ି ଏହା ସହିତ ଆହୁରି ଅନେକ ସ୍ୱାଧୀନ ଲେକ୍ସିମ୍ ଯେପରିକି 'କହିବାରୁ, କହିବାକୁ, କହିକହି, କହୁକହୁ, କୁହାଯିବା, କହିଥିବା, କହିବାଯୋଗ୍ୟ' ଇତ୍ୟାଦି ମଧ୍ୟ ଶବ୍ଦକଳ୍ପର ଅନ୍ତର୍ଭୁକ୍ତ ହୋଇପାରନ୍ତି।

## ୨.୪. ଶବ୍ଦରୂପ ନିର୍ମାଣ ପ୍ରକ୍ରିୟା (Process of Word formation)

Oxford American Dictionary ଶବ୍ଦର ପରିଭାଷା ନିର୍ମାଣ କରି କହିଛି, "A single distinct meaningful element of speech or writing used with others (or sometimes alone) to form a sentence and typically shown with a space on either side when written or printed."। ଶବ୍ଦଟିଏ ସାଧାରଣତଃ (କ) ଗୋଟିଏ ରୂପିମ ବା (ଖ) ଗୋଟିଏ ମୂଳ ରୂପିମ ସହିତ ଏକ ବା ଏକାଧିକ ବଦ୍ଧ ରୂପିମ୍ ବା (ଗ) ଏକାଧିକ ମୂଳ ରୂପିମକୁ ନେଇ ଗଠିତ ହୋଇଥାଏ। ଓଡ଼ିଆରେ ବଦ୍ଧ ରୂପିମ୍ ଗୁଡ଼ିକ ସାଧାରଣତଃ ପୂର୍ବସର୍ଗ ବା ପରସର୍ଗ ଭାବେ ବ୍ୟବହୃତ ହୋଇଥାନ୍ତି। ଶବ୍ଦର ମୂଳରୂପ ବା ଧାତୁରୂପ ପରେ ରୂପତାତ୍ତ୍ୱିକ ନିୟମାନୁଯାଇ ଶବ୍ଦର ଆଧାର (Base) ପ୍ରସ୍ତୁତ କରନ୍ତି; ମାତ୍ର, ମୂଳରୂପ ହୋଇନଥିବା ରୂପିମ ଏହା କରିପାରନ୍ତି ନାହିଁ।

ଅନ୍ୟାନ୍ୟ ଭାଷା ଭଳି, ଓଡ଼ିଆ ଭାଷାରେ ଶବ୍ଦ ନିର୍ମାଣ ମଧ୍ୟ ଏକାଧିକ ମର୍ଫିମ୍ ସଂଯୋଗରୁ ହୋଇଥାଏ। ତେବେ, ଏହି ଶବ୍ଦ ନିର୍ମାଣ ପ୍ରକ୍ରିୟାରେ ସାଧାରଣତଃ ପାଞ୍ଚୋଟି ରୂପତାତ୍ତ୍ୱିକ ପ୍ରକ୍ରିୟା ଦେଖିବାକୁ ମିଳେ; ଯଥା: ନିଷ୍ପାଦନ (inflection), ବ୍ୟୁତ୍ପାଦନ (derivation), ଦ୍ୱୈତକଥନ (reduplication), ଧ୍ୱନ୍ୟାତ୍ମକ ପୁନରୁକ୍ତି (echo formation) ଓ ସଙ୍କୋଚନ (contraction)। ଏହି ପ୍ରକ୍ରିୟାକୁ ନିମ୍ନସ୍ଥ ରେଖାଚିତ୍ର ମାଧ୍ୟମରେ ଦେଖାଯାଇପାରେ।



ଓଡ଼ିଆରେ ଶବ୍ଦରୂପ ଗଠନରେ ଉଭୟ ପୂର୍ବସର୍ଗ ଓ ପରସର୍ଗ ଭୂମିକା ଗ୍ରହଣ କରିଥାନ୍ତି । ପୂର୍ବସର୍ଗ ଶବ୍ଦରୂପର ବିଶେଷଣ, କ୍ରିୟାବିଶେଷ୍ୟ, ସାମୂହିକତା ଇତ୍ୟାଦି ବୈଶିଷ୍ଟ୍ୟକୁ ସୂଚିତ କରୁଥିବାବେଳେ, ପରସର୍ଗ ଗୁଡ଼ିକ ଲିଙ୍ଗ, ବଚନ, କାରକ, କାଳ, ସମ୍ଭାବନା ଇତ୍ୟାଦି ଦିଗକୁ ନିର୍ଦ୍ଦେଶିତ କରିଥାନ୍ତି; ଉଦାହରଣ ସ୍ୱରୂପ, ଯଦି ଆମେ ଓଡ଼ିଆ ଶବ୍ଦରୂପ 'ଗଛରୁ' ବିଶ୍ଳେଷଣ କରୁ, ତେବେ ଏହାର :

ଆଧାର-ଶବ୍ଦ (Base-word ବା Bw): ଗଛ

ପୂର୍ବସର୍ଗ (Prefix ବା Px): ଶୂନ୍ୟ

ପରସର୍ଗ (Suffix ବା Sx): ରୁ

ବ୍ୟୁତ୍ପାଦିତ ଶବ୍ଦ (Derived Word ବା Dw): 'ଗଛରୁ' ହେବ।

ଓଡ଼ିଆରେ ଲେକ୍ସିକନ୍ ନିର୍ମାଣ କରିବାବେଳେ, ଆମେ ଯେଉଁ ଶବ୍ଦାବଳିକୁ ବିଶ୍ଳେଷଣ କରୁ, ତାହାକୁ ଦୃଷ୍ଟିଦେଲେ ଉକ୍ତ ଶବ୍ଦାବଳି ସାଧାରଣତଃ ଦୁଇପ୍ରକାର ମିଳିଥାଏ । ସେଥିରୁ କେତେକ ନିୟମିତ ଶବ୍ଦରୂପ ନିୟମକୁ ଅନୁସରଣ କରୁଥିବାବେଳେ ଆଉ କେତେକ ଭିନ୍ନ ହୋଇଥାନ୍ତି । ଏହି ନିୟମିତ ଶବ୍ଦରୂପ ଗୁଡ଼ିକ ଗୋଟିଏ ଶବ୍ଦକକ୍ଷର ଅଧୀନରେ ଆସିଥାନ୍ତି, ଯାହାର ଆଧାରମୂଲ୍ୟ ବଦଳୁଥିବାବେଳେ ପୂର୍ବସର୍ଗ, ପରସର୍ଗ ବା ଅନ୍ୟ କିଛି ଭଳି ଗୋଟିଏ ପ୍ରାଥମିକ ମୂଲ୍ୟ ସ୍ଥିର ରହିଥାଏ । ଅନ୍ୟ ଦିଗରୁ ଅନିୟମିତ ଶବ୍ଦରୂପ ଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ୟାକରଣିକ ପୃଷ୍ଠଭୂମିରେ ପୂର୍ବସର୍ଗ, ପରସର୍ଗ ବା ସମୁଦାୟ ଶବ୍ଦରୂପରେ ପରିବର୍ତ୍ତନ ଆଣିଥାନ୍ତି। ଉଦାହରଣ ସ୍ୱରୂପ, 'ଯିବା' କ୍ରିୟା ଅତୀତ କାଳରେ "ଗଲା" ରୂପ ଗ୍ରହଣ କରିଥାଏ । ଏହିଦୃଷ୍ଟିରୁ ନିମ୍ନରେ କେତେକ ସାଂକେତିକ ରୂପତାତ୍ତ୍ୱିକ ନିୟମକୁ ଲକ୍ଷ୍ୟ କରନ୍ତୁ ;

ଆଧାର ଶବ୍ଦ (Base) + ପରପଦ(Suffix)

(ଆଧାର ଶବ୍ଦ + ପରପଦ) + ପରପଦ

ପୂର୍ବପଦ + ଆଧାର ଶବ୍ଦ

ପୂର୍ବପଦ + ଆଧାର ଶବ୍ଦ + ପରପଦ

ପ୍ରାତିପଦିକ/ଶାଖାପଦ 1 + ଅନ୍ତଃପଦ + ପ୍ରାତିପଦିକ /ଶାଖାପଦ 2

ନିୟମିତ ଶବ୍ଦରୂପର ନିୟମଗୁଡ଼ିକ ହେଲା :

| | | |
|---|---|---|
| ab | Abab | |
| X(ab) | XabXab | X(ab)Y |

ଏଠାରେ X ଓ Y ଯଥାକ୍ରମେ ପୂର୍ବସର୍ଗ ଓ ପରସର୍ଗ ଅଟନ୍ତି । ଏହି ନିୟମାନୁସାରେ "ab" କୁ ମୂଳରୂପ ବା ପ୍ରକୃତି (root) ଭାବେ ଗ୍ରହଣ କରାଯାଇପାରେ । ଏଠାରେ ଆଧାରମୂଲ୍ୟ ବା ପ୍ରକୃତି "ab" ସ୍ଥିର ରହିବ ଓ ଏହାର ବ୍ୟୁତ୍ପାଦିତ ରୂପ ଉପରୋକ୍ତ ମତେ ପ୍ରସ୍ତୁତ ହେବେ ।

ମାତ୍ର, ଅନିୟମିତ ଶବ୍ଦରୂପର ଶାବ୍ଦିକ ନିୟମ (Lexical rules) ବିଶେଷ କ୍ଷେତ୍ରରେ ବହୁଭାବେ ପରିବର୍ତ୍ତିତ ହୋଇଥାଏ। କେତେକ ଶବ୍ଦ ସଂପୂର୍ଣ୍ଣରୂପେ ଅନିୟମିତ ବା କୌଣସି ନିୟମିତ ନିୟମର ପରିଧିରେ ଆସୁନଥିବାବେଳେ, ଆଉ କେତେକ ଆଂଶିକ ରୂପେ ପରିବର୍ତ୍ତିତ ହୋଇଥାନ୍ତି। ଅର୍ଥାତ୍, ଏହି କ୍ଷେତ୍ରରେ ଶବ୍ଦର ମୂଳରୂପ 'X' ସିଧାସଳଖ

ମୂଳରୂପ 'Y' ରେ ପରିବର୍ତ୍ତିତ ହୋଇଯାଏ ଏବଂ ପରେ ନିୟମିତ ବ୍ୟୁତ୍ପାଦନ ନିୟମକୁ ଗ୍ରହଣ କରିଥାଏ । ଏହି କ୍ଷେତ୍ରରେ ମୂଳରୂପ 'Y' ର ମୂଳରୂପ 'X' ଶହିତ କୌଣସି ସଂପର୍କ ନଥାଏ।

| ବ୍ୟୁତ୍ପାଦନ ନିୟମ | ଉଦାହରଣ |
|---|---|
| X > Y | ଯିବା > ଯା |
| (Y) a | (ଯା)ଏ = ଯାଏ |
| (Y) ab | (ଯା)(ଏ)ନାହିଁ= ଯାଏନାହିଁ |

ତେବେ, ଏହି ସଂରଚନା ଲିଙ୍ଗ, ବଚନ ଇତ୍ୟାଦି ଭଳି ଯେକୌଣସି ସ୍ଥିରାଙ୍କ ଉପରେ ନିର୍ଭର କରିଥାଏ।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ: 1***

(କ) ଶବ୍ଦ ଓ ପଦ ମଧ୍ୟରେ ରହିଥିବା ପାର୍ଥକ୍ୟ ନିରୂପଣ କର । (30ଟି ଶବ୍ଦରେ)

(ଖ) ଲେକ୍ସିମ୍, ଶବ୍ଦରୂପ ଓ ଶବ୍ଦକଳ୍ପକୁ ବୁଝାଇଦିଅ ।

(ଗ) ଶବ୍ଦରୂପ ନିର୍ମାଣ ପ୍ରକ୍ରିୟା ସଂପର୍କରେ ଆଲୋଚନା କର ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## ୨.୫. ନିଷ୍ପାଦନ ଓ ଓଡ଼ିଆ ନିଷ୍ପାଦକ ରୂପିମ (Inflection and Odia Inflectional Morphemes)

ନିଷ୍ପାଦନ ପ୍ରକ୍ରିୟାରେ, ଶବ୍ଦଗୁଡ଼ିକ ବଦ୍ଧରୂପିମ ସାହାଯ୍ୟରେ ପ୍ରସ୍ତୁତ ହୁଏ; ଏବଂ, ଏହି ବଦ୍ଧ ରୂପିମଗୁଡ଼ିକ ନିଷ୍ପାଦକ ସର୍ଗ (inflectional affixes)ରେ ପରିଗଣିତ ହୁଅନ୍ତି। ପୁନଃ ମୂଳଶବ୍ଦଟି ଯେଉଁ ପାରାଡାଇମ୍ ବା ବର୍ଗର ଅନ୍ତର୍ଭୁକ୍ତ ହୋଇଥାଏ, ନିଷ୍ପାଦିତ ଶବ୍ଦଗୁଡ଼ିକ ସେହିବର୍ଗର ଶବ୍ଦରୂପେ ପରିଗଣିତ ହୋଇଥାନ୍ତି। ଆମ ଓଡ଼ିଆ ବ୍ୟାକରଣରେ ଅନେକ ବ୍ୟାକରଣକାର ଏହି ନିଷ୍ପାଦକ ସର୍ଗକୁ 'ପ୍ରତ୍ୟୟ' ବୋଲି କହିଛନ୍ତି। ମାତ୍ର, ଆଗକୁ ଭାଷା ସଂସାଧନ ପ୍ରକ୍ରିୟାରେ ଏହି ସର୍ଗ ସବୁ ସମୟରେ ପ୍ରତ୍ୟୟର ବୈଶିଷ୍ଟ୍ୟକୁ ଅନୁସରଣ ନକରୁଥିବା ଦେଖାଯିବାରୁ, ଆମକୁ ଆଗକୁ ଏହାକୁ 'ନିଷ୍ପାଦକ ରୂପିମ' ଭାବେ ଗ୍ରହଣ କରିବାକୁ ହେବ।

| ପ୍ରକୃତି / ମୂଳଶବ୍ଦ+ | ପରପଦ | ନିଷ୍ପାଦକ ଶବ୍ଦ (Inflectional word) |
|---|---|---|
| ଛାତ୍ର | /-ମାନେ/ | ଛାତ୍ରମାନେ |
| କବି | /-ମାନେ/ | କବିମାନେ |
| ବାଳକ | /-ମାନେ/ | ବାଳକମାନେ |
| ଛେଳି | /-ଗୁଡ଼ିକ/ | ଛେଳିଗୁଡ଼ିକ |
| ବାକ୍ସ | /-ଗୁଡ଼ିକ/ | ବାକ୍ସଗୁଡ଼ିକ |

ଅନ୍ୟ ଅର୍ଥରେ, ନିଷ୍ପାଦନ ଓ ବିଭକ୍ତ୍ୟାନ୍ତ ଭାଷାରେ ସାଧାରଣତଃ ନିଷ୍ପାଦକ ରୂପିମ ଗୁଡ଼ିକ (Inflectional morphemes) ବଦ୍ଧରୂପିମ୍ ହୋଇଥାନ୍ତି । ନିଷ୍ପାଦକ ରୂପିମ ବ୍ୟାକରଣିକ ନିୟମ ଉପରେ ପର୍ଯ୍ୟବଶିତ ହୋଇଥାଏ। ଗୋଟିଏ ନିଷ୍ପାଦକ ରୂପିମ, ଶବ୍ଦ ଓ ବାକ୍ୟ ମଧ୍ୟରେ ବ୍ୟାକରଣିକ ଯୋଗସୂତ୍ର ସ୍ଥାପନ କରିଥାଏ; ଉଦାହରଣ ସ୍ୱରୂପ, ବିଭକ୍ତି ସୂଚକ, ଲିଙ୍ଗ ସୂଚକ, କାଳ ସୂଚକ, ବଚନସୂଚକ ଭଳି ରୂପିମଗୁଡ଼ିକ ବାକ୍ୟକୁ ତାହାର ଯଥାର୍ଥ ସଂରଚନା ଓ ଅର୍ଥ ତଥା ଭାବପୂର୍ଣ୍ଣ ଢଙ୍ଗରେ ସଂପୂର୍ଣ୍ଣ କରିବାରେ ସାହାଯ୍ୟ କରିଥାନ୍ତି । କେତେକ ଭାଷାରେ, ଏହିସବୁ ରୂପିମ ଅଲଗା ଶବ୍ଦ ବା ମୁକ୍ତ ରୂପିମ ଭଳି ବ୍ୟବହୃତ ହେଉଥିବାବେଳେ, ଓଡ଼ିଆ ଭଳି ଆଉକେତେକ ଭାଷାରେ ଏଗୁଡ଼ିକ ସରଳ ହେଲେବି ଜଟିଳଭାବେ ମୂଳଶବ୍ଦ ସହିତ ସହବନ୍ଧିତ ହୋଇଥାନ୍ତି । ତେଣୁ, ନିଷ୍ପାଦକ ଶବ୍ଦ ଗଠନ କହିଲେ, ବଚନ (ଭାଷା ଅନୁଯାୟୀ ଏକବଚନ, ଦ୍ୱିବଚନ ବା ବହୁବଚନ), କାଳ (ବର୍ତ୍ତମାନ ବା ଅତୀତ), ପୁରୁଷ (ପ୍ରଥମ, ଦ୍ୱିତୀୟ ବା ତୃତୀୟ) ଓ କାରକ ଭଳି ବ୍ୟାକରଣିକ ବୈଶିଷ୍ଟ୍ୟ ପରିପ୍ରକାଶ ହେଉଥିବା ପ୍ରକ୍ରିୟାକୁ ବୁଝାଇଥାଏ। ଓଡ଼ିଆ ଭାଷାରେ ଏହି ନିଷ୍ପାଦକ ରୂପିମ ନୂଆ ଲେକ୍ସିମ୍ ବା ଆଭିଧାନିକ ଶବ୍ଦ ଗଠନରେ ସାହାଯ୍ୟ କରିନପାରିଲେ ବି ବିଭିନ୍ନ ବ୍ୟାକରଣିକ ପ୍ରସଙ୍ଗରେ କୌଣସି ଏକ ଲେକ୍ସିମର ତଦନୁରୂପ ବ୍ୟାକରଣିକ ଶବ୍ଦରୂପ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ। ତେଣୁ, ଏହା ଶବ୍ଦର ବୈଶିଷ୍ଟ୍ୟକୁ ବିସ୍ତାର କରିଥାଏ।

## ୨.୬. ବ୍ୟୁତ୍ପାଦନ (Derivation) ଓ ଓଡ଼ିଆ ବ୍ୟୁତ୍ପାଦକ ରୂପିମ

ବ୍ୟୁତ୍ପାଦନ ପ୍ରକ୍ରିୟା ସାଧାରଣତଃ ବ୍ୟୁତ୍ପାଦିତ ଶବ୍ଦ କିପରି ତାହାର ଶାଖାଶବ୍ଦଗୁଡ଼ିକ (stems) ରୁ ଉତ୍ପନ୍ନ ହୋଇଛି, ତାହାକୁ ପରିପ୍ରକାଶ କରିଥାଏ। ଏହି ପ୍ରକ୍ରିୟାରେ ସାଧାରଣତଃ ସଂଯୋଜନ (compounding) ଓ ବ୍ୟୁତ୍ପାଦନ (derivation) ଭଳି ଦୁଇଟି ପ୍ରକ୍ରିୟା ଦେଖିବାକୁ ମିଳେ ।

### କ. **ସଂଯୋଜନ (Compounding)**

ସଂଯୋଜନ ବା ଯୌଗିକତା (Compounding) ହେଉଛି ଅନ୍ୟତମ ବ୍ୟୁତ୍ପାଦନ ପ୍ରକ୍ରିୟା। ଏଥିରେ ଗୋଟିଏ ଶାଖାଶବ୍ଦ (stem) ଦୁଇଟି ମୂଳଶବ୍ଦକୁ ନେଇ ଗଠିତ ହୋଇଥାଏ ଏବଂ ଉକ୍ତ ଶାଖାଶବ୍ଦଟି ସେହି ମୂଳଶବ୍ଦଗୁଡ଼ିକ ଭିତରୁ କୌଣସି ଗୋଟିଏ ଶବ୍ଦ ବର୍ଗର ଅନ୍ତର୍ଭୁକ୍ତ ହୋଇଥାଏ।

| ଶବ୍ଦ -1 | ଶବ୍ଦ-2 | ସଂଯୋଜ୍ୟ (Compound) |
|---|---|---|
| ଛପର[ବିଶେଷ୍ୟ] | ଘର[ବିଶେଷ୍ୟ ] | ଛପରଘର |
| ଥଣ୍ଡା [ବିଶେଷଣ] | ପାଣି[ବିଶେଷ୍ୟ ] | ଥଣ୍ଡାପାଣି |
| କାଠ[ବିଶେଷ୍ୟ] | ଘୋଡ଼ା[ବିଶେଷ୍ୟ] | କାଠଘୋଡ଼ା |
| ମେଣ୍ଢା[ବିଶେଷ୍ୟ] | ଶାଳ [ବିଶେଷ୍ୟ] | ମେଣ୍ଢାଶାଳ |
| ଆମ୍ବ [ବିଶେଷ୍ୟ] | ତୋଟା[ବିଶେଷ୍ୟ] | ଆମ୍ବତୋଟା |

**ଖ. ବ୍ୟୁତ୍ପାଦନ (Derivation)**

ବ୍ୟୁତ୍ପାଦନ ପ୍ରକ୍ରିୟାର ମୂଳ କାର୍ଯ୍ୟଧାରା ହେଉଛି ଗୋଟିଏ ଭାଷାରେ ନୂଆ ଲେକ୍ସିକନ୍ ପ୍ରସ୍ତୁତ କରିବା । ମୂଳଶବ୍ଦ ବା ଶାଖାଶବ୍ଦ ସହିତ ସଂଯୁକ୍ତ ହୋଇ ଯେଉଁ ନୂତନ ଶବ୍ଦ ବା ଲେକ୍ସିକନ୍ ଗଠନ କରନ୍ତି, ତାହା ମଧ୍ୟ ସଂପୂର୍ଣ୍ଣ ନୂଆ ଗୋଟିଏ ଅର୍ଥ ବହନ କରିଥାଏ । ସାଧାରଣତଃ, ମୁକ୍ତ ବର୍ଗର ଶବ୍ଦଗୁଡ଼ିକ ଶବ୍ଦଗଠନ ରୀତି ମାଧ୍ୟମରେ ବିସ୍ତାରିତ ହୋଇଥାନ୍ତି । ବାୱେର (Bauer (2001))ଙ୍କ ମତରେ "A derivational morpheme is the morpheme which produces a new lexeme from a base." ***(2)*** ବ୍ୟୁତ୍ପାଦିତ ରୂପିମଗୁଡ଼ିକ ବଦ୍ଧରୂପିମ ଅଟନ୍ତି; ଏବଂ, ଏଗୁଡ଼ିକ ଅର୍ଥରେ ବା ପଦରୂପରେ ପରିବର୍ତ୍ତନ କରାଇ ନୂଆଶବ୍ଦର ବ୍ୟୁତ୍ପାଦନ ବା ନିର୍ମାଣରେ ସାହାଯ୍ୟ କରିଥାନ୍ତି । ଏଠାରେ, କେତେକ ଶବ୍ଦର ବ୍ୟୁତ୍ପାଦନ ପ୍ରକ୍ରିୟାକୁ ଲକ୍ଷ୍ୟ କରନ୍ତୁ

| ପୂର୍ବପଦ | ବିଶେଷ୍ୟ | ପରପଦ | ବ୍ୟୁତ୍ପାଦିତ |
|---|---|---|---|
| .... | ମୁନି | /ଅ (-a)/ | ମୌନ |
| .... | ବିଜ୍ଞାନ | /-ଇକ/ | ବୈଜ୍ଞାନିକ |
| ..... | ଚାକର | /-ଆଣୀ/ | ଚାକରାଣୀ |
| | ମିଛ | /-ଉଆ/ | ମିଛୁଆ |
| /ଅଣ-/ | ନାତି | /-ଆ/ | ଅଣନାତିଆ |

**(ଗ) ଦ୍ୱୈତକଥନ (Reduplication)**

ଦ୍ୱୈତକଥନ ପ୍ରକ୍ରିୟାରେ ଗୋଟିଏ ମୂଳଶବ୍ଦରୂପ ବା ତାହାର ଅଂଶବିଶେଷ ସେହି ମୂଳଶବ୍ଦସହିତ ପୁନଃ ସଂଯୁକ୍ତ ହୋଇଥାଏ। ଲରେଲ୍ ଯେ. ବ୍ରିଣ୍ଟନ (Laurel J. Brinton)ଙ୍କ ଅନୁସାରେ, "Reduplication is a process similar to derivation, in which the initial syllable or the entire word is doubled, exactly or with a slight morphological change."(Structure of English: A Linguistic Introduction (1991, p.91)) (3) ତେବେ, ଏହିପ୍ରକାରେ ଓଡ଼ିଆ ଭାଷାରେ ବହୁ ଶବ୍ଦ ଗଠିତ ହୋଇଥାନ୍ତି। ଯାହାର ଏକ ନମୂନା ନିମ୍ନରେ ପ୍ରଦାନ କରାଗଲା।

| ପ୍ରଥମ ଶବ୍ଦ | ଦ୍ୱିତୀୟ ଶବ୍ଦ | ଦ୍ୱେତକଥନ |
|---|---|---|
| ପଢୁ | ପଢୁ | ପଢୁପଢୁ |
| କହୁ | କହୁ | କହୁକହୁ |
| ଶୁଣୁ | ଶୁଣୁ | ଶୁଣୁଶୁଣୁ |
| ଚକ୍ | ଚକ୍ | ଚକ୍‌ଚକ୍ |

**(ଘ) ଧ୍ୱନ୍ୟାତ୍ମକ ପୁନରୁକ୍ତି (Echo-formation)**

କୌଣସି ଗୋଟିଏ ଫୋନିମ୍ ବା ଧ୍ୱନିର ଆଂଶିକ ବା ସଂପୂର୍ଣ୍ଣ ବାରମ୍ବାରତା ହେତୁ ଗଠିତ ଶବ୍ଦକୁ ଧ୍ୱନ୍ୟାତ୍ମକ ପୁନରୁକ୍ତି ଶବ୍ଦ କୁହାଯାଏ । ଏହି ପ୍ରକ୍ରିୟାରେ, ମୂଳ ଧ୍ୱନି ବା ସିଲାବଲ୍ ସ୍ଥାନରେ ଅନ୍ୟଏକ ସିଲାବଲ୍ ବା ଧ୍ୱନି ସ୍ଥାନଗ୍ରହଣ କରିଥାଏ, ଯାହାର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନଥାଏ । ନିମ୍ନସ୍ଥ ଉଦାହରଣକୁ ଦେଖନ୍ତୁ ।

| ପ୍ରଥମ ବିଶେଷ୍ୟ | ଦ୍ୱିତୀୟ ବିଶେଷ୍ୟ | ଧ୍ୱନ୍ୟାତ୍ମକ ପୁନରୁକ୍ତି |
|---|---|---|
| ଗବେଷଣା | ଫବେଷଣା | ଗବେଷଣା-ଫବେଷଣା |
| ମାଛି | ଫାଛି | ମାଛିଫାଛି |
| ଲୁଣ | ଫୁଣ | ଲୁଣଫୁଣ |
| ବାଟ | ଘାଟ | ବାଟଘାଟ |

### (ଙ) ସଂକୋଚନ (Contraction)

ଶବ୍ଦ ସହିତ ଶବ୍ଦର ସମନ୍ୱୟରେ ଉଭୟ ଶବ୍ଦ ଭିତରୁ ମୂଳଶବ୍ଦରୁ ଗୋଟିଏ ସିଲାବଲ୍ ବା ଧ୍ୱନିର ସଂକୋଚନ (Contraction) ପ୍ରକ୍ରିୟାରେ ଲୋପ ଘଟିଥାଏ। ଏହି ପ୍ରକ୍ରିୟା ବିଶେଷକରି ଓଡ଼ିଆ ବ୍ୟାକରଣର 'ସନ୍ଧି' ନିୟମକୁ ଅନୁସରଣ କରି କାର୍ଯ୍ୟ କରିଥାଏ। ଓଡ଼ିଆ ଭାଷାରୁ ଉଦାହରଣ

| ମୂଳଶବ୍ଦ | ଶାଖାଶବ୍ଦ | ସଂକୋଚନ |
|---|---|---|
| ଜଗତ | ନାଥ | ଜଗନ୍ନାଥ |
| ମନଃ | ତାପ | ମନସ୍ତାପ |
| ପୀତ | ଅମ୍ବର | ପୀତାମ୍ବର |

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 2***

(କ) ବ୍ୟୁତ୍ପାଦନ ପ୍ରକ୍ରିୟା ଓ ଓଡ଼ିଆ ବ୍ୟୁତ୍ପାଦନ ରୂପିମ ସଂପର୍କରେ ଲେଖ। (30ଟି ଶବ୍ଦରେ)।

(ଖ) ଧ୍ୱନ୍ୟାତ୍ମକ ପୁନରୁକ୍ତିରୁ କିପରି ନୂତନ ଶବ୍ଦ ନିର୍ମାଣ ହୁଏ, ଆଲୋଚନା କର ।

(ଗ) ଶବ୍ଦଗଠନ ପ୍ରକ୍ରିୟାରେ ସଂଯୋଜନ ବା Compounding ର ଭୂମିକା ସ୍ଥିର କର ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## ୨.୭. ଶବ୍ଦର ପ୍ରକାରଭେଦ (Types of Odia Word)

ଭାଷାରେ ଶବ୍ଦ ହେଉଛି ସର୍ବନିମ୍ନ ସ୍ୱାଧୀନରୂପ। ତାହା ସରଳ, ଯୌଗିକ ବା ଜଟିଳ ହୋଇପାରେ। ଯୌଗିକ ଶବ୍ଦଟିଏ, ଦୁଇ ବା ତତୋଧିକ ସରଳଶବ୍ଦର ସମନ୍ୱୟରେ ସୃଷ୍ଟି ହୋଇଥାଏ। ମାତ୍ର, ଜଟିଳ ଶବ୍ଦ ଗୋଟିଏ ମୁକ୍ତ ରୂପିମ ବା ଶବ୍ଦ ସହିତ ଏକ ବା ଏକାଧିକ ବଦ୍ଧ ରୂପିମ, ବେଳେବେଳେ ଦୁଇ ବା ତତୋଧିକ ବଦ୍ଧ ରୂପିମ ମିଶି ଜଟିଳ ଶବ୍ଦ (complex word) ପ୍ରସ୍ତୁତ କରିଥାନ୍ତି।

### (କ) ସରଳ ଶବ୍ଦ (Simple word)

ଓଡ଼ିଆରେ ସରଳ ଶବ୍ଦଟିଏ ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା, କ୍ରିୟା ବିଶେଷଣ ବା ଅବ୍ୟୟ ଭଳି ଯେକୌଣସି ପଦ ହୋଇପାରେ । ଏପରିକି ବହୁ ସରଳ ଶବ୍ଦ ମଧ୍ୟ ଏକାଧିକ ପଦଭାବେ ବାକ୍ୟରେ ବ୍ୟବହୃତ ହୋଇଥାନ୍ତି । ଓଡ଼ିଆରେ କେତେକ ସରଳ ଶବ୍ଦ :

| ଶବ୍ଦ | ବିଶେଷ୍ୟ | କ୍ରିୟା | ବିଶେଷଣ | କ୍ରିୟା ବିଶେଷଣ | ଅବ୍ୟୟ |
|---|---|---|---|---|---|
| ଆଗ | ଆଗ | .... | ଆଗ | ଆଗ | .... |
| ନାଚ | ନାଚ | ନାଚ | ... | .... | .... |
| ବହି | ବହି | .... | .... | .... | .... |
| ଓ, ଏବଂ | .... | .... | .... | .... | ଓ, ଏବଂ |

### (ଖ) ଯୌଗିକ ଶବ୍ଦ (Compound word)

ଯୌଗିକ ଶବ୍ଦଟିଏ (କ) ବିଶେଷ୍ୟ + ବିଶେଷ୍ୟ; (ଖ) ବିଶେଷ୍ୟ + କ୍ରିୟା; (ଗ) କ୍ରିୟା + ବିଶେଷ୍ୟ; (ଘ) ବିଶେଷଣ + ବିଶେଷ୍ୟ ଭଳି ପଦର ସମନ୍ୱୟରୁ ସୃଷ୍ଟି ହୋଇଥାଏ ।

ବିଶେଷ୍ୟ ଓ  କ୍ରିୟାଯୁକ୍ତ ଯୌଗିକ ଶବ୍ଦ

| ବିଶେଷ୍ୟ | କ୍ରିୟା | ଯୌଗିକ ଶବ୍ଦ |
|---|---|---|
| ଧାନ | କାଟିବା | ଧାନକାଟିବା |
| ପେଟ | କାଟିବା | ପେଟକାଟିବା |
| ମୁହଁ | ମାରିବା | ମୁହଁମାରିବା |
| ହାତ | ଧରିବା | ହାତଧରିବା |

### (ଗ) ସମନ୍ୱିତ ଯୌଗିକ ଶବ୍ଦ (Hybrid Compounds)

ସମନ୍ୱିତ ଯୌଗିକ ଶବ୍ଦ (Hybrid Compounds) ରେ ସମ୍ବନ୍ଧିତ ଅଂଶରୁ ଗୋଟିଏ ଭାଗ ଓଡ଼ିଆ ଭାଷାରୁ ହୋଇଥିବାବେଳେ ଅନ୍ୟଭାଗଟି ଅନ୍ୟଭାଷାରୁ ଆନୀତ ଶବ୍ଦ ବା ପଦ ହୋଇଥାଏ ।

କାଚ + ଗ୍ଲାସ୍ = କାଚଗ୍ଲାସ୍

ବସ୍ + ଟିକେଟ୍ = ବସ୍‌ଟିକେଟ୍

## ୨.୮. ଶବ୍ଦର ଗଠନର ପ୍ରକାରଭେଦ (Types of Word Formation)

### (କ) ବ୍ୟୁତ୍ପାଦିତ ଶବ୍ଦ ନିର୍ମାଣ (Derived Word Creation)

ବ୍ୟୁତ୍ପାଦନ ପ୍ରକ୍ରିୟାଦ୍ୱାରା ମଧ୍ୟ ଶବ୍ଦଗଠନ ହୋଇଥାଏ। ଏବି ବ୍ୟୁତ୍ପାଦନ ପ୍ରକ୍ରିୟାରେ ଶବ୍ଦ ପୂର୍ବସର୍ଗ ବା ଉପସର୍ଗ, ପରସର୍ଗ ଇତ୍ୟାଦି ସଂଯୋଗରେ ନୂଆଶବ୍ଦରୂପ ଗଠିତ ହୁଏ। ଉପସର୍ଗର ସଂଯୋଗରେ ଯେଉ ଶବ୍ଦସବୁ ନିର୍ମାଣ ହୁଅନ୍ତି, ତାହାର ଉଦାହାରଣ ନିମ୍ନରେ ପ୍ରଦାନ କରାଗଲା। ଓଡ଼ିଆରେ ଉପସର୍ଗର ପ୍ରୟୋଗ

| ଉପସର୍ଗ | ଶାଖାଶବ୍ଦ | ଶବ୍ଦ |
|---|---|---|
| /ଆ-/ | ଗତ | ଆଗତ |
| /ଉପ-/ | ବନ | ଉପବନ |
| /ଦର-/ | ସିଝା | ଦରସିଝା |

| | | |
|---|---|---|
| /ପ୍ରତି-/ | ଦିନ | ପ୍ରତିଦିନ |
| /ସୁ-/ | ନାମ | ସୁନାମ |

ଓଡ଼ିଆରେ ପରସର୍ଗର ପ୍ରୟୋଗ (କ୍ରିୟା/ବିଶେଷ୍ୟ + ପରସର୍ଗ ବା ପ୍ରତ୍ୟୟ)

| କ୍ରିୟା/ବିଶେଷ୍ୟ | ପରପଦ | ଶବ୍ଦ |
|---|---|---|
| ଖେଳ୍ (V) | ଅଣା | ଖେଳଣା |
| କିଣ୍ (V) | ଆଳି | କିଣାଳି |
| ନଗର (N) | ଇକ | ନାଗରିକ |
| ସାହିତ୍ୟ (N) | ଇକ | ସାହିତ୍ୟିକ |

ତେବେ, ବ୍ୟୁତ୍ପାଦନ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟକୁ ଆମେ ବ୍ୟୁତ୍ପାଦିତ ରୂପିମ ନିର୍ଦ୍ଧାରଣ କରିବାବେଳେ ଆଲୋଚନା କରିସାରିଛନ୍ତି । ସେହି ସବୁ ପ୍ରକ୍ରିୟା ବ୍ୟୁତ୍ପାଦିତ ଶବ୍ଦ ନିର୍ମାଣରେ ମଧ୍ୟ କାର୍ଯ୍ୟ କରିଥାନ୍ତି ।

### (ଖ) ନିଷ୍ପାଦିତ ଶବ୍ଦ ନିର୍ମାଣ (Inflected Word Creation)

ନିଷ୍ପାଦନ (inflection ) ମାଧ୍ୟମରେ ଶବ୍ଦଗୁଡ଼ିକ ମଧ୍ୟ ନିର୍ମିତ ହୋଇଥାନ୍ତି। ନିଷ୍ପାଦନ (Inflection) ପ୍ରକ୍ରିୟାରେ ଶବ୍ଦ ନିର୍ମାଣରେ ନୂତନ ଶବ୍ଦର ପଦପ୍ରକରଣରେ ପରିବର୍ତ୍ତନ ଘଟିନଥାଏ କି ଏହା ନୂଆ ଲେକ୍ସିମ୍ ତିଆରି କରିନଥାଏ । ବରଂ ଏହା ଲେକ୍ସିମ୍‌ର ରୂପରେ ପରିବର୍ତ୍ତନ କରିଥାଏ ଯାହାଦ୍ୱାରା ସେଗୁଡ଼ିକ ବିଭିନ୍ନ ବ୍ୟାକରଣିକ ପ୍ରସଙ୍ଗରେ ନିଜକୁ ସାମିଲ୍ କରିପାରିବେ । ବ୍ୟାକରଣିକ ପ୍ରସଙ୍ଗ ଭିତରେ ବଚନ (ଏକବଚନ, ବହୁବଚନ), ପୁରୁଷ (ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ, ତୃତୀୟ ପୁରୁଷ), କାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଓ ଅନ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ଗ୍ରହଣ କରାଯାଇଥାଏ । ଆଗକୁ ଆମ ଏହି ବ୍ୟାକରଣିକ ବୈଶିଷ୍ଟ୍ୟ ସଂପର୍କରେ ବିଶେଷ ଭାବେ ଜାଣିବା । ଇଂରାଜୀ ଭାଷା ସ୍ୱଳ୍ପ ନିଷ୍ପାଦକ ଶବ୍ଦ ବିଶିଷ୍ଟ ଭାଷା ହୋଇଥିବା ବେଳେ ସଂସ୍କୃତ, ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ଆଦି ଭାରତୀୟ ଭାଷାରେ ନିଷ୍ପାଦିତ ଶବ୍ଦ ବହୁଭାବେ ବ୍ୟବହୃତ ହୋଇଥାଏ । ଓଡ଼ିଆରୁ ଉଦାହରଣ

| ବିଶେଷ୍ୟ | ପରପଦ | ଶବ୍ଦ |
|---|---|---|
| ଲୋକ | /-ମାନେ/ | ଲୋକମାନେ |
| ପୂଜାରୀ | /-ମାନେ/ | ପୂଜାରୀମାନେ |
| ଫଳ | /-ଗୁଡ଼ିକ/ | ଫଳଗୁଡ଼ିକ |
| ଫୁଲ | /-ଗୁଡ଼ିକ/ | ଫୁଲଗୁଡ଼ିକ |
| ପିଲା | /-ଟିଏ/ | ପିଲାଟିଏ |

ତେବେ ବିଭିନ୍ନ ବ୍ୟାକରଣିକ ବୈଶିଷ୍ଟ୍ୟ କିପରି  ନିଷ୍ପାଦକ ଶବ୍ଦ ନିର୍ମାଣରେ କାର୍ଯ୍ୟ କରିଥାନ୍ତି, ତାହାକୁ ଆମେ ପରବର୍ତ୍ତୀ ଅଧ୍ୟାୟରେ ପଦପ୍ରକରଣକୁ ଆଲୋଚନା କରିବାବେଳେ ଜାଣିବା ।

## ୨.୯. ଓଡ଼ିଆ ପରପଦ (Odia Postpositions)

ପରପଦର ସର୍ବଦା ନିର୍ଦ୍ଦିଷ୍ଟ ଅର୍ଥତାତ୍ତ୍ୱିକ ବୈଶିଷ୍ଟ୍ୟ ରହିଥାଏ। ସେଗୁଡ଼ିକ ବିଶେଷ୍ୟର ଅର୍ଥତାତ୍ତ୍ୱିକ ଦିଗ ଯେପରିକି, ସ୍ଥାନ, ବ୍ୟବହାର, ଲକ୍ଷଣ ଆଦିକୁ ଚିହ୍ନିତ କରିଥାନ୍ତି। ଇଂରାଜୀରେ ପୂର୍ବପଦ (preposition) ରହିଥିବା ଭଳି ଓଡ଼ିଆରେ ମୁଖ୍ୟତଃ ଦୁଇ ପ୍ରକାରର ପୂର୍ବପଦ (pre-position) ଦେଖିବାକୁ ମିଳେ । ବଦ୍ଧ ପରପଦଗୁଡ଼ିକ ଏକାକୀ ରହିପାରିନଥାନ୍ତି, ଏବଂ ସେଗୁଡ଼ିକର (କ) ଯୋଗ, (ଖ) ବିଲୋପ ବା ବିୟୋଗ, (ଗ) ସନ୍ନିବେଶ ଇତ୍ୟାଦି ଭଳି ନିୟମ ଆଧାରରେ ବିଶେଷ୍ୟ ଓ ରୂପିମ ସଂଶ୍ଳେଷିତ ହୋଇଥାନ୍ତି ।

ଓଡ଼ିଆରେ ପରପଦଟିଏ ଗୋଟିଏ ମାତ୍ରା ହୋଇପାରେ ବା ଶବ୍ଦଟିଏ ବି ହୋଇପାରେ। ତେଣୁ, ଏହାର ସଂଶ୍ଳେଷଣ ସର୍ବଦା ବ୍ୟାକରଣିକ ନିୟମ ଓ ଆବଶ୍ୟକକୁ ଦୃଷ୍ଟିରେ ରଖି ହୋଇଥାଏ। ପୁନଃ ବିଶେଷ୍ୟ ପଦରେ ପରପଦ ଚିହ୍ନଟି ସଂଶ୍ଳେଷିତ ହେବାବେଳେ ପାଣିନୀୟ କାରକ ନିୟମ ଅନୁସାରେ ସଂଶ୍ଳେଷିତ ହୋଇଥାଏ। ଏହାକୁ ଅଧିକ ସ୍ପଷ୍ଟ କରିବାପାଇଁ ନିମ୍ନରେ କାରକ ଅନୁସାରେ ଓଡ଼ିଆ ପରପଦ ଗୁଡ଼ିକରୁ କେତୋଟି ନମୂନା ଉପସ୍ଥାପନ କରାଯାଇପାରେ।

| କାରକ | ଏକବଚନ ଚିହ୍ନ | ବହୁବଚନ | ସମ୍ମାନାର୍ଥେ (ବହୁବଚନ) |
|---|---|---|---|
| କର୍ତ୍ତା | Ø, ଟି, ଟା, | | େ |
| କର୍ମ | କୁ | | ଙ୍କୁ, ମାନଙ୍କୁ |
| କରଣ | ରେ, ଦ୍ୱାରା, ଦେଇ | | ଙ୍କରେ, ଙ୍କଠାରେ, ମାନଙ୍କଠାରେ |
| ସମ୍ପ୍ରଦାନ | କୁ, ପାଇଁ | | ଙ୍କୁ, ମାନଙ୍କୁ |
| ଅପାଦାନ | ରୁ, ଠାରୁ, ଠୁଁ | | ମାନଙ୍କରୁ, ମାନଙ୍କଠାରୁ, ମାନଙ୍କଠୁଁ |
| ସମ୍ବନ୍ଧ | ର | | ଙ୍କର, ମାନଙ୍କର |
| ଅଧିକରଣ | ରେ, ଠାରେ, ଠିଁ | | ମାନଙ୍କରେ, ମାନଙ୍କଠାରେ, ମାନଙ୍କଠିଁ |

ଏହି ପରପଦକୁ ନେଇ ବିଶେଷ୍ୟ ସଂଶ୍ଳେଷଣର ନିୟମ କିପରି ପ୍ରସ୍ତୁତ କରାଯାଇପାରିବ, ତାହାର ଏକ ସାରଣୀ ଅଧ୍ୟାୟର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଦାନ କରାଯାଇଛି।

## ୨.୧୦. ବିଷୟବସ୍ତୁର ସାରମର୍ମ

- 'ଲେକ୍ସିମ (Lexemes)' କହିଲେ, ଆଭିଧାନିକ ଶବ୍ଦଗୁଡ଼ିକୁ ବୁଝାଇଥାଏ ଏବଂ ଭାଷାରେ ଏକାକି ଅର୍ଥପ୍ରକାଶ କରିପାରୁଥିବା ଏକ ବା ଏକାଧିକ ରୂପିମର ସମଷ୍ଟିକୁ ଶବ୍ଦ କୁହାଯାଇଥାଏ ।
- 'ଶବ୍ଦକଳ୍ପ (word paradigm)' ଏକ ଯଥାର୍ଥ ସଂଖ୍ୟକ ଶବ୍ଦରୂପର ସମଷ୍ଟିକୁ ବୁଝାଇଥାଏ । ତେଣୁ, ବହୁ ସମୟରେ ଗୋଟିଏ ଲେକ୍ସିମ୍ ଅଧୀନସ୍ଥ ଶବ୍ଦରୂପ ଗୁଡ଼ିକର ସମଷ୍ଟିକୁ ମଧ୍ୟ ଶବ୍ଦକଳ୍ପ ବା ପାରାଡାଇମ୍ କୁହାଯାଇଥାଏ ।

- ଶବ୍ଦ ନିର୍ମାଣ ପ୍ରକ୍ରିୟାରେ ସାଧାରଣତଃ ନିଷ୍ପାଦନ, ବ୍ୟୁତ୍ପାଦନ, ଦ୍ୱୈତକଥନ, ଧ୍ୱନ୍ୟାତ୍ମକ ପୁନରୁକ୍ତି ଓ ସଙ୍କୋଚନ ଭଳି ପାଞ୍ଚୋଟି ରୂପତାତ୍ତ୍ୱିକ ପ୍ରକ୍ରିୟା ଦେଖିବାକୁ ମିଳେ ।
- ନିଷ୍ପାଦକ ରୂପିମ ନୂଆ ଲେକ୍ସିମ୍ ବା ଆଭିଧାନିକ ଶବ୍ଦ ଗଠନରେ ସାହାଯ୍ୟ କରିନପାରିଲେ ବି ବିଭିନ୍ନ ବ୍ୟାକରଣିକ ପ୍ରସଙ୍ଗରେ କୌଣସି ଏକ ଲେକ୍ସିମର ତଦନୁରୂପ ବ୍ୟାକରଣିକ ଶବ୍ଦରୂପ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ।
- ବ୍ୟୁତ୍ପାଦିତ ରୂପିମଗୁଡ଼ିକ ବଦ୍ଧରୂପିମ ଅଟନ୍ତି; ଏବଂ, ଏଗୁଡ଼ିକ ଅର୍ଥରେ ବା ପଦରୂପରେ ପରିବର୍ତ୍ତନ କରାଇ ନୂଆଶବ୍ଦର ବ୍ୟୁତ୍ପାଦନ ବା ନିର୍ମାଣରେ ସାହାଯ୍ୟ କରିଥାନ୍ତି ।
- କୌଣସି ଗୋଟିଏ ଫୋନିମ୍ ବା ଧ୍ୱନିର ଆଂଶିକ ବା ସଂପୂର୍ଣ୍ଣ ବାରମ୍ବାରତା ହେତୁ ଗଠିତ ଶବ୍ଦକୁ ଧ୍ୱନ୍ୟାତ୍ମକ ପୁନରୁକ୍ତି ଶବ୍ଦ କୁହାଯାଏ ।
- ଭାଷାରେ ଶବ୍ଦ ହେଉଛି ସର୍ବନିମ୍ନ ସ୍ୱାଧୀନରୂପ । ଏହା ସରଳ, ଯୌଗିକ ବା ଜଟିଳ ହୋଇପାରେ।

ଭାଷାବିତ୍ ଆମର ଶବ୍ଦଜ୍ଞାନକୁ ଏକ ମାନସିକ ଲେକ୍ସିକନ୍ ଭାବେ ବିଚାର କରିଥିଲେବି, ଏହି ମାନସିକ ଲେକ୍ସିକନ୍ ଅଭିଧାନ ଭଳି ଅକ୍ଷରଭିତ୍ତିରେ ସଜ୍ଜିତ ହୋଇରହିନଥାନ୍ତି । ବରଂ ଏହା ରୂପିମ, ଶବ୍ଦ, ପଦ ଓ ବଦବନ୍ଧ ଇତ୍ୟାଦିର ଏକ ଜଟିଳ ଓ ସୂକ୍ଷ୍ମ ସଂଯୋଜିତ ଜାଲଟିଏ । ପୁନଃ ବକ୍ତା କେବଳ ଏହି ଶବ୍ଦରୂପକୁ ନିଜଭିତରେ ସଂରକ୍ଷିତ କରି ରଖିନଥାଏ ବରଂ ନୂଆ ଶବ୍ଦରୂପ ବି ସ୍ୱତଃ ନିର୍ମାଣ କରିଥାଏ । ତେବେ, ଏହି ଶବ୍ଦନିର୍ମାଣ ବି ଯାଦୃଚ୍ଛିକ ନୁହେଁ । ବକ୍ତା ତାହାର ଅସଚେତନତାରେ ବି ଅତୀତକାଳକୁ ସୂଚାଉଥିବା କ୍ରିୟାପଦଟିକୁ କହିବାବେଳେ, ଅତୀତକାଳର ରୂପିମତତ୍ତ୍ୱ ନିୟମଗୁଡ଼ିକୁ ଉପଯୋଗ କରିଥାଏ । ପୁନଃ ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ, ଏହି ଶବ୍ଦରୂପର ନିର୍ମାଣ ନିଷ୍ପାଦନ, ବ୍ୟୁତ୍ପାଦନ, ସଂଯୋଜନ ଇତ୍ୟାଦି ମାଧ୍ୟମରେ ହୋଇଥାଏ ।

## ୨.୧୧. ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା

- **ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 1 ର ଉତ୍ତର**

  (କ) ଶବ୍ଦ ନିଜର ପ୍ରକୃତିରେ ସାର୍ଥକ ହେବା ସହିତ ପ୍ରୟୋଗରେ ସ୍ୱାତନ୍ତ୍ର୍ୟ ରଖିଥାଏ । କିନ୍ତୁ, ଏହି ଶବ୍ଦରୂପ ବାକ୍ୟରେ ପ୍ରଯୁକ୍ତ ହେଲେ, ତାହାକୁ 'ପଦ' କୁହାଯାଏ ।

  (ଖ) ସଙ୍କେତ: ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 3.1 କୁ ଅଧ୍ୟୟନ କରନ୍ତୁ ।

  (ଗ) ଶବ୍ଦ ନିର୍ମାଣ ଏକାଧିକ ମର୍ଫିମ୍ ସଂଯୋଗରୁ ହୋଇଥାଏ। ଏହି ଶବ୍ଦ ନିର୍ମାଣ ପ୍ରକ୍ରିୟାରେ ସାଧାରଣତଃ ପାଞ୍ଚୋଟି ରୂପତାତ୍ତ୍ୱିକ ପ୍ରକ୍ରିୟା ଦେଖିବାକୁ ମିଳେ; ଯଥା: ନିଷ୍ପାଦନ (inflection), ବ୍ୟୁତ୍ପାଦନ (derivation), ଦ୍ୱୈତକଥନ (reduplication), ଧ୍ୱନ୍ୟାତ୍ମକ ପୁନରୁକ୍ତି (echo formation) ଓ ସଙ୍କୋଚନ (contraction) ।

- **ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2 ର ଉତ୍ତର**

  (କ) ବ୍ୟୁତ୍ପାଦନ ପ୍ରକ୍ରିୟାରରେ ଗୋଟିଏ ଭାଷାରେ ନୂଆ ଲେକ୍ସିକନ୍ ପ୍ରସ୍ତୁତ ହୋଇଥାଏ । ଓଡ଼ିଆ ବ୍ୟୁତ୍ପାଦିତ ରୂପିମଗୁଡ଼ିକ ବଦ୍ଧରୂପିମ ଅଟନ୍ତି। ଏଗୁଡ଼ିକ ଅର୍ଥରେ ବା ପଦରୂପରେ ପରିବର୍ତ୍ତନ କରାଇ ନୂଆଶବ୍ଦର ବ୍ୟୁତ୍ପାଦନ ବା ନିର୍ମାଣରେ ସାହାଯ୍ୟ କରିଥାନ୍ତି ।

(ଖ) ସଙ୍କେତ : ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 3.4 ର 'ଘ' ବିଭାଗକୁ ଅଧ୍ୟୟନ କରନ୍ତୁ।

(ଗ)ସଙ୍କେତ : ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 3.4 ର 'କ' ବିଭାଗକୁ ଅଧ୍ୟୟନ କରନ୍ତୁ।

## ୨.୧୨. ସହାୟକ ପୁସ୍ତକାବଳୀ


- ଧଳ, ଗୋଲୋକ ବିହାରୀ, 'ଭାଷାଶାସ୍ତ୍ର ପରିଚୟ', ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, 2013
- Laurie Bauer, 'Morphological Productivity', Cambridge University Press, 2004, ISBN: 0-511-03175-0
- Brinton, Laurel J., "The Structure of Modern English, A linguistc introduction", John Benjamins Publishing Company Amsterdam /Philadelphia, (Library of Congress Cataloging-in-Publication Data) ISBN 90 272 2567 2 (Eur.), © 2000 – John Benjamins B.V
- Paul de Lacy (Edited), 'The Cambridge Handbook of Phonology', Cambridge University Press, Cambridge, New York, Melbourne, Madrid, Cape Town, Singapore,ISBN-10 0-521-84879-2
- http://people.ciirc.cvut.cz/~hlavac/TeachPresEn/11ImageProc/71-3MatMorpholBinEn.pdf
- ସାହୁ, ପ୍ରଫେସର ବାସୁଦେବ, 'ଭାଷାବିଜ୍ଞାନର ରୂପରେଖ', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ସପ୍ତମ ପ୍ରକାଶ 2005


## ୨.୧୩. ପାରିଭାଷିକ ଶବ୍ଦାବଳୀ

- **ଉପସର୍ଗ:** ଏହାକୁ ପୂର୍ବ ପ୍ରତ୍ୟୟମଧ୍ୟ କୁହାଯାଏ । ଏହା କେବଳ ଧାତୁ ପୂର୍ବରୁ ନୁହେଁ ବରଂ ଶବ୍ଦପୂର୍ବରୁ ବି ବ୍ୟବହୃତ ହୋଇଥାଏ।
- **ସମନ୍ୱିତ ଯୌଗିକ ଶବ୍ଦ :** ଏହାର ଗୋଟିଏ ଅଂଶ ଓଡ଼ିଆ ଭାଷାରୁ ଆସିଥିବାବେଳେ ଅନ୍ୟଭାଗଟି ଅନ୍ୟଭାଷାରୁ ଆନୀତ ଶବ୍ଦ ବା ପଦ ହୋଇଥାଏ ।
- **ଲେକ୍ସିମ୍:** ଆଭିଧାନିକ ଶବ୍ଦରୂପ
- **କାରକ:** ବାକ୍ୟରେ କ୍ରିୟାପଦ ସହିତ ଅନ୍ୟପଦଗୁଡ଼ିକର ଅନ୍ୱୟ ବା ସମ୍ବନ୍ଧକୁ କାରକ କୁହାଯାଏ ।

## ୨.୧୪. କେତେକ ଆଦର୍ଶ ପ୍ରଶ୍ନ

(କ) ଓଡ଼ିଆ ଶବ୍ଦ ନିର୍ମାଣରେ ଓଡ଼ିଆ ପରପଦର ଭୂମିକା ନିର୍ଦ୍ଧାରଣ କର।

(ଖ) ଶବ୍ଦଗଠନର ପ୍ରକାରଭେଦ ସଂପର୍କରେ ଆଲୋଚନା କର ।

(ଗ) ନିଷ୍ପାଦନ ଓ ଓଡ଼ିଆ ନିଷ୍ପାଦକ ରୂପିମ ସଂପର୍କରେ ସମ୍ୟକ ଧାରଣା ଦିଅ ।

# ତୃତୀୟ ଏକକ
# ରୂପ ପରିବର୍ତ୍ତନର କାରଣ ଓ ଦିଗ

## ବିଷୟ ଗଠନ


୩.୧. ପଠନର ଉଦ୍ଦେଶ୍ୟ
୩.୨. ବିଷୟ ପରିଚୟ
୩.୩. ପଦ ଓ ପଦରୂପ
୩.୪. ବିଭିନ୍ନ ବ୍ୟାକରଣିକ ବୈଶିଷ୍ଟ୍ୟ ଓ ରୂପତାତ୍ତ୍ୱିକ ସ୍ୱରୂପ
୩.୫. ରୂପ ପରିବର୍ତ୍ତନର କାରଣ
୩.୬. ରୂପ ପରିବର୍ତ୍ତନର ଦିଗ
୩.୭. ବିଷୟବସ୍ତୁର ସାରମର୍ମ
୩.୮. ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା
୩.୯. ସହାୟକ ପୁସ୍ତକାବଳୀ
୩.୧୦. ପାରିଭାଷିକ ଶବ୍ଦାବଳୀ
୩.୧୧. କେତେକ ଆଦର୍ଶ ପ୍ରଶ୍ନ


## ୩.୧. ପଠନର ଉଦ୍ଦେଶ୍ୟ

ଆମ ମନରେ ସାଧାରଣତଃ ପ୍ରଶ୍ନ ଉଠେ, ପଦପ୍ରକରଣ କ'ଣ ବା କିପରି ଆମେ ଗୋଟିଏ ଉପଯୁକ୍ତ ପଦପ୍ରକରଣର ସୂଚୀ ପ୍ରସ୍ତୁତ କରିପାରିବା ? ବାକ୍ୟରେ ନିହିତ ଶବ୍ଦଗୁଡ଼ିକ ପରସ୍ପର ସହସମ୍ବନ୍ଧ ସୂତ୍ରରେ ରହି ପୂର୍ଣ୍ଣଭାବ ପ୍ରକାଶ କରୁଥିଲେ, ସେହି ପୂର୍ଣ୍ଣଭାବ ପ୍ରକାଶକ ଅଂଶକୁ ଗୋଟିଏ ଗୋଟିଏ ପଦପ୍ରକରଣ (Part-of-Speech) ରୂପେ ଗ୍ରହଣ କରାଯାଇଥାଏ। କେହି କେହି ଏହାକୁ 'ଶବ୍ଦବର୍ଗ (Word Class)' ମଧ୍ୟ କହିଥାନ୍ତି। ପାକୃତିକ ଭାଷା ସଂସାଧନ ବ୍ୟବସ୍ଥା ବହୁସମୟରେ କୌଣସି ଭାଷାରେ ଥିବା ପଦଗୁଡ଼ିକୁ ବିଭାଗୀକରଣ କରିବା ଆବଶ୍ୟକ କରିଥାନ୍ତି। ଏହି ପଦପ୍ରକରଣ ଉକ୍ତ ଭାଷାରେ ନିହିତ ପଦଗୁଡ଼ିକର ସୂକ୍ଷ୍ମ ରୂପ-ବୈଜ୍ଞାନିକ ଓ ସଂରଚନାତ୍ମକ ବିଭାଗକୁ ପ୍ରତିନିଧିତ୍ୱ କରିଥାଏ। ପଦପ୍ରକରଣ ପ୍ରସ୍ତୁତିରେ ସାଧାରଣତଃ ତିନି ପ୍ରକାର ସୂଚନାକୁ ଆଦର୍ଶ (guideline) ରୂପେ ଗ୍ରହଣ କରାଯାଇଥାଏ। ଏଥିରୁ ପ୍ରଥମ ସୂଚନାଟି ମୂଳ ଭାଷାର ରୂପତାତ୍ତ୍ୱିକ ବା ରୂପ-ସଂରଚନାତ୍ମକ (Morpho-syntactic) ବା ବାକ୍ୟ-ରଚନାତ୍ମକ ବୈଶିଷ୍ଟ୍ୟ ସହିତ ସମ୍ବନ୍ଧିତ । ଆମର ବାକ୍ୟରେ ବ୍ୟାବହାରିକ ଦୃଷ୍ଟିକୋଣରୁ ଯେତେ 'ଶବ୍ଦବର୍ଗ ବା ପଦ' ବ୍ୟବହାର ହୋଇଥାଏ, ତାହାକୁ ମୋଟାମୋଟି ଛଅଟି ଭାଗରେ ବିଭାଜନ କରାଯାଇଥାଏ; ଯଥା – ବିଶେଷ୍ୟ, ସର୍ବନାମ, ବିଶେଷଣ, କ୍ରିୟା, କ୍ରିୟା-ବିଶେଷଣ ଓ ଅବ୍ୟୟ । ପୁନଃ, ଏହିସବୁ ପଦ ଗୁଣଦୃଷ୍ଟିରୁ ବାକ୍ୟରେ କର୍ତ୍ତା, କ୍ରିୟା, କର୍ମ, ସଂଯୋଜକ, ବିଶେଷକ ଆଦି ଭଳି ବିଭିନ୍ନ ଭାବରେ ବ୍ୟବହୃତ ହୋଇଥାନ୍ତି । ଅତଏବ, ଏହି ଏକକର ଉଦ୍ଦେଶ୍ୟ ହେଉଛି, ପଦରୂପ, ପଦପ୍ରକରଣ ଓ ଶବ୍ଦବର୍ଗର ବିଭିନ୍ନ ବିଭାଗ ଉପରେ ପରିଚିତ ହେବା । ତେଣୁ ଏହି ଏକକରେ ଆମେ ଶିକ୍ଷା କରିବା:

(କ) ବିଭିନ୍ନ ଭାଷାର ପଦରୂପ ଓ ସେଗୁଡ଼ିକର ପଦପ୍ରକରଣ ସଂପର୍କିତ ସୂଚନା ;

(ଖ) ରୂପ ପରିବର୍ତ୍ତନର ବିଭିନ୍ନ କାରଣ ;

(ଗ) ରୂପ ପରିବର୍ତ୍ତନର ବିଭିନ୍ନ ଦିଗ ;

(ଘ)ଶବ୍ଦଗୁଡ଼ିକ କିପରି ପରସ୍ପର ସହିତ ସଂଯୁକ୍ତ ହୋଇ ପଦ, ପଦବନ୍ଧ, ଖଣ୍ଡବାକ୍ୟ ଓ ବାକ୍ୟ ଇତ୍ୟାଦିର ନିର୍ମାଣରେ ଭୂମିକା ନିର୍ବାହଣ କରୁଛନ୍ତି, ତାହାକୁ ଉଦ୍‌ଘାଟନ କରିବା ;

(ଙ) ଏବଂ, ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ୱଭାଷାର ବର୍ଗୀକରଣ କରିବା ।

## ୩.୨. ବିଷୟ ପରିଚୟ

ରୂ ପିମତତ୍ତ୍ୱକୁ ବିଶ୍ଳେଷଣ କିର ଆମେ ରୂ ପିମକୁ ମୁକ୍ତ ରୂ ପିମ ଓ ବଦ୍ଧରୂ ପିମ ଭଳି ଦୁଇଭାଗେର ବିଭକ୍ତ କରିଛନ୍ତି ପେର ମୁକ୍ତ ରୂ ପିମ ଶବ୍ଦମୂଳକ ଓ କ୍ରିୟାମୂଳକ ଭାବେ ଆମକୁ ଦୁଇଭାଗେର ମିଳିଥାଏ । ଶବ୍ଦମୂଳକ ମୁକ୍ତ ରୂପିମକୁ ଆମେ ଦୁଇଟି ରୂ ପେର ଦେଖୁ । ପ୍ରଥମଟି 'Stem based ବା ପ୍ରାତିପଦିକ' ଓ ଦ୍ୱିତୀୟଟି 'Root based' ବା ଧାତୁ ମୂଳକ ବା ପ୍ରକୃତି । ଅନୁରୂ ପଭାବେ ପ୍ରତ୍ୟୟମୂଳକ ବଦ୍ଧରୂ ପିମ ପୂର୍ବସର୍ଗ, ପରସର୍ଗ, ମଧ୍ୟସର୍ଗ, ଅନ୍ତସର୍ଗ, ବିଭକ୍ତିମୂଳକ ଭଳି ବିଭିନ୍ନଭାବେ ବିଭକ୍ତ । ସାଧାରଣତଃ ନିଷ୍ପାଦକ ରୂ ପିମଗୁଡ଼ିକ ଶ୍ରେଣୀଆଶ୍ରିତ ହୋଇଥାନ୍ତି ଓ ଏନିଷ୍ପାଦନ ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ନୂତନ ଶବ୍ଦଗୁଡ଼ିକର ବ୍ୟାକରଣିକ ପଦବର୍ଗ ବଦଳିନଥାଏ ଓ ଏଗୁଡ଼ିକ ନୂଆ ଲେକ୍ସିମ୍ ପ୍ରସ୍ତୁତ କରିପପାରନ୍ତିନାହିଁ । ମାତ୍ର, ବ୍ୟୁତ୍ପାଦନ ରୂ ପିମ ନିର୍ଦ୍ଦିଷ୍ଟ ଶ୍ରଣୀର ଅନ୍ତର୍ଭୁ କ୍ତ ନୁହଁନ୍ତି, ଓ ବ୍ୟୁତ୍ପାଦନ ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ନୂତନ ଶବ୍ଦର ପଦବର୍ଗ ବଦଳିଯାଏ ଓ ନୂଆ ଗୋଟିଏ ଲେକ୍ସିମ୍ ପ୍ରସ୍ତୁତ ହୋଇପାରେ । ଅତଏବ, ରୂ ପତାତ୍ତ୍ୱିକ ଅଧ୍ୟୟନେର ପଦରୂ ପ ଓ ବ୍ୟାକରଣିକ ପଦପ୍ରକରଣ ବିଶେଷ ଭୂ ମିକା ଗ୍ରହଣ କରିଥାନ୍ତି ।

## ୩.୩. ପଦ ଓ ପଦରୂପ

'ନାପି କେବଳ ପ୍ରକୃତିଃ ପ୍ରୟୋକ୍ତବ୍ୟ ନାପି କେବଳ ପ୍ରତ୍ୟୟଃ।' (ପତଞ୍ଜଳିଙ୍କ ମହାଭାଷ୍ୟ) ।

ଅର୍ଥାତ୍ ବାକ୍ୟରେ କେବଳ ପ୍ରକୃତି ବା କେବଳ ପ୍ରତ୍ୟୟର ପ୍ରୟୋଗ ହୁଏନାହିଁ। ଉଭୟର ମିଳନରେ ଯାହା ସୃଷ୍ଟିଲାଭ କରେ ତାହା ଶବ୍ଦ ନୁହେଁ, ରୂପ ବା ଶବ୍ଦରୂପ । ତେଣୁ ଶବ୍ଦ ପ୍ରତ୍ୟୟ ରହିତ ହୋଇଥିବାବେଳେ, ପଦ କିନ୍ତୁ ପ୍ରତ୍ୟୟ ଯୁକ୍ତ । ଏହି ପ୍ରତ୍ୟୟଗୁଡ଼ିକୁ ପୂର୍ବସର୍ଗ, ମଧ୍ୟସର୍ଗ ଓ ପରସର୍ଗ ଆଦି ନାନାଭାବରେ ବିଭକ୍ତ କରାଯାଇଥାଏ। ବାକ୍ୟଗୁଡ଼ିକରେ ବ୍ୟବହୃତ ହେଉଥିବା କେତେକ ଶବ୍ଦ ଏକ ରୂପିମ୍ ବିଶିଷ୍ଟ ହୋଇଥିବା ବେଳେ, ଆଉକେତେକ ଶବ୍ଦ ଏକାଧିକ ରୂପିମ୍ ହୋଇଥାନ୍ତି । ଓଡ଼ିଆରେ ଗଛ, ଫଳ, ଘର, ମାଛ ଇତ୍ୟାଦି ଓ ଇଂରାଜୀ ଭାଷାର 'man, girl, house, fish' ଇତ୍ୟାଦି ଶବ୍ଦ ଏକ ରୂପିମ୍ ବିଶିଷ୍ଟ ଅଟନ୍ତି । ଅନୁରୂପଭାବେ ଏକାଧିକ ରୂପିମବିଶିଷ୍ଟ ଶବ୍ଦଗୁଡ଼ିକ ମଧ୍ୟରେ ଓଡ଼ିଆରେ "ଫଳରୁ (ଫଳ+ରୁ) ଦୁଇ ରୂପିମବିଶିଷ୍ଟ, 'ଘରଗୁଡ଼ିକରୁ' (ଘର+ଗୁଡ଼ିକ+ରୁ) ତିନି ରୂପିମ୍‌ବିଶିଷ୍ଟ, ପଢ଼ିଲି (ପଢ୍+ଇଲ୍+ଇ) ତିନି ରୂପିମ୍‌ବିଶିଷ୍ଟ ଅଟନ୍ତି । ଏ ସଂପର୍କରେ ଆମେ ଆଗରୁ ଆଲୋଚନା କରିସାରିଛେ । ତେବେ ରୂପିମ୍ ସହାୟତାରେ ଗଠିତ ହେଉଥିବା ପଦଗୁଡ଼ିକୁ ଓଡ଼ିଆ ଭାଷାରେ ନିମ୍ନଲିଖିତ ଚାରୋଟି ଭାଗରେ ବିଭକ୍ତ କରାଯାଇଛି, ଯଥା (କ) ସରଳ ପ୍ରକୃତି ବିଶିଷ୍ଟ ପଦ, (ଖ) ପ୍ରତ୍ୟୟ, (ଗ) ବିଭକ୍ତି, (ଘ) ଅବ୍ୟୟ । ପୁନଃ, ବାକ୍ୟରେ ବ୍ୟବହୃତ ମୂଳଶବ୍ଦକୁ ପ୍ରାତିପଦିକ କୁହାଯାଏ ଓ ଏହି ପ୍ରାତିପଦିକ ବିଶେଷ୍ୟ, ବିଶେଷଣ ଓ ସର୍ବନାମ ଭଳି ତିନୋଟି ଶ୍ରେଣୀରେ ଅନତର୍ଭୁକ୍ତ ।

ଅନୁରୂପଭାବେ ଧାତୁ ସହ ବିଭକ୍ତି ଯୁକ୍ତ ପଦକୁ କ୍ରିୟାପଦ କୁହାଯାଏ । ଏହା ବ୍ୟତୀତ ଅବ୍ୟୟ ପଦ ଓଡ଼ିଆ ପଦରୂପରେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରନ୍ତି । ଆମେ ଆଗକୁ ଏହି ପାଞ୍ଚୋଟି ପଦପ୍ରକରଣ ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ଓ ଅବ୍ୟୟ ସମ୍ପର୍କରେ ଜାଣିବା ।

## ୩.୩.୧. ସରଳ ପ୍ରକୃତି ବିଶିଷ୍ଟ ପଦ

ଓଡ଼ିଆ ଭାଷାରେ ବିଭକ୍ତି ଚିହ୍ନଗୁଡ଼ିକ ସଂଯୋଗ ହୋଇପାରୁଥିବା ମୂଳ ରୂପିମ୍ ବା ରୂପିମ୍ ଗୁଡ଼ିକର ସମାହାରକୁ ପ୍ରକୃତି କୁହାଯାଏ । ଯେଉଁଠି ପ୍ରକୃତି ଏକ ରୂପିମ୍ ବିଶିଷ୍ଟ ତାହାକୁ ସରଳ ରୂପିମ୍ ଓ ଯେଉଁଠି ପ୍ରକୃତି ଏକାଧିକ ରୂପିମ୍‌ବିଶିଷ୍ଟ ହୋଇଥାଏ, ତାହାକୁ ବ୍ୟୁତ୍ପନ୍ନ ପ୍ରକୃତି କୁହାଯାଏ। ସରଳ ପ୍ରକୃତି ପୁଣି ମୁକ୍ତ ରୂପିମ୍ ବା ବଦ୍ଧ ରୂପିମ୍ ହୋଇପାରେ । ଯାହା ସଂପର୍କରେ ଆମେ ପୂର୍ବରୁ ପଢ଼ି ସାରିଛନ୍ତି ।  ଉଦାହରଣ ସ୍ୱରୂପ 'ମିଛୁଆ' ଶବ୍ଦକୁ ଆଲୋଚନା କଲେ 'ମିଛ (ସରଳ ପ୍ରକୃତି/ମୁକ୍ତ ରୂପିମ୍) + ଉଆ (ବଦ୍ଧରୂପିମ୍) ମିଶି କରି ବ୍ୟୁତ୍ପନ୍ନ ପ୍ରକୃତିବିଶିଷ୍ଟ 'ମିଛୁଆ' ଶବ୍ଦରୂପ ବା ପଦର ନିର୍ମାଣ କରିଛନ୍ତି । ଏହି ପ୍ରକୃତିବିଶିଷ୍ଟ ସଂରଚନା ଓ ପ୍ରକୃତି ବିଶିଷ୍ଟ ସଂରଚନାରେ ବିଭକ୍ତି ପ୍ରତ୍ୟୟ ଯୋଗ ହୋଇ ପଦ ରଚନା ବି କରାଯାଇପାରେ।

## ୩.୩.୨. ପ୍ରତ୍ୟୟ

ଯେଉଁ ରୂପିମ୍‌ଗୁଡ଼ିକ ଅର୍ଥରହିତ ହୋଇଥିଲେ ବି ବିଭିନ୍ନ ଧାତୁ ସହିତ ସଂଯୁକ୍ତ ହୋଇ ବ୍ୟାକରଣିକ ଅର୍ଥ ପ୍ରକାଶ କରିବାରେ ସମର୍ଥ ହୋଇଥାନ୍ତି, ସେଗୁଡ଼ିକୁ ପ୍ରତ୍ୟୟ କୁହାଯାଏ । ଏଗୁଡ଼ିକ ଏକାକୀ ରହିପାରୁନଥିବାରୁ ବଦ୍ଧ ରୂପିମ୍‌ର ଅନ୍ତର୍ଭୁକ୍ତ ହୋଇଥାନ୍ତି । ଏଗୁଡ଼ିକ ସରଳ ପ୍ରକୃତି ସହିତ ଯୁକ୍ତ ହୋଇ ବ୍ୟୁତ୍ପନ୍ନ ପ୍ରକୃତି ସୃଷ୍ଟି କରିଥାନ୍ତି । ଉଦାହରଣ ସ୍ୱରୂପ 'କାଠ୍, ପଢ୍,' ସହିତ '-ଉଆ' ପ୍ରତ୍ୟୟ ସଂଯୁକ୍ତ ହେଲେ ବ୍ୟୁତ୍ପାଦିତ ଶବ୍ଦ 'କାଠୁଆ' ଓ 'ପଢୁଆ' ହୋଇଥାଏ । ବ୍ୟୁତ୍ପାଦିତ ରୂପିମ ସଂପର୍କରେ ଆମେ ଆଲୋଚନା କରିବାବେଳେ ଏ ବିଷୟରେ କିଛିଟା ଜାଣି ସାରିଛନ୍ତି ।

## ୩.୩.୩. ବିଭକ୍ତି

ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବା ବିଭକ୍ତି ଚିହ୍ନଗୁଡ଼ିକ ବଦ୍ଧ ରୂପିମ୍ ପର୍ଯ୍ୟାୟର । ଏଗୁଡ଼ିକର କୌଣସି ଆଭିଧାନିକ ଅର୍ଥ ନଥାଏ ।  ଏହି ବିଭକ୍ତି ଚିହ୍ନଗୁଡ଼ିକ ଅନ୍ୟ ଶବ୍ଦ ବା ରୂପିମ୍ ସହିତ ଯୁକ୍ତ ହୋଇ କେବଳ ବ୍ୟାକରଣିକ ଅର୍ଥ ପ୍ରକାଶନରେ ସମର୍ଥ ହୋଇଥାନ୍ତି । ଉଦାହରଣ ସ୍ୱରୂପ,'ଗଛରୁ, ଘାଟକୁ, ପିଲାଙ୍କୁ' ଇତ୍ୟାଦି ଶବ୍ଦରେ 'ରୁ, କୁ, ଙ୍କୁ,' ଇତ୍ୟାଦି ବିଭକ୍ତିମୂଳକ ରୂପିମ୍ ଅଟନ୍ତି ।

## ୩.୩.୪. ଅବ୍ୟୟ

ଓଡ଼ିଆ ଭାଷାରେ ଆଉ ଏକ ବିଶେଷ ପର୍ଯ୍ୟାୟର ରୂପିମ୍ ଯେଉଁଗୁଡ଼ିକର ରୂପ ସର୍ବଦା ସମାନ ରହିଥାଏ, ସେଗୁଡ଼ିକୁ ଅବ୍ୟୟ ପଦର ଅନ୍ତର୍ଭୁକ୍ତ କରାଯାଇଥାଏ। ଏଗୁଡ଼ିକ ସାଧାରଣତଃ ମୁକ୍ତ ରୂପିମ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥାନ୍ତି ଓ ଲିଙ୍ଗ, ବଚନ, ପୁରୁଷ, କାଳ ଆଦି ବ୍ୟାକରଣିକ ବୈଶିଷ୍ଟ୍ୟର ଆଧାରରେ ବଦଳିନଥାନ୍ତି। ଓଡ଼ିଆରେ "ଓ, ଏବଂ, କିମ୍ବା, କିନ୍ତୁ, ମାତ୍ର, ତଥାପି, ଧେତ୍, ହଁ, ଛି, ଯେବେ, ତେବେ, ବା ଅବା, ହେ," ଓ ଇଂରାଜୀରେ ,"and, or, yes, No, if, then" ଇତ୍ୟାଦି ଅବ୍ୟୟ ପଦ କୁହାଯାଏ ।

## ୩.୩.୫. ପଦରୂପରେ ଅର୍ଥତତ୍ତ୍ୱ ଓ ସମ୍ବନ୍ଧତତ୍ତ୍ୱ

ଉପରୋକ୍ତ ଆଲୋଚନାରୁ ଆମେ ମୂଳଶବ୍ଦ, ପ୍ରକୃତି, ପ୍ରତ୍ୟୟ, ଧାତୁ ବା ପ୍ରାତିପଦିକ ଓ ପଦ ଭିତରେ ଏହି ଅନ୍ତର ହେଉଛି କି, ମୂଳଶବ୍ଦରେ ବାକ୍ୟରେ ପ୍ରଯୁକ୍ତ ହେବାର ଯୋଗ୍ୟତା ନଥାଏ । ପଦରେ ସମ୍ବନ୍ଧତତ୍ତ୍ୱ ଯୋଡ଼ିବା କାରଣରୁ ଏଥିରେ ଯୋଗ୍ୟତା ଆସିଥାଏ । ଅର୍ଥାତ୍, ମୂଳଶବ୍ଦ + ସମ୍ବନ୍ଧତତ୍ତ୍ୱ = ପଦ ବା ରୂପ । ଭାଷାବିଜ୍ଞାନରେ ଏହି ମୂଳଶବ୍ଦକୁ ଅର୍ଥତତ୍ତ୍ୱ ମଧ୍ୟ କୁହାଯାଏ କାରଣ ଅର୍ଥ ମୁଖ୍ୟତଃ ମୂଳଶବ୍ଦରେ ନିହିତ ରହିଥାଏ । କିନ୍ତୁ ସମ୍ବନ୍ଧତତ୍ତ୍ୱ ବାକ୍ୟରେ ପଦଗୁଡ଼ିକ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିଥାନ୍ତି ।  ଯେପରିକି - 'ଗାଈ ଘାସକୁ ଖାଏ' ବାକ୍ୟରେ 'କୁ' ଏବଂ 'ଏ' ବାକ୍ୟରେ ପଦ ସହିତ ସମ୍ବନ୍ଧିତ ସମ୍ବନ୍ଧକୁ ଅଭିବ୍ୟକ୍ତ କରୁଛନ୍ତି ।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 1***

(କ) ରୂପିମ୍ ସହାୟତାରେ ଗଠିତ ହେଉଥିବା ପଦଗୁଡ଼ିକୁ ଓଡ଼ିଆ ଭାଷାରେ କେତେ ଭାଗରେ ବିଭକ୍ତ କରାଯାଇଛି? (30ଟି ଶବ୍ଦରେ)

(ଖ) ସରଳ ପ୍ରକୃତି ବିଶିଷ୍ଟ ପଦ କାହାକୁ କହନ୍ତି?

(ଗ) ବ୍ୟୁତ୍ପନ୍ନ ପ୍ରକୃତି କାହାକୁ କହନ୍ତି?

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## ୩.୪. ବିଭିନ୍ନ ବ୍ୟାକରଣିକ ବୈଶିଷ୍ଟ୍ୟ ଓ ରୂପତାତ୍ତ୍ୱିକ ସ୍ୱରୂପ

### ୩.୪.୧. ବଚନ :

କୌଣସି ଭାଷିକ ବ୍ୟକ୍ତିଙ୍କପାଇଁ ସବୁଠୁଁ ଅଧିକ ନିଷ୍ପାଦନ ବ୍ୟକରଣିକ ବୈଶିଷ୍ଟ୍ୟ ହେଉଛି 'ବଚନ' । ପଦପ୍ରକରଣର ବିଶେଷ୍ୟ ଓ ସର୍ବନାମକୁ ବଚନ ମାଧମରେ ସୂଚିତ କରାଯାଏ । ଇଂରାଜୀରେ ଦୁଇଟି ବଚନ (ଏକବଚନ ଓ ବହୁବଚନ) ର ପ୍ରଚଳନ ରହିଥିବାବେଳେ, ସଂସ୍କୃତଭାଷାରେ ତିନୋଟି ବଚନ (ଏକବଚନ, ଦ୍ୱିବଚନ ଓ ବହୁବଚନ) ର ପ୍ରଚଳନ ରହିଛି । ଓଡ଼ିଆ ଭାଷାରେ ଅନୁରୂପଭାବେ ଦୁଇଟି ବଚନର ବ୍ୟବହାର ହୋଇଥାଏ। ଇଂରାଜୀ ବିଶେଷ୍ୟପଦ କେତେକ ବିକଳ୍ପକୁ ଛାଡ଼ିଦେଲେ ସାଧାରଣତଃ 's ବା es' ଯୋଗରେ ବହୁବଚନ ସୂଚିତ ହୋଇଥାଏ, ଯଥା -

ଏକବଚନ : Cat, Dog, Tree, Box, Book

ବହୁବଚନ : Cats, Dogs, Trees, Boxes, Books

ଏହା ବ୍ୟତୀତ ବହୁ ବିକଳ୍ପ ମଧ୍ୟ ଦେଖିବାକୁ ମିଳେ, ଯେପରିକି

ଏକବଚନ : man, mouse, ox, child

ବହୁବଚନ : men, mice, oxen, children

ଓଡ଼ିଆ ଭାଷାରେ ଏକବଚନରେ ଅନେକ ସ୍ଥଳରେ ଟି, ଟା, ଟିଏ, ଟାଏ, ଖଣ୍ଡେ, ଖଣ୍ଡିଏ , ଗୋଟିଏ, ଗୋଟାଏ ଇତ୍ୟାଦି ବ୍ୟବହୃତ ହେଉଥିବାବେଳେ ବହୁବଚନକୁ ପରିପ୍ରକାଶ କରିବାପାଇଁ ମାନେ, ମାନ, ଗୁଡ଼ିକ, ଗୁଡ଼ାକ, ଯାକ, ସମୂହ, ଶ୍ରେଣୀ, ବର୍ଗ ପଲ, ଦଳ ଇତ୍ୟାଦିକୁ ବ୍ୟବହାର କରାଯାଏ, ଯଥା: ଲୋକଟି, ପିଲାଟା, ଲୋକମାନେ, ପିଲାମାନେ, ଘରଗୁଡ଼ିକ ।

## ୩.୪.୨. ପୁରୁଷ

ଲାଟିନ୍ ବା ଜର୍ମାନ୍ ଭଳି ଇଣ୍ଡୋ-ୟୁରୋପୀୟ ଭାଷାଗୁଡ଼ିକରେ ପୁରୁଷ ପଦର ବର୍ଗ ବା ଶ୍ରେଣୀ ଅନୁସାରେ କ୍ରିୟାପଦଗୁଡ଼ିକର ନିଷ୍ପାଦିତ ରୂପ ବଦଳିଥାନ୍ତି । ଅର୍ଥାତ୍, କୌଣସି ବାକ୍ୟରେ କର୍ତ୍ତାପଦଟି ସ୍ୱୟଂ ବକ୍ତା ହୋଇଥଲେ, ତାହାକୁ ପ୍ରଥମ ପୁରୁଷ, ଶ୍ରୋତାକୁ ଦ୍ୱିତୀୟ ପୁରୁଷ ଓ ଅନ୍ୟକେହିକୁ ତୃତୀୟପୁରୁଷ ରୂପେ ଚିହ୍ନିତ କରିଥାନ୍ତି ଓ ତଦନୁରୂପ ସର୍ବନାମ ମଧ୍ୟ ସେହିସବୁ ପଦ ଗ୍ରହଣ କରିଥାନ୍ତି । ଓଡ଼ିଆଭାଷାରେ କେବଳ ସର୍ବନାମ ପଦରେ ପୁରୁଷ ବିଚାର କରାଯାଏ । ସଂସ୍କୃ ଭାଷା ପରି ଓଡ଼ିଆ ବ୍ୟକ୍ତିବାଚକ ସର୍ବନାମ କେବଳ ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷର ଅନ୍ତର୍ଗତ ଅଟନ୍ତି । ଓଡ଼ିଆରେ,

ପ୍ରଥମପୁରୁଷର ପଦରୂପ: 'ମୁଁ', 'ଆମେ', 'ଆମ୍ଭେ', 'ଆମ୍ଭେମାନେ'

ଦ୍ୱିତୀୟ ପୁରୁଷର ପଦରୂପ: 'ତୁ', 'ତୁମେ', 'ତୁମ୍ଭେ', 'ତୁମ୍ଭେମାନେ'

ତୃତୀୟ ପୁରୁଷର ପଦରୂପ: 'ସେ', 'ତାହା', 'ଯେ', 'ଯିଏ','କିଏ', 'ସେମାନେ', 'ଯେଉଁମାନେ' ଇତ୍ୟାଦି

## ୩.୪.୩. ଲିଙ୍ଗ

ପ୍ରାକୃତିକ ଜଗତର ବସ୍ତୁ ସମୂହକୁ ସ୍ଥୂଳତଃ ତିନି ଭାଗରେ ବିଭକ୍ତ କରାଯାଇପାରେ, ଯଥା – ପୁରୁଷ, ସ୍ତ୍ରୀ ଓ ଜଡ । ଏହି ବିଭାଗକୁ ଅନସରଣ କରି ଭାଷାରେ ତ୍ରିବିଧ ଲିଙ୍ଗର ନିର୍ଣ୍ଣୟ କରାଯାଇଛି, ଯଥା: ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ, କ୍ଳୀବଲିଙ୍ଗ । ମାତ୍ର ଏବେ କେତେକ ଭାଷାବିତ୍ ଉଭୟଲିଙ୍ଗ ଶବ୍ଦକୁ କ୍ଳୀବଲିଙ୍ଗ ଶବ୍ଦରୁ ଅଲଗା କରି ଆଲୋଚନା କରୁଛନ୍ତି । ଓଡ଼ିଆ ଭାଷାରେ ବାଳକ, ପୁଅ, ସିଂହ, ଯୁବକ, ଶିକ୍ଷକ ଇତ୍ୟାଦି ପୁଂଲିଙ୍ଗବାଚକ ପଦ ଓ କନ୍ୟା, ଝିଅ, ପତ୍ନୀ, ବାଳିକା, ମହିଳା ଇତ୍ୟାଦି ସ୍ତ୍ରୀଲିଙ୍ଗବାଚକ ପଦ ଏବଂ କାଗଜ, ଗଛ, ଗାଡ଼ି, ମଟର, ଘର ଇତ୍ୟାଦି କ୍ଳୀବଲିଙ୍ଗ ପଦ ଅଟନ୍ତି ।

ଅନୁରୂପ ଭାବେ ଜର୍ମାନ ଭାଷାରେ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ଭେଦରେ ଦୁଇଟି ଲିଙ୍ଗ; ଫରାସୀ ଭାଷାରେ ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଳୀବଲିଙ୍ଗର କଳ୍ପନା କରାଯାଇଛି । ମାତ୍ର ଇଂରାଜୀରେ Masculine, feminine, Common ଓ Neuter Gender ରହିଛି ।

## ୩.୪.୪. କାରକ

ବାକ୍ୟରେ କ୍ରିୟା ପଦ ସହିତ ଅନ୍ୟ ପଦଗୁଡ଼ିକର ଯେଉଁ ଅନ୍ୱୟ ବା ସମ୍ବନ୍ଧ ରହିଥାଏ, ତାହାକୁ କାରକ କହନ୍ତି । କାରକ ବିଶେଷ୍ୟପଦକୁ ବି ପ୍ରଭାବିତ କରିଥାଏ । ବାକ୍ୟରେ କାରକ ପଦ ଅନ୍ୟ ପଦଗୁଡ଼ିକୁ ଛଅଗୋଟି ଦିଗରୁ ଅନ୍ୱୟ ବା ସଂପର୍କସ୍ଥାପନ କରେ, ଓ ତଦନୁଯୋୟୀ ପଦରୂପରେ ପରିବର୍ତ୍ତନ ଘଟିଥାଏ। ଏହି ଛଅଗୋଟି କାରକ ହେଉଛି, କର୍ତ୍ତା, କର୍ମ, କରଣ, ସଂପ୍ରଦାନ, ଅପାଦାନଓ ଅଧିକରଣ । ଲାଟିନ୍ ଭାଷାରେ ବିଶେଷ୍ୟପଦଟି ପ୍ରତ୍ୟେକ କ୍ଷେତ୍ରରେ ଏକବଚନ ବା ବହୁବଚନ କ୍ରମେ ଅନ୍ୟ ପାଞ୍ଚୋଟି କାରକ ଦ୍ୱାରା ପ୍ରଭାବିତ ହୋଇଥାଏ । ସଂସ୍କୃତରେ ଏହି କାରକପଦକୁ ବିଶେଷବାବେ ବିଶ୍ଳେଷଣ କରାଯାଇଛି ଓ ତଦନୁରୂପ ଓଡ଼ିଆ, ବଙ୍ଗଳା ଆଦି ଭାଷାରେ କାରକର ଭୂମିକା ନିର୍ଦ୍ଧାରଣ କରାଯାଇଛି । କ୍ରିୟାକୁ ଯେ ସଂପାଦନ କରେ ବା କରାଏ, ତାହାକୁ କର୍ତ୍ତା କାରକ ପଦ କୁହାଯାଏ । "ଗୋପାଳ ସାଇକେଲରେ ଘରକୁ ଯାଉଛି ।" ବାକ୍ୟରେ 'ଗୋପାଳ" ହେଉଛି କର୍ତ୍ତାପଦ ଓ 'ଯାଉଛି' କ୍ରିୟାପଦ ।

ଅନ୍ୱରୂପଭାବେ ଯାହାକୁ ଅବଲମ୍ବନ କରି କ୍ରିୟା ସାଧିତ ହୁଏ ବା ସଂପୂର୍ଣ୍ଣତା ଲାଭ କରେ, ତାହାକୁ କର୍ମକାରକ କୁହନ୍ତି । ଉପରେକ୍ତ ବାକ୍ୟରେ 'ଘରକୁ' ହେଉଛି କର୍ମକାରକ ।

କର୍ତ୍ତା ଯାହା ସାହାଯ୍ୟରେ କାର୍ଯ୍ୟକୁ ସଂପାଦନ କରେ, ତାହାକୁ କରଣ କାରକ କୁହାଯାଏ । ଉପରୋକ୍ତ ବାକ୍ୟରେ 'ସାଇକେଲରେ' ହେଉଛି କରଣକାରକ ।

ନିଜ ସ୍ୱାଧିକାର ତ୍ୟାଗ ବା ଉଚ୍ଛେଦ ପୂର୍ବକ ଯାହାକୁ କିଛି ଦାନ କରାଯାଏ, ସେହି ପଦରେ ସଂପ୍ରଦାନ କାରକ ହୁଏ। ଉଦାହରଣ ସ୍ୱରୂପ, "ଭିକାରିକୁ ଭିକ୍ଷା ଦିଅ ।" ବାକ୍ୟରେ 'ଭିକାରିକୁ' ସଂପ୍ରଦାନ କାରକ ପଦ ।

କ୍ରିୟା ପଦଦ୍ୱାରା କୌଣସି ବସ୍ତୁ ଅନ୍ୟ ବସ୍ତୁଠାରୁ ବିଚ୍ଛିନ୍ନ ବା ପୃଥକ୍ ହେବା ବୁଝାଇଲେ, ଯାହାଠାରୁ ପୃଥକ୍ ବା ବିଚ୍ଛିନ୍ନ ହୁଏ, ତାହାର ଅପାଦାନ କାରକ ହୋଇଥାଏ । "ହିମାଳୟରୁ ଗଙ୍ଗା ବାହାରିଛି ।" ବାକ୍ୟରେ 'ହିମାଳୟରୁ' ଅପାଦାନ କାରକଯୁକ୍ତ ପଦ ।

କର୍ତ୍ତା ଓ କର୍ମ ସଂପର୍କୀୟ କାର୍ଯ୍ୟ ଯେଉଁ ସ୍ଥାନରେ ବା ସମୟରେ ବା ବିଷୟରେ ସାଧିତ ହୁଏ, ସେଠାରେ ଅଧିକରଣ କାରକ ହୁଏ । "ବାପା ସକାଳେ ଗୀତା ପଢନ୍ତି ।' ବାକ୍ୟରେ "ସକାଳେ' ଶବ୍ଦଟି ଅଧିକରଣ କାରକଯୁକ୍ତ ପଦ ।

## ୩.୪.୫. କାଳ ଓ ଭାବ (tense & Mood)

କାଳ କୌଣସି ଏକ ଘଟଣାର ସହିତ ବକ୍ତା କହୁଥିବା ଅନ୍ୟ ଗୋଟିଏ ସମୟର ସଂପର୍କକୁ ସୂଚିତ କରେ । ବର୍ତ୍ତମାନ କାଳରେ ବକ୍ତା କହୁଥିବା ସମୟ ଓ ଘଟଣାର ସମୟ ଉଭୟ ସମାନ ହୋଇଥାନ୍ତି । ଅତୀତ କାଳରେ ଘଟଣାର ସମୟ ବକ୍ତାର କହୁଥିବା ସମୟ ପୂର୍ବର ହୋଇଥାଏ ଓ ଭବିଷ୍ୟତ କାଳରେ ବକ୍ତା କହୁଥିବା ସମୟ ଠାରୁ ଘଟଣାର ସମୟ ପରବର୍ତ୍ତୀ ସମୟକୁ ସୂଚିତ କରିଥାଏ । ତେଣୁ, କାଳବାଚକ ଚିହ୍ନଗୁଡ଼ିକ ପ୍ରଥମେ କ୍ରିୟାପଦ ସହିତ ସଂଯୁକ୍ତ ହୋଇ ପରେ ବାକ୍ୟର ଅନ୍ୟପଦ ସହିତ ସଂପର୍କ ସ୍ଥାପନ କରିଥାନ୍ତି । ଇଂରାଜୀରେ ଆମେ ଅତୀତ କାଳକୁ ସୂଚିତ କରିବାପାଇଁ ନିଷ୍ପାଦକ ପରପଦ 'ed' କୁ କ୍ରିୟାପଦ ସହିତ ଯୋଡ଼ିଥାଉ, କିନ୍ତୁ ସେହି ଇଂରାଜୀରେ ଭବିଷ୍ୟତ କାଳକୁ ସୂଚିତ କରିବାପାଇଁ 'will' ଭଳି ଅଲଗା ସହାୟକ କ୍ରିୟାର ଆବଶ୍ୟକ ପଡ଼ିଥାଏ । କିନ୍ତୁ, ଲାଟିନ୍ ଭାଷାରେ ଭବିଷ୍ୟତକାଳ ଆମ ଓଡ଼ିଆ ଭାଷାରେ ନିଷ୍ପାଦିତ ହେବାଭଳି ଦେଖିବାକୁ ମିଳେ । ଯେପରିକି:

ବର୍ତ୍ତମାନ : amo (ମୁଁ ଭଲପାଉଛି ।)

ଅତୀତକାଳ : amavi (ମୁଁ ଭଲପାଉଥିଲି।)

ଭବିଷ୍ୟତକାଳ : amabo (ମୁଁ ଭଲ ପାଇବି।)

ତେବେ ଏହି କାଳ ସହିତ ଦିଗ (aspect) କୁ କ୍ରିୟା ସହିତ ସଂଯୁକ୍ତ ହୋଇଥାଏ, ଯାହା କହିବାର ସମୟକୁ ନସୂଚାଇ ବରଂ ଉକ୍ତ ଘଟଣା କିପରି ଘଟୁଛି ତାହାର ଆଭ୍ୟନ୍ତରୀଣ ଦିଗକୁ ସୂଚିତ କରିଥାଏ । ଏହାକୁ ଆମେ ସାଧାରଣ, ଅସଂପନ୍ନ, ସଂପନ୍ନ ଇତ୍ୟାଦି ଭାବରେ ବିଭକ୍ତ କରିଥାଉ । ଅନୁରୂପଭାବେ ଭାବର ବିଭିନ୍ନ ଅବସ୍ଥା (Mood) କୁ ପରିପ୍ରକାଶ କରିବାପାଇଁ ଶବ୍ଦରୂପ ବା ପଦରୂପରେ ପରିବର୍ତ୍ତନ ଘଟିଥାଏ । ଓଡ଼ିଆରେ ଏହି ଅବସ୍ଥାକୁ ତିନିଗୋଟି ଅବସ୍ଥା ଯଥା - ଆଭିପ୍ରାୟିକ, ଆଭାସିକ ଓ ଅନୁଜ୍ଞାରେ କ୍ରିୟାଗୁଡ଼ିକ ବିଭିନ୍ନ ରୂପ ଲାଭକରି ବ୍ୟବହୃତ ହୋଇଥାନ୍ତି ।

## ୩.୪.୬. ଓଡ଼ିଆ ବିଶେଷ୍ୟ ପଦବନ୍ଧ

ଆପଣଙ୍କର ବନ୍ଧୁ ମୋର ମିତ୍ର ।

ଆପଣଙ୍କର ଜଣେ ଭଲ ବନ୍ଧୁ ଆମ ଘରକୁ ଆସିଥିଲେ।

ସେହି ଶୀତଦିନିଆ କୋହଲା ପାଗରୁ ମୋତେ ଥଣ୍ଡା ଧରିଲା।

ଉପରୋକ୍ତ ବାକ୍ୟରେ ଥିବା ବିଭିନ୍ନ ପଦବନ୍ଧ ମଧ୍ୟରୁ 'ଆପଣଙ୍କର' , 'ଆପଣଙ୍କର ବନ୍ଧୁ', 'ଆପଣଙ୍କର ଜଣେ ଭଲ ବନ୍ଧୁ', 'ସେହି ଶୀତଦିନିଆ କୋହଲା ପାଗରୁ ' ଇତ୍ୟାଦି ଗୋଟିଏ ଗୋଟିଏ ବିଶେଷ୍ୟ ପଦବନ୍ଧ ଅଟନ୍ତି।

ଓଡ଼ିଆରେ ବିଶେଷ୍ୟ ପଦବନ୍ଧ ସାଧାରଣତଃ ବିଶେଷ୍ୟ ପଦ, ବିଶେଷଣଯୁକ୍ତ ବିଶେଷ୍ୟ ପଦ, କେବଳ ସର୍ବନାମ, ସର୍ବନାମଯୁକ୍ତ ବିଶେଷ୍ୟ ପଦ ଇତ୍ୟାଦିକୁ ନେଇ ସୃଷ୍ଟି ହୋଇଥାଏ।

ତେବେ ଏହି ବିଶେଷ୍ୟ ପଦବନ୍ଧରେ ଜଣେ ରୂପାନ୍ତରିତ ବା ବିଶେଷିତ ହୁଏ ଓ ଅନ୍ୟମାନେ ତାହାର ରୂପାନ୍ତରକ ବା ବିଶେଷକ ହୋଇଥାନ୍ତି। ଯିଏ ବିଶେଷିତ ହୁଏ ତାହାକୁ ବିଶେଷ୍ୟ ପଦ କୁହାଯାଏ, ଏବଂ ଯାହା ହେତୁ ବିଶେଷ୍ୟର ଭାବଗତ ବା ଗୁଣଗତ ଅର୍ଥରେ ବୃଦ୍ଧି ବା ହ୍ରାସ ଘଟେ, ତାହାକୁ ବିଶେଷଣ କୁହାଯାଏ। ଏହି ଦୃଷ୍ଟିରୁ ବିଶେଷଣ ପଦ ଏକ ବିକଳ୍ପ ରୂପେ କାର୍ଯ୍ୟ କରିଥାଏ। ଓଡ଼ିଆରେ ଏହା ସାଧାରଣତଃ ବିଶେଷ୍ୟ ପଦର ପୂର୍ବରୁ ଆସିଥାଏ।

**(କ) ବିଶେଷ୍ୟ ପଦବନ୍ଧ**

ବିଶେଷ୍ୟ ପଦବନ୍ଧ (ବି.ପଂ)

ବି. ପଂ_1 + ବି. ପଂ_2

ସର୍ବନାମ + ପରସର୍ଗ + ବି. ପଂ

ସର୍ବନାମ + ପରସର୍ଗ + ବି. ପ +( ø )

ଉଦାହରଣ : '**ତାଙ୍କର** ମିତ୍ର'

## ୩.୪.୭. ଓଡ଼ିଆ କ୍ରିୟା ପଦବନ୍ଧ

ମୂଳ ବାକ୍ୟରେ ଉଦ୍ଦେଶ୍ୟ ଭାଗକୁ ଛାଡ଼ିଦେଲେ, ଯାହା ରୁହେ ତାହାକୁ ବିଧେୟ କୁହାଯାଏ। ବିଧେୟ ଭାଗରେ କ୍ରିୟା ପଦବନ୍ଧ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଆହୁରି ମଧ୍ୟ ଏହି କ୍ରିୟା ପଦବନ୍ଧର ମୁଖ୍ୟ କ୍ରିୟା ତଥା ସହାୟକ କ୍ରିୟା ଦୁଇଟି ଯାଙ୍କ ଭାଗ ଏକାଠି ରହିପାରନ୍ତି । ପୁନଃ କ୍ରିୟା ପଦବନ୍ଧରେ କ୍ରିୟା ରୂପ ବ୍ୟତୀତ କ୍ରିୟା ବିଶେଷଣ ଓ କ୍ରିୟାପୂରକ ଅଂଶ ରହିପାରନ୍ତି। ଯଦି ଉକ୍ତ କ୍ରିୟା ସକର୍ମକ କ୍ରିୟା ହୋଇଥାଏ, ତେବେ ସେହି କ୍ରିୟା ପଦବନ୍ଧରେ ଦ୍ୱିତୀୟ ବିଶେଷ୍ୟପଦ କର୍ମକାରକ ରୂପେ ଅବସ୍ଥାନ କରିଥାଏ ।

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଦେଖନ୍ତୁ।

(କ) ଆପଣ କାଲି ତାଙ୍କ **ଗାଁକୁ** ଯାଆନ୍ତୁ ।

(ଖ) ସେ ସ୍କୁଲ୍ ରେ ପଢୁ ଛି।

(ଗ) ବୁଢୀ ମା' ନାତିକୁ **ଗପ** କହିଲେ।

(ଘ) ତାଙ୍କୁ ସମସ୍ତେ ଆଦର କରନ୍ତି।

ଉପରୋକ୍ତ ବାକ୍ୟଗୁଡ଼ିକର ରେଖାଙ୍କିତ ଅଂଶଗୁଡ଼ିକ କ୍ରିୟାରୂପ ଅଟନ୍ତି।

ଏହିଠାରେ ମୁଁ କହିରଖେ ଓଡ଼ିଆରେ ଯେଉଁ ଚିହ୍ନ ବା ସଙ୍କେତଗୁଡ଼ିକ ବାକ୍ୟ ଅନ୍ତର୍ଗତ ବିଭିନ୍ନ ପଦର ବଚନ, କାରକ ଓ ସମ୍ବନ୍ଧପଦକୁ ଯଥାର୍ଥଭାବେ ସୂଚିତ କରାଇବାରେ ସହାୟକ ହୋଇଥାନ୍ତି, ତାହାକୁ ବିଭକ୍ତି କୁହାଯାଏ। ତେଣୁ ବାକ୍ୟରେ ପଦଗୁଡ଼ିକୁ ବିଭକ୍ତ କରିବାରେ ଯେଉଁ ଚିହ୍ନ ବା ସଙ୍କେତଗୁଡ଼ିକ ସହାୟତା କରିଥାନ୍ତି, ସେଗୁଡ଼ିକ 'ବିଭକ୍ତି ଚିହ୍ନ' ନାମରେ ପରିଚିତ ।

ଓଡ଼ିଆରେ ଉତ୍ପତ୍ତି ଦୃଷ୍ଟିରୁ କ୍ରିୟାକୁ ବହୁ ଭାଗରେ ବିଭକ୍ତ କରାଯାଇପାରେ। ଯେପରିକି (କ) ମୌଳିକ କ୍ରିୟାପଦ ବା ଏକକ କ୍ରିୟାପଦ ବିଶିଷ୍ଟ କ୍ରିୟା, (ଖ) ଯୌଗିକ କ୍ରିୟାପଦ ବିଶିଷ୍ଟ କ୍ରିୟା, (ଗ) ମିଶ୍ର କ୍ରିୟାପଦ, (ଘ) ଅମିଶ୍ର କ୍ରିୟାପଦ ।

(କ) ମୌଳିକ କ୍ରିୟାପଦ : ପଢ଼ିବା, ହସିବା, ଖେଳିବା, ଜାଣିବା ଇତ୍ୟାଦି ।

ମୌଳିକ କ୍ରିୟାପଦର ବ୍ୟୁତ୍ପାଦନ: ଧାତୁ + ରୂପିମ_1 + ରୂପିମ_2 + ସହାୟକ (ø)

ଉଦାହରଣ ସ୍ୱରୂପ ପଢ଼ିବା କ୍ରିୟାରୁ ପଢୁଛି ପଦର ବ୍ୟୁତ୍ପନ୍ନ ଗତ ରୂପ "ପଢ୍ + (-ଉ) + (-ଅଛି) + ø

(ଖ) ପ୍ରୟୋଜନାତ୍ମକ କ୍ରିୟାପଦ : ପଢ଼ାଇବା, ହସାଇବା, ଜଣାଇବା ଇତ୍ୟାଦି । ପ୍ରୟୋଜନାତ୍ମକ କ୍ରିୟାପଦର ବ୍ୟୁତ୍ପାଦନ:

ଧାତୁ (ପ୍ରୟୋଜନାତ୍ମକ ଧାତୁ ରୂପ) + ରୂପିମ-1 + ରୂପିମ-2 + ସହାୟକ-1

(ଗ) ଯୌଗିକ କ୍ରିୟାପଦର ଉଦାହରଣ: ପଢାଯିବା, ଖିଆଯିବା, ରଖାଯିବା, ଧୁଆଯିବା ଇତ୍ୟାଦି ।

**ଯୌଗିକ କ୍ରିୟାପଦର ବ୍ୟୁତ୍ପାଦନ :** ଏଥିରେ ଦୁଇଟି ଧାତୁ ଥାଏ। ପ୍ରଥମଟି ମୁଖ୍ୟ ଓ ଦ୍ୱିତୀୟଟି ଗୌଣ ବା ସାହାଯ୍ୟକାରୀ ରୂପ। ମୁଖ୍ୟ ଧାତୁ ତାହାର ଅସମାପିକା କ୍ରିୟା ରୂପିମ (ଆ, ଇ, ଉ) ପ୍ରତ୍ୟୟ ଗ୍ରହଣ କରିବା ବେଳେ, ଗୌଣ ଧାତୁରେ ଧାତୁବିଭକ୍ତି ଲାଗିଥାଏ। ଯେପରିକି 'ପଢାଯିବା' ରୁ 'ପଢ଼ାଯାଉଛି' କ୍ରିୟାରୂପର ଉତ୍ପନ୍ନ ହୁଏ। ଏହାକୁ ବ୍ୟୁତ୍ପାଦନରେ ପ୍ରକାଶ କଲେ - {ପଢ୍ + -ଆ} + {ଯା + -ଉଛି} ହେବ ଏବଂ ଏ ସମସ୍ତ ପରେ ସଂଶ୍ଳେଷିତ ହୋଇ 'ପଢ଼ାଯାଉଛି' କ୍ରିୟାରୂପ ଗ୍ରହଣ କରିବ ।

(ଘ) ମିଶ୍ର କ୍ରିୟାପଦ (ବିଶେଷ୍ୟ/ବିଶେଷଣ + କ୍ରିୟା) : ଏହି କ୍ରିୟାପଦରେ କୌଣସି ବିଶେଷ୍ୟ/ବିଶେଷଣ ପଦ ସହିତ କ୍ରିୟା ପଦ ମିଶିକରିଥାଏ। ପୁନଃ ଏହି କ୍ରିୟାପଦ ଉଭୟ ସମାପିକା ଓ ସମାପିକା କ୍ରିୟାରୂପର ସମନ୍ୱୟରେ ଗଢାଯାଇଥାଏ। ଯେପରିକି, 'ଟେଲିଫୋନ୍ କରାଯାଇପାରିବ' କ୍ରିୟୋପଦରେ ଗୋଟିଏ ବିଶେଷ୍ୟପଦ 'ଟେଲିଫୋନ୍' ସହିତ ଏହାର କ୍ରିୟାତ୍ମକ ରୂପ 'କରାଯାଇପାରିବ'ରେ {କରା + ଯାଇ + ପାରିବ} କ୍ରିୟାରୂପର ସମନ୍ୱୟ ଘଟିଛି। ପୁନଃ ଏଥିରେ 'କରା' ଓ 'ଯାଇ' ଯଥାକ୍ରମେ ଅସମାପିକା କ୍ରିୟାରୂପ ହୋଇଥିବାବେଳେ, ପାରିବ ସଂପୂର୍ଣ୍ଣ କ୍ରିୟାପଦଟିର ସମାପିକା ରୂପ।

## ୩.୫. ରୂପ ପରିବର୍ତ୍ତନର କାରଣ

ଭାଷାର ଅନ୍ୟତମ ବିଭବ ରୂପ । ଭାଷା କଠିନତାରୁ ସରଳତା ଆଡକୁ ଗତି କରୁଥିବାରୁ, ରୂପ ବା ଶବ୍ଦରୂପ ମଧ୍ୟ ପରିବର୍ତ୍ତିତ ହୋଇ କ୍ରମେ କଠିନରୁ ସରଳ ହୋଇଥାଏ । ଏହାକୁ ଆମେ ରୂପ ପରିବର୍ତ୍ତନ କହୁ। ପ୍ରଥମେ ରୂପ ପରିବର୍ତ୍ତନ

ଅଧ୍ୟୟନ ବସ୍ତୁତଃ କୌଣସି ଭାଷାରେ ଚଳନ୍ତି ଶବ୍ଦରୂପର ଅଧ୍ୟୟନକୁ ବୁଝାଇଥାଏ ଯାହା କୌଣସି ଭାଷାର ଜୀବନ୍ତ ବା ମୃତ ହେବାର କାରଣଗୁଡ଼ିକର ସଂକେତ ପ୍ରଦାନ କରେ। ଦ୍ୱିତୀୟତଃ, ଏହି ରୂପ ପରିବର୍ତ୍ତନର ଅଧ୍ୟୟନ ଭଷାର ଐତିହାସିକ ସନ୍ଦର୍ଭ ଉପରେ ଦୃଷ୍ଟିପାତ କରିଥାଏ। ତୃତୀୟରେ ଏହି ରୂପପରିବର୍ତ୍ତନ ରୂପତାତ୍ତ୍ୱିକ ସଂରଚନାର ଯେଉଁ ପକ୍ଷ ପରିବର୍ତ୍ତନଶୀଳ ଓ ଯାହା ଅପରିବର୍ତ୍ତନୀୟ ତାହାକୁ ସୂଚାଇବା ସହିତ ପରିବର୍ତ୍ତନର ଦିଗ ଓ ସୀମାକୁ ନିର୍ଦ୍ଧାରଣ କରିଥାଏ। ଚତୁର୍ଥରେ ଏହି ଅଧ୍ୟୟନ ସମାଜର କେଉଁ ଭାବପକ୍ଷ୍ୟ ବା ଉଦ୍ଦେଶ୍ୟକୁ ପୂରଣ କରିବାପାଇଁ ରୂପତତ୍ତ୍ୱର କେଉଁ ଦିଗ ପରିବର୍ତ୍ତିତ ହେଲା ତାହାକୁ ସୂଚାଇବାରେ ସମର୍ଥ ହୋଇଥାଏ। ରୂପପରିବର୍ତ୍ତନର ବିଭିନ୍ନ କାରଣ ରହିଛି, ସେହି କାରଣଗୁଡ଼ିକ ନିମ୍ନମତେ –

## ୩.୫.୧. ସରଳୀକରଣ

ଭାଷଣ ପ୍ରକ୍ରିୟାରେ ସରଳତା ଆଣିବାପାଇଁ ଧ୍ୱନିପରିବର୍ତ୍ତନ ଭଳି ରୂପରେ ବି ପରବର୍ତ୍ତନ ଘଟିଥାଏ। ଯେପରିକି ପ୍ରାଚୀନ ସଂସ୍କୃତରେ ଦ୍ୱିବଚନର ବ୍ୟବହାର ଥିବାବଳେ, ଏଥିରୁ କ୍ରମ ବିବର୍ତ୍ତନ ରୂପରେ ପହଞ୍ଚିଥିବା ଓଡ଼ିଆ ଭାଷାରେ ଦ୍ୱିବଚନର ବ୍ୟବହାର ନାହିଁ । ଅନୁରୂପ ଭାବେ ଶବ୍ଦ ଗଠନ ରୀତରେ ତତ୍ସମ ଶବ୍ଦରୁ ପରେ ତଦ୍ଭବ ଶବ୍ଦର ଉତ୍ପନ୍ନ ହେବା ବା ତଦ୍ଧିତ ପ୍ରତ୍ୟୟ ଆଦିର ବ୍ୟବହାର ମଧ୍ୟ ଏହି ରୂପପରିବର୍ତ୍ତନର ଗୋଟିଏ ଗୋଟିଏ ଉଦାହରଣ ହୋଇପାରିବେ । ଏହି ବୈଶିଷ୍ଟ୍ୟରୁ ସଂସ୍କୃତରେ ପ୍ରଚଳିତ 'ସ୍ଥାନାତ୍' ଏବେ ଓଡ଼ିଆରେ 'ଠୁଁ' ରୂପେ ବ୍ୟବହୃତ ହେଉଛି। ସଂସ୍କୃତର ହରି , ମୁନି, ସାଧୁ ଆଦି ଶବ୍ଦର ହରିଣା, କରିଣା, ମୁନିନା, ସାଧୁନାରେ 'ନା' ପ୍ରୟୋଗରୁ ଏହି ରୂପିମରେ କ୍ରମଶଃ ସରଳତା ଆସିଛି।

## ୩.୫.୨. ନୂତନତା ପ୍ରତି ଆଗ୍ରହ

ଭାଷାର ବ୍ୟବହାରରେ ବିଭିନ୍ନ କାରଣରୁ ଶବ୍ଦ ଓ ରୂପରେ ପରିବର୍ତ୍ତନ ଘଟିଥାଏ । ନବୀନତାର କାରଣରୁ ଭାଷାରେ କିଛି ନୂଆ ଶବ୍ଦବି ସୃଷ୍ଟି ହୋଇଯାଉଛନ୍ତି, ପ୍ରଚଳିତ କିଛି ଶବ୍ଦ ବି କ୍ରମ ଅପ୍ରଚଳିତ ହେଉଛନ୍ତି। ନବୀନତା ପ୍ରତି ଆଗ୍ରହ ହେତୁ ଭାଷାରେ ବ୍ୟବହୃତ ଶବ୍ଦରେ ପରିବର୍ତ୍ତନ ଘଟିଥାଏ। ରୂପକଳ୍ପନାରୁ ପରିକଳ୍ପନା/କଳ୍ପନୀୟ, ମୂଲ୍ୟାୟନରୁ ଅବମୂଲ୍ୟାୟନ, ସୁନ୍ଦରତା ରୁ ସୌନ୍ଦର୍ଯ୍ୟ, ପ୍ରଚୁରତାରୁ ପ୍ରାଚୁର୍ଯ୍ୟ  ଆଦି ପରିବର୍ତ୍ତନ ଏହି ରୂପ ପରିବର୍ତ୍ତନର ଉଦାହରଣ ଅଟନ୍ତି। ଓଡ଼ିଆରେ ଏହି କାରଣରୁ ପୂର୍ବସର୍ଗ ଯୋଗରେ ଶବ୍ଦତାତ୍ତ୍ୱିକ ପରିବର୍ତ୍ତନ ଆସିଥାଏ । ଯେପରିକିସ ସଂସୃଷ୍ଟି, ସଂବେଗ, ଅବହ୍ରାସ, ଅବମୂଲ୍ୟାୟନ ଇତ୍ୟାଦି ।

## ୩.୫.୩. ଅସ୍ୱଷ୍ଟ ଓ ଭ୍ରାନ୍ତ ଉଚ୍ଚାରଣ

ମାନସିକ ଅବସ୍ଥାର ସମ୍ବନ୍ଧ ଅର୍ଥ ଗ୍ରହଣ ପ୍ରକ୍ରିୟା ସହିତ ସମ୍ବନ୍ଧିତ। ଅନେକ ସମୟରେ କୌଣସି ବାକ୍ୟ ବା ଶବ୍ଦ ବକ୍ତାଙ୍କ ଦ୍ୱାରା ଅସ୍ୱଷ୍ଟଭାବରେ ଉଚ୍ଚାରିତ ହେଲେ ତାହାକୁ ସଠିକ୍ ରୂପେ ଅଭିଜ୍ଞାନ କରିହୁଏ ନାହିଁ। ଅନୁମାନର ଆଧାରରେ ଏହି ଉଚ୍ଚାରଣକୁ ଗ୍ରହଣ କଲେ ସେଥିରୁ ବହୁ ସମୟରେ ନୂତନ ଶବ୍ଦ ଗଠିତ ହୋଇ ପରେ ପ୍ରଚଳିତ ହୋଇଯାଏ। କେହେକେହି ଅଜ୍ଞାନ, ଅଶିକ୍ଷାର କାରଣରୁ ଶବ୍ଦକୁ ଭ୍ରାନ୍ତ ଉଚ୍ଚାରଣ କରିଥାନ୍ତି। ଭ୍ରାନ୍ତ ଉଚ୍ଚାରଣ ଯୋଗୁ ବର୍ଣ୍ଣର ଲୋପ, ଆଗମ, ବିପର୍ଯ୍ୟୟ, ସମୀକରଣ ଆଦି ଦେଖାଯାଏ ଓ ସେଥିରୁ ନୂଆ ଶବ୍ଦର ସୃଷ୍ଟି ହୁଏ। ଯେପରିକି: ଉଧାର>ଧାର, ଜେଲ>ଜିଅଲ, ଶ୍ମଶାନ>ମଶାଣି, ସ୍ୱପ୍ନ>ସପନ, ଅଗ୍ନି>ଅଗ୍ଗି ଇତ୍ୟାଦି।

### ୩.୫.୪. ଅନୁକରଣରେ ଅପୂର୍ଣ୍ଣତା

ମାନବର ଆଙ୍ଗିକ ଓ ମାନସିକ ସଂଘଟନରେ ଭିନ୍ନତା ହିଁ ଅନୁକରଣରେ ଅପୂର୍ଣ୍ଣତାର ପ୍ରମୁଖ କାରଣ। ବାଗଯନ୍ତ୍ର ପରି ଶ୍ରବଣେନ୍ଦ୍ରିୟରେ ବ୍ୟତିକ୍ରମ ମଧ୍ୟ ଧ୍ୱନି ପରିବର୍ତ୍ତନର କାରଣ ହୁଏ। ଉଦାହରଣ ସ୍ୱରୂପ ଯଦି କେହି 'ଚାଉଳ'କୁ 'ଚାଉର' ରୂପରେ ଶୁଣେ ତେବେ ତାହାକୁ ସେହିଭାବେ ଉଚ୍ଚାରଣ କରିଥାଏ। ଆହୁରି ମଧ୍ୟ ଅଜ୍ଞାନତା ହେତୁ ବ୍ୟକ୍ତି ଅପୂର୍ଣ୍ଣ ଉଚ୍ଚାରଣ କରିଥାଏ। ଶବ୍ଦର ଶୁଦ୍ଧ ରୂପ କଣ ହେବା ଉଚିତ, ଏହାର ଅର୍ଥ କଣ, ଏହି ଜ୍ଞାନ ନହେବା ହେତୁ ବକ୍ତା ବହୁ ସମୟରେ ଭୁଲ୍ ଉଚ୍ଚାରଣ କରିଥାନ୍ତି।

### ୩.୫.୫. ଭ୍ରାମକ ବା ଲୌକିକ ବ୍ୟୁତ୍ପତ୍ତି

ଜାତୀୟ ସମ୍ମିଳନ କ୍ଷେତ୍ରରେ ଗୋଟିଏ ବାହାର ଭାଷାର ଶବ୍ଦକୁ ଶୁଣି ଅନେକ ବ୍ୟକ୍ତି ତାହାକୁ ନିଜଭାଷାର ଶବ୍ଦ ସହିତ ସଦୃଶ କରି ବା ପ୍ରତ୍ୟୟ ଲଗାଇ ଯେଉଁ ଶବ୍ଦକୁ ଉଚ୍ଚାରଣ କରିଥାନ୍ତି ତାହା କ୍ରମେ ନୂତନ ଶବ୍ଦ ହୋଇଯାଏ। ଯେପରିକି 'hospital>ହାସପାତାଳ, 'କ୍ରିଶମାସ'>କିସ୍‌ମିସ୍, 'Godown'>ଗୋଦାମ, 'ଆରମାରିଓ'>ଆଲମାରି ଇତ୍ୟାଦି।

ଏହା ବ୍ୟତୀତ ଦ୍ରୁତ କଥନ, ପ୍ରୟୋଗାଧିକ୍ୟ, ଅସାବଧାନତା, ମନରୁ ଗଢ଼ି କହିବା, ଅନ୍ଧବିଶ୍ୱାସ, ରୂଢ଼ିର ପ୍ରୟୋଗ ଆଦି ବିଭିନ୍ନ କାରଣ ମଧ୍ୟ  ଭାଷା ପରିବର୍ତ୍ତନର ଗୋଟିଏ ଗୋଟିଏ କାରଣ ଅଟନ୍ତି। ଏହିସବୁ କାରଣରୁ କେତୋଟି ଆମେ  ପୂର୍ବରୁ ଧ୍ୱନି ପରିବର୍ତ୍ତନ ବିଭାଗରେ ଅଧ୍ୟୟନ କରିସାରିଛନ୍ତି।

## ୩.୬. ରୂପ ପରିବର୍ତ୍ତନର ଦିଗ

ଏବେ ଆମେ ରୂପ ପରିବର୍ତ୍ତନର ବିଭିନ୍ନ ଦିଗ ସଂପର୍କରେ ଅବଗତ ହେବା । କୌଣସି ଶବ୍ଦର ଏକ ରୂପ କୌଣସି ନା କୌଣସି କାରଣରୁ ଯେତେବେଳେ ଆଉଗୋଟିଏ ରୂପରେ ପରିବର୍ତ୍ତିତ ହୁଏ, ତାହାକୁ ଆମେ ରୂପପରିବର୍ତ୍ତନ କହିଥାଉ । ଯଦିଓ ଭାଷାରେ ଧ୍ୱନି ପରିବର୍ତ୍ତନ ତୁଳନାରେ ରୂପ ପରିବର୍ତ୍ତନ ବହୁତ କମ୍ ହୋଇଥାଏ, ତେବେବି ବହୁ ସମୟରେ ଏହି ଦୁଇଟି ମଧ୍ୟରେ ପରିବର୍ତ୍ତନର ସାମଞ୍ଜସ୍ୟ ଓ ସଂପର୍କ ଏତେ ବଢ଼ିଯାଏ ଯେ, ଜଣକୁ ଆଉ ଜଣକଠାରୁ ଅଲଗା କରିବା ବହୁତ କଠିନ ହୋଇଥାଏ । ରୂପ ପରିବର୍ତ୍ତନ ବିଭିନ୍ନ ଦିଗରୁ ହେଇଥାଏ, ଯଥା: (କ) ଧ୍ୱନିର ପରିବର୍ତ୍ତନ, (ଖ) ଅତିରିକ୍ତ ପ୍ରତ୍ୟୟର ପ୍ରୟୋଗ, (ଗ) ଭୁଲ୍ ପ୍ରତ୍ୟୟର ପ୍ରୟୋଗ, (ଘ) ନୂଆ ପ୍ରତ୍ୟୟର ପ୍ରୟୋଗ, (ଙ) ଧାତୁରେ ଆଦେଶ, ବୃଦ୍ଧି, ଗୁଣ ଓ ଲୋପ ଇତ୍ୟାଦି ।

## ୩.୭. ଧ୍ୱନିର ପରିବର୍ତ୍ତନରୁ ରୂପ ପରିବର୍ତ୍ତନ

ରୂପ ପରିବର୍ତ୍ତନର ଏକ ପ୍ରଧାନ କାରଣ ହେଉଛି ଧ୍ୱନି ପରିବର୍ତ୍ତନ । ଅତଏବ ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ ରୂପ ପରବିବର୍ତ୍ତନର ବିଭିନ୍ନ ଦିଗ ମଧ୍ୟ ହୋଇଥାନ୍ତି । ଯେପରିକି ବୃଦ୍ଧି > ବଢ଼ି, ତର୍ଜନ > ଚର୍ଜନ, ତାଜା > ଚାଜା, ଆଷାଢ଼ > ଅଷାଢ଼, ବିଲାତ > ବିଲାତି, ଠଗ > ଠକ ଇତ୍ୟାଦି ।

## ୩.୭.୧. ଅତିରିକ୍ତ ପ୍ରତ୍ୟୟର ପ୍ରୟୋଗ

ଅତିରିକ୍ତ ପ୍ରତ୍ୟୟଗୁଡ଼ିକର ପ୍ରୟୋଗରୁ ବି ରୂପ ପରିବର୍ତ୍ତନ ହୋଇଥାଏ । ଯେପରିକି ସାବଧାନରେ କୁ ସାବଧାନତାରେ, ବୃଥା କୁ ବୃଥାରେ, ଏକତ୍ର କୁ ଏକତ୍ରରେ ଉଚ୍ଚାରଣ କଲେ ଭୁଲ୍ ଶବ୍ଦରୂପର ନିର୍ମାଣ ହୋଇଥାଏ ।

## ୩.୭.୨. ଭୁଲ୍ ପ୍ରତ୍ୟୟର ପ୍ରୟୋଗ

ଓଡ଼ିଆରେ ସ୍ତ୍ରୀଲିଙ୍ଗବାଚକ ପ୍ରତ୍ୟୟ ଗୁଡ଼ିକ ସାଧାରଣତଃ ଦୀର୍ଘସ୍ୱରାନ୍ତ। 'ଆ', 'ଈ', 'ଊ', 'ଣୀ', 'ଆଣୀ' ପ୍ରଭୃତି ସ୍ତ୍ରୀଲିଙ୍ଗବାଚକ ପ୍ରତ୍ୟୟକୁ ଦୀର୍ଘସ୍ୱରାନ୍ତ ନକରି ହ୍ରସ୍ୱସ୍ୱରାନ୍ତ କରି ଲେଖିଲେ ଶବ୍ଦରୂପରେ ପରିବର୍ତ୍ତନ ଘଟିଥାଏ । ଯେପରି ଦେବୀ କୁ ଦେବି, ନାରୀ କୁ ନାରି, କୁମାରୀକୁ କୁମାରି ରେ ଲେଖିଲେ ଶବ୍ଦରୂପରେ ପରିବର୍ତ୍ତନ ଘଟିଥାଏ ।

## ୩.୭.୩. ସ୍ୱରସଂଗତିଜନିତ ଭ୍ରମ

ଦୁଇଟି ସନ୍ନିହିତ ସ୍ୱରଧ୍ୱନି ମଧ୍ୟରୁ ପ୍ରଭାବଶାଳୀ ଧ୍ୱନିଟି ଅନ୍ୟଧ୍ୱନିକୁ ପ୍ରଭାବିତ କରି ସମାନ କରିଦେଲେ ଶବ୍ଦରୂପରେ ପରିବର୍ତ୍ତନ ଘଟିଥାଏ, ଯଥା: ସାହସ > ସାହାସ, ପାଷଣ୍ଡ > ପାଷାଣ୍ଡ, ଯାତାୟାତ > ଯାତାୟତ, ଉପଯୋଗିତା > ଉପୋଯୋଗିତା।

## ୩.୭.୪. ଧାତୁରେ ଆଦେଶ, ବୃଦ୍ଧି, ଗୁଣ ଓ ଲୋପ

ଧାତୁରେ ପ୍ରତ୍ୟୟଲାଗି ବ୍ୟୁତ୍ପନ୍ନ ଶବ୍ଦ ଗଠିତ ହେଲାବେଳେ, ସେଥିରେ ଥିବା ଧ୍ୱନି ବା ବର୍ଣ୍ଣର ଆଦେଶ, ବୃଦ୍ଧି, ଲେପ, ଗୁଣ ଇତ୍ୟାଦିରୁ ନୂତନ ଶବ୍ଦରୂପ ନିର୍ମାଣ ହୋଇଥାଏ ।

ଧାତୁରେ ଆଦେଶରୁ : 'ତ୍ୟଜ୍ + ଅ = ତ୍ୟାଗ, 'ପଚ୍ + ଅ = ପାକ, 'ହା + ତ = ହୀନ

ଧାତୁରେ ବୃଦ୍ଧିରୁ : ପଠ୍ + ଅ = ପାଠ, 'ଜି + ତ୍ର = ଜୈତ୍ର, 'ନୀ + ଅକ = ନାୟକ

ଧାତୁରେ ଗୁଣରୁ : କୃ + ଅନ = କରଣ, 'ଲୁପ୍ + ଅ = ଲୋପ, 'ବିଦ୍ + ଅ = ବେଦ

ଧାତୁରେ ଲୋପରୁ : ଗମ୍ + ତ = ଗତ, 'ମନ୍ + ତ = ମତ, 'ହନ୍ + ତ = ମତ ଇତ୍ୟାଦି ଶବ୍ଦରୂପ ନିର୍ମାଣ ହୁଏ।

## ୩.୭.୫. ବ୍ୟବହାରିକ ସରଳତା

ବ୍ୟବହାରିକ ସରଳତା କାରଣରୁ ରୂପରେ ପରିବର୍ତ୍ତନ ଘଟିଥାଏ । ଏହି ରୂପପରିବର୍ତ୍ତନର ଦିଗକୁ ଆମେ ଭାଷାର କାଳାନୁକ୍ରମିକ ବିଶ୍ଳେଷଣ କରିବାବେଳେ ଭଲଭାବରେ ଦେଖିପାରିବା । ଯେପରିକି, ସଂସ୍କୃତର 'ସ୍ଥାନାତ୍' ଏବେ ଓଡ଼ିଆରେ 'ଠୁଁ' ବିଭକ୍ତି ପ୍ରତ୍ୟୟ ରୂପେ ବ୍ୟବହୃତ ହେଉଛି ।

## ୩.୭.୬. ନବୀନ ଶବ୍ଦର ନିର୍ମାଣ

ଭାଷା ପରିବର୍ତ୍ତନଶୀଳ ହୋଇଥିବାରୁ ପ୍ରତ୍ୟେକ ଭାଷାରେ ନୂଆ ଶବ୍ଦାବଳୀର ଆଗମ ହେତୁ ଓ ଦେଶୀ ଶବ୍ଦରେ ବଦେଶୀ ଶବ୍ଦର ସମନ୍ୱୟ ହେତୁ ଶବ୍ଦରୂପର ପରିବର୍ତ୍ତନ ଘଟି ନୂଆ ଶବ୍ଦର ନିର୍ମାଣ ହୋଇଥାଏ । ଯଥା : ହାଟବଜାର, ମଟରଗାଡ଼ି, ଡାକ୍ତରଖାନା, ଚିଡ଼ିଆଖାନା, କ୍ଲବ୍‌ଘର ଇତ୍ୟାଦି ।

*ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 2*

(କ) ରୂପବିଜ୍ଞାନରେ 'ପୁରୁଷ (gender)' ଅନୁସାରେ କ୍ରିୟାପଦ କିପରି ନିଷ୍ପାଦିତ ହୋଇଥାନ୍ତି, ଆଲୋଚନା କର । (30ଟି ଶବ୍ଦରେ)

(ଖ) ଓଡ଼ିଆ ବିଶେଷ୍ୟ ପଦବନ୍ଧ ସଂପର୍କରେ ଲେଖ ।

(ଗ) ରୂପ ପରିବର୍ତ୍ତନର ବିଭିନ୍ନ କାରଣ ସଂପର୍କରେ ଲେଖ ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

## ୩.୮. ବିଷୟବସ୍ତୁର ସାରମର୍ମ

- ଉଭୟ ପ୍ରକୃତି ଓ ପ୍ରତ୍ୟୟର ସମନ୍ୱୟରେ ଶବ୍ଦରୂପର ନିର୍ମାଣ ହୋଇଥାଏ । ଅର୍ଥାତ୍ ମୂଳଶବ୍ଦ ଓ ସମ୍ବନ୍ଧତତ୍ତ୍ୱର ସମନ୍ୱୟରେ ପଦ ତିଆରି ହୁଏ । ତେଣୁ, ଶବ୍ଦ ପ୍ରତ୍ୟୟ ରହିତ ହୋଇଥିବାବେଳେ, ପଦ କିନ୍ତୁ ପ୍ରତ୍ୟୟ ଯୁକ୍ତ ।
- ଯେଉଁଠି ପ୍ରକୃତି ଏକ ରୂପିମ୍ ବିଶିଷ୍ଟ ତାହାକୁ ସରଳ ରୂପିମ୍ ଓ ଯେଉଁଠି ପ୍ରକୃତି ଏକାଧିକ ରୂପିମ୍‌ବିଶିଷ୍ଟ ହୋଇଥାଏ, ତାହାକୁ ବ୍ୟୁତ୍ପନ୍ନ ପ୍ରକୃତି କୁହାଯାଏ।
- ଯେଉଁ ରୂପିମ୍‌ଗୁଡ଼ିକ ଅର୍ଥରହିତ ହୋଇଥିଲେ ବି ବିଭିନ୍ନ ଧାତୁ ସହିତ ସଂଯୁକ୍ତ ହୋଇ ବ୍ୟାକରଣିକ ଅର୍ଥ ପ୍ରକାଶ କରିବାରେ ସମର୍ଥ ହୋଇଥାନ୍ତି, ସେଗୁଡ଼ିକୁ ପ୍ରତ୍ୟୟ କୁହାଯାଏ।
- ଲାଟିନ୍ ବା ଜର୍ମାନ୍ ଭଳି ଇଣ୍ଡୋ-ୟୁରୋପୀୟ ଭାଷାଗୁଡ଼ିକରେ ପୁରୁଷ ପଦର ବର୍ଗ ବା ଶ୍ରେଣୀ ଅନୁସାରେ କ୍ରିୟାପଦଗୁଡ଼ିକର ନିଷ୍ପାଦିତ ରୂପ ବଦଳିଥାନ୍ତି ।
- ବାକ୍ୟରେ କାରକ ପଦ ଅନ୍ୟ ପଦଗୁଡ଼ିକୁ ଛଅଗୋଟି ଦିଗରୁ ଅନ୍ୱୟ ବା ସଂପର୍କସ୍ଥାପନ କରେ, ଓ ତଦନୁଯୋାୟୀ ପଦରୂପରେ ପରିବର୍ତ୍ତନ ଘଟିଥାଏ।
- ବିଧେୟ ଭାଗରେ କ୍ରିୟା ପଦବନ୍ଧ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଆହୁରି ମଧ୍ୟ ଏହି କ୍ରିୟା ପଦବନ୍ଧର ମୁଖ୍ୟ କ୍ରିୟା ତଥା ସହାୟକ କ୍ରିୟା ଦୁଇଟିଯାକ ଭାଗ ଏକାଠି ରହିପାରନ୍ତି।
- ଭାଷାର ବ୍ୟବହାରରେ ବିଭିନ୍ନ କାରଣରୁ ଶବ୍ଦ ଓ ରୂପରେ ପରିବର୍ତ୍ତନ ଘଟିଥାଏ।
- ଶବ୍ଦ ବା ପଦରୂପରେ ସରଳୀକରଣ, ନୂତନତା ପ୍ରତି ଆଗ୍ରହ, ଅସ୍ପଷ୍ଟ ଓ ଭ୍ରାନ୍ତ ଉଚ୍ଚାରଣ, ଅନୁକରଣରେ ଅପୂର୍ଣ୍ଣତା ଓ ଲୌକିକ ବ୍ୟୁତ୍ପତ୍ତି ଇତ୍ୟାଦି କାରଣରୁ ରୂପପରିବର୍ତ୍ତନ ଘଟିଥାଏ।
- ରୂପ ପରିବର୍ତ୍ତନ (କ) ଧ୍ୱନିର ପରିବର୍ତ୍ତନ, (ଖ) ଅତିରିକ୍ତ ପ୍ରତ୍ୟୟର ପ୍ରୟୋଗ, (ଗ) ଭୁଲ୍ ପ୍ରତ୍ୟୟର ପ୍ରୟୋଗ, (ଘ) ନୂଆ ପ୍ରତ୍ୟୟର ପ୍ରୟୋଗ, (ଙ) ଧାତୁରେ ଆଦେଶ, ବୃଦ୍ଧି, ଗୁଣ ଓ ଲୋପ ଇତ୍ୟାଦି ଭଳି ବିଭିନ୍ନ ଦିଗରୁ ହୋଇଥାଏ ।

ରୂପବିଜ୍ଞାନ ଭାଷାବିଜ୍ଞାନର ଏକ କେନ୍ଦ୍ରୀୟ ଶାଖା ଯଉଁଥିରେ ଭାଷାର ଲଘୁତମ ଅର୍ଥଯୁକ୍ତ ଏକକକୁ ବିଶ୍ଳେଷଣ କରାଯାଇଥାଏ। ଏହା ସହିତ ବ୍ୟୁତ୍ପାଦନ ଓ ରୂପସାଧନ ପ୍ରକ୍ରିୟା ମାଧ୍ୟମରେ ଶବ୍ଦନିର୍ମାଣ ଓ ପଦନିର୍ମାଣର ବ୍ୟାଖ୍ୟା ବି କରାଯାଇଥାଏ। ତେବେ, ଏହି ରୂପବିଜ୍ଞାନ ଭାଷାବିଜ୍ଞାନର ଏକ ସ୍ୱତନ୍ତ୍ର ଶାଖା ହେଲେ ବି ଏହା ଧ୍ୱନିବିଜ୍ଞାନ ଓ ବାକ୍ୟବିଜ୍ଞାନ ସହିତ ମଧ୍ୟ ଜଡ଼ିତ ।

---

**ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା**

---

- **ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 1 ର ଉତ୍ତର**

  (କ) ରୂପିମ୍ ସହାୟତାରେ ଗଠିତ ହେଉଥିବା ପଦଗୁଡ଼ିକୁ ଓଡ଼ିଆ ଭାଷାରେ ନିମ୍ନଲିଖିତ ଚାରୋଟି ଭାଗରେ ବିଭକ୍ତ କରାଯାଇଛି, ଯଥା (କ) ସରଳ ପ୍ରକୃତି ବିଶିଷ୍ଟ ପଦ, (ଖ) ପ୍ରତ୍ୟୟ, (ଗ) ବିଭକ୍ତି, (ଘ) ଅବ୍ୟୟ ।

  (ଖ) ପ୍ରକୃତି ଏକ ରୂପିମ୍ ବିଶିଷ୍ଟ ହୋଇଥିଲେ, ତାହାକୁ ସରଳ ରୂପିମ କୁହାଯାଏ।

  (ଗ) ଯେଉଁଠି ପ୍ରକୃତି ଏକାଧିକ ରୂପିମ୍‌ବିଶିଷ୍ଟ ହୋଇଥାଏ, ତାହାକୁ ବ୍ୟୁତ୍ପନ୍ନ ପ୍ରକୃତି କୁହାଯାଏ।

- **ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2 ର ଉତ୍ତର**

  (କ) ସଙ୍କେତ: ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 3.3.2. କୁ ଅଧ୍ୟୟନ କରନ୍ତୁ।

  (ଖ) ଓଡ଼ିଆରେ ବିଶେଷ୍ୟ ପଦବନ୍ଧ ସାଧାରଣତଃ ବିଶେଷ୍ୟ ପଦ, ବିଶେଷଣଯୁକ୍ତ ବିଶେଷ୍ୟ ପଦ, କେବଳ ସର୍ବନାମ, ସର୍ବନାମଯୁକ୍ତ ବିଶେଷ୍ୟ ପଦ ଇତ୍ୟାଦିକୁ ନେଇ ସୃଷ୍ଟି ହୋଇଥାଏ।

  (ଗ) ରୂପ ପରିବର୍ତ୍ତନର ବିଭିନ୍ନ କାରଣଗୁଡ଼ିକ ହେଉଛି: ସରଳୀକରଣ, ନୂତନତା ପ୍ରତି ଆଗ୍ରହ, ଅସ୍ପଷ୍ଟ ଓ ଭ୍ରାନ୍ତ ଉଚ୍ଚାରଣ, ଅନୁକରଣରେ ଅପୂର୍ଣ୍ଣତା ଇତ୍ୟାଦି।

## ୩.୯. ସହାୟକ ପୁସ୍ତକାବଳୀ


- ଧଳ, ଗୋଲୋକ ବିହାରୀ, ‘ଭାଷାଶାସ୍ତ୍ର ପରିଚୟ’, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, 2013
- Laurie Bauer, 'Morphological Productivity', Cambridge University Press, 2004, ISBN: 0-511-03175-0
- Brinton, Laurel J., "The Structure of Modern English, A linguistc introduction", John Benjamins Publishing Company Amsterdam /Philadelphia, (Library of Congress Cataloging-in-Publication Data) ISBN 90 272 2567 2 (Eur.), © 2000 – John Benjamins B.V
- Paul de Lacy (Edited), 'The Cambridge Handbook of Phonology', Cambridge University Press, Cambridge, New York, Melbourne, Madrid, Cape Town, Singapore,ISBN-10 0-521-84879-2

- http://people.ciirc.cvut.cz/~hlavac/TeachPresEn/11ImageProc/71-3MatMorpholBinEn.pdf
- ସାହୁ, ପ୍ରଫେସର ବାସୁଦେବ, 'ଭାଷାବିଜ୍ଞାନର ରୂପରେଖ', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ସପ୍ତମ ପ୍ରକାଶ 2005


## ୩.୧୦ ପାରିଭାଷିକ ଶବ୍ଦାବଳୀ

- ଶବ୍ଦରୂପ: ଉଭୟ ପ୍ରକୃତି ଓ ପ୍ରତ୍ୟୟର ମିଳନରୁ ଶବ୍ଦରୂପର ସୃଷ୍ଟି
- ମୌଳିକ କ୍ରିୟାପଦ : ପଢ଼ିବା, ହସିବା, ଖେଳିବା, ଜାଣିବା ଇତ୍ୟାଦି ।
- ପଦରୂପ: ମୂଳଶବ୍ଦ + ସମ୍ବନ୍ଧତତ୍ତ୍ୱ = ପଦ ବା ରୂପ

## ୩.୧୧ କେତେକ ଆଦର୍ଶ ପ୍ରଶ୍ନ

(କ) ରୂପପରିବର୍ତ୍ତନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କର ।

(ଖ) ଓଡ଼ିଆ କ୍ରିୟା ପଦବନ୍ଧ ସଂପର୍କରେ ସମ୍ୟକ ସୂଚନା ଦିଅ ।

(ଗ) ଶବ୍ଦରୂପ ନିର୍ମାଣରେ କାଳ ଓ ଭାବର ଭୂମିକା ନିର୍ଦ୍ଧାରଣ କର।

# ଚତୁର୍ଥ ଏକକ

# ଉତ୍ପାଦକୀୟ ରୂପବିଜ୍ଞାନ

## ବିଷୟର ଗଠନ

୪.୧. ପଠନର ଉଦ୍ଦେଶ୍ୟ
୪.୨. ବିଷୟ ପରିଚୟ
୪.୩. ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ୱଭାଷାର ବର୍ଗୀକରଣ
୪.୪. ରୂପତାତ୍ତ୍ୱିକ ସଂସାଧନ
୪.୫. ଶବ୍ଦରୂପ ବିଶ୍ଳେଷକ ଓ ଏହାର ନିର୍ମାଣ ପଦ୍ଧତି
୪.୬. ଓଡ଼ିଆ ନିଷେଧାର୍ଥକ ରୂପିମ ସଂଶ୍ଳେଷଣ
୪.୭. ବିଷୟବସ୍ତୁର ସାରମର୍ମ
୪.୮. ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା
୪.୯. ସହାୟକ ପୁସ୍ତକାବଳୀ
୪.୧୦. ପାରିଭାଷିକ ଶବ୍ଦାବଳୀ
୪.୧୧. କେତେକ ଆଦର୍ଶ ପ୍ରଶ୍ନ

## ୪.୧. ପଠନର ଉଦ୍ଦେଶ୍ୟ

ବ୍ୟାକରଣିକ ଉପ-ବ୍ୟବସ୍ଥାର ଅଧ୍ୟୟନପାଇଁ ବ୍ୟାକରଣର ଦୁଇଟି ଉପଶାଖା ରହିଛି ଯାହା  ରୂପବିଜ୍ଞାନ ଓ ବାକ୍ୟବିଜ୍ଞାନ ରୂପେ ପରିଚିତ । ରୂପବିଜ୍ଞାନର ଅଧ୍ୟୟନ କ୍ଷେତ୍ର ପଦ ଓ ଏହାଠାରୁ ଛୋଟ ଏକକ ରୂପିମ ରୂପବିଜ୍ଞାନ ଅର୍ଥାତ୍ ଶବ୍ଦରୂପର ସଂରଚନା ଶବ୍ଦ ସଂସାଧନ ଓ ବାକ୍ୟର ବିଶ୍ଳେଷଣ ଓ ଉତ୍ପାଦନରେ ବିଶେଷ ଭୂମିକା ଗ୍ରହଣ କରିଥାଏ। ଏହା ଶବ୍ଦନିର୍ମାଣ ପ୍ରକ୍ରିୟା ଓ ଏହାର ବାକ୍ୟ ନିର୍ମାଣରେ ସଂପର୍କ ବା ଭୂମିକା ସଂପର୍କରେ ସୂଚନା ପ୍ରଦାନ କରିଥାଏ। ଅତଏବ, ଏହି ଏକକରେ ଆମେ ରୂପବିଜ୍ଞାନର ପ୍ରାୟୋଗିକ ଦିଗ ଓ ଆଜିର ପ୍ରାଦ୍ୟୋଗିକୀ ଯୁଗରେ କିପରି କୃତ୍ରିମ ରୂପବିଜ୍ଞାନର ସଫ୍ଟୱେୟାରର ବିକାଶ କରାଯାଇପାରିବ, ସେ ଦିଗରେ ଆଲୋଚନା କରିବା। ତେଣୁ ଏହି ଏକକରେ ଆମେ ଶିକ୍ଷା କରିବା :

(କ) ରୂପତାତ୍ତ୍ୱିକ ଦୃଷ୍ଟିରୁ ବଶ୍ୱଭାଷାର ବର୍ଗୀକରଣ
(ଖ) ରୂପତାତ୍ତ୍ୱିକ ସଂସାଧନ ସଂପର୍କରେ ସମ୍ୟକ ସୂଚନା
(ଗ) ଶବ୍ଦରୂପ ବିଶ୍ଳେଷକ ଓ ଏହାର ନିର୍ମାଣ ପଦ୍ଧତି
(ଘ) ନିଷେଧାତ୍ମକ ରୂପିମର ଉପଯୋଗିତା ଓ ଓଡ଼ିଆରେ ନିଷେଧାତ୍ମକ ରୂପିମର ସଂଶ୍ଳେଷଣ ବ୍ୟବସ୍ଥା।

## ୪.୨. ବିଷୟ ପରିଚୟ

ଆମେ ପ୍ରତିଦିନ କୌଣସି ନା କୌଣସି ଭାଷାକୁ ବ୍ୟବହାର କରିଥାନ୍ତି ଓ ତାହାର ବ୍ୟାକରଣିକ ଦିଗ ବା ଉପଯୁକ୍ତ ରୂପବିଭବ ପ୍ରତି ସଚେତନ ଥାନ୍ତି । କିନ୍ତୁ, ଆମେ ଭାଷାର ଏହି ବହୁରୂପୀୟ ସ୍ଥିତି ସଂପର୍କରେ କ୍ୱଚିତ୍ ଭାବିଥାନ୍ତି । ଏହି କ୍ଷେତ୍ରରେ ମୁଁ ଭାଷାବିତ୍ "William Safire"ଙ୍କର ଶବ୍ଦର ଉତ୍ପତ୍ତି ବା ଶବ୍ଦର ଅପବ୍ୟବହାର ସଂପର୍କରେ ରହିଥିବା ଅଧ୍ୟାପନାଗୁଡ଼ିକୁ ଦେଖିଲେ, ଭାଷାର ଏହି ବହୁରୂପୀୟ ସ୍ଥିତି ଉପରେ ଆଶ୍ଚର୍ଯ୍ୟ ହେବାକୁ ପଡେ । ଭାଷା ମାନବର ଗୋଟିଏ ମନସ୍ତାତ୍ତ୍ୱିକ ଓ ବୌଦ୍ଧିକ ସ୍ୱରୂପ ହୋଇଥିବାରୁ, ଏହା ବ୍ୟବହାରବେଳେ ସ୍ୱତଃ ଏକ ରୂପରୁ ବହୁରୂପରେ ପରିବର୍ତ୍ତିତ ବା ଉତ୍ପାଦିତ ହୋଇଯାଏ । ଯେତେବେଳେ ଶବ୍ଦରୂପ ବହୁରୂପରେ ପରିଣତ ହୁଏ ଓ ଏହାକୁ ଆମେ ପ୍ରାୟୋଗିକ ଦୃଷ୍ଟିରୁ କିପରି ଉତ୍ପାଦିତ ହେଉଛି ଜାଣୁ, ତାହାକୁ ଆମେ ଉତ୍ପାଦକୀୟ ରୂପବିଜ୍ଞାନର ଅଂଶବିଶେଷ କରିଥାଉ । ଏହାର ପରିସରରେ ଆମେ, ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ୱଭାଷାର ବର୍ଗୀକରଣ, ତାହାର ଉତ୍ପାଦନ, ସଂସାଧନ, ସଂଶ୍ଳେଷଣ ଇତ୍ୟାଦି ସଂପର୍କରେ ଜ୍ଞାନ ଆହରଣ କରିଥାଉ ।

## ୪.୩. ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ୱଭାଷାର ବର୍ଗୀକରଣ

ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ୱର ବିଭିନ୍ନ ଭାଷାକୁ ସାଧାରଣତଃ ପଦ ଓ ବାକ୍ୟରଚନା ଶୈଳୀ ଉପରେ ନିର୍ଭର କରିଥାଏ, ଯେଉଁଥିରେ ପଦପ୍ରକରଣ ଓ ପ୍ରକୃତି (ଅର୍ଥତତ୍ତ୍ୱ)ତଥା ପ୍ରତ୍ୟୟ (ସମ୍ବନ୍ଧତତ୍ତ୍ୱ) ବିଶେଷ ଭୂମିକା ଗ୍ରହଣ କରିଥାନ୍ତି । ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ୱର ଭାଷାକୁ ମୁଖ୍ୟତଃ ଦୁଇଟି ଭାଗରେ ବିଭକ୍ତ କରାଯାଇଛି, ଯଥା (କ) ଯୋଗାତ୍ମକ (Aglutinative Languages) ଓ (ଖ) ଅଯୋଗାତ୍ମକ (Issolating Languages) ।

ଅଯୋଗାତ୍ମକ ଭାଷାରେ ପ୍ରକୃତି (ଅର୍ଥତତ୍ତ୍ୱ) ସହିତ ପ୍ରତ୍ୟୟ (ସମ୍ବନ୍ଧତତ୍ତ୍ୱ) ସଂଯୋଜିତ ହୁଏନାହିଁ। ଏହିପ୍ରକାର ଭାଷାରେ ପ୍ରତ୍ୟେକ ଶବ୍ଦ ସ୍ୱତନ୍ତ୍ର ରହିଥାନ୍ତି, ଅର୍ଥାତ୍ ଏହିପ୍ରକାର ଭାଷାରେ ପ୍ରକୃତି ବା ପ୍ରତ୍ୟୟ ଭଳି ସେଭଳ କୌଣସି ବିଭେଦ ନଥାଏ । ଚୀନ୍ ଓ ତିବ୍ବତୀୟ ଭାଷା ଏହି ବର୍ଗର ଅନ୍ତର୍ଭୁକ୍ତ ହୋଇଥାନ୍ତି ।

ମାତ୍ର, ଯୋଗାତ୍ମକ ଭାଷା ଗୁଡ଼ିକରେ ପ୍ରକୃତି ବା ଅର୍ଥତତ୍ତ୍ୱ ସହିତ ପ୍ରତ୍ୟୟ ବା ସମ୍ବନ୍ଧତତ୍ତ୍ୱ ସଂଯୁକ୍ତ ହୋଇ ରହିଥାଏ। ତେବେ ଏହି ସଂଯୋଗ ଭିନ୍ନଭିନ୍ନ ଭିନ୍ନଭିନ୍ନ ପ୍ରକାର ଦେଖିବାକୁ ମିଳେ। ଏହି ଯୋଗାତ୍ମକ ଭାଷାକୁ ତିନିଭାଗରେ ବିଭକ୍ତ କରାଯାଇଛି, (କ) ଅଶ୍ଳିଷ୍ଟ ଯୋଗାତ୍ମକ (ପ୍ରତ୍ୟୟ ପ୍ରଧାନ) ଭାଷାଗୁଡିକ ବା Agglutinative Languages, (ଖ) ଶ୍ଳିଷ୍ଟ ଯୋଗାତ୍ମକ (ବିଭକ୍ତି ପ୍ରଧାନ) ବା Inflectional Languages, (ଗ) ପ୍ରଶ୍ଳିଷ୍ଟ ଯୋଗାତ୍ମକ (ସମାସ ପ୍ରଧାନ) ବା Incorporative Languages।

**ଅଶ୍ଳିଷ୍ଟ ଯୋଗାତ୍ମକ ଭାଷା** : ଏହି ଭାଷାରେ ପ୍ରକୃତି ଓ ପ୍ରତ୍ୟୟ ଏପରି ଯୋଡ଼ାହୋଇଥାନ୍ତି, ଯେପରିକି ସେଗୁଡ଼ିକୁ ସ୍ପଷ୍ଟରୂପେ ଦେଖିହେବ । କାଫିର୍, ସାନ୍ତାଳୀ, ତୁର୍କୀ ଓ ମଙ୍ଗୋଲ୍ ଆଦି ଭାଷା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଆମ ଓଡ଼ିଆରେ କେତେକ ଶବ୍ଦ ଯେପରି ମନୁଷ୍ୟ+ତ୍ୱ = ମନୁଷ୍ୟତ୍ୱ, କଠିନ+ତା = କଠିନତା ଇତ୍ୟାଦି ଶବ୍ଦ ହୁଏ ଓ ଏଥିରେ ଉଭୟ ପ୍ରକୃତି ଓ ପ୍ରତ୍ୟୟ ଅଲଗାରୂପେ ଦେଖିବାକୁ ମିଳନ୍ତି, ଠିକ୍ ସେହିପରି ତୁର୍କୀ ଭାଷାରେ ବଚନ, କାଳ କାରକ ଇତ୍ୟାଦି ସୂଚନା ପ୍ରଦାନ କରିବାକୁ ଭିନ୍ନ ଭିନ୍ନ ପ୍ରତ୍ୟୟ ସ୍ପଷ୍ଟରୂପେ ଅଲଗା ଅଲଗା ହୋଇ ସଂଯୁକ୍ତ ହୋଇଥାନ୍ତି, ଯେପରିକି :

ଏବ୍ (ଘର) କର୍ତ୍ତା କାରକ ଏକବଚନରେ 'ଏବ୍' ଓ ବହୁବଚନରେ 'ଏବ୍–ଲେର୍'

ଏବ୍ (ଘର) କର୍ମ କାରକ ଏକବଚନରେ 'ଏବ୍–ଇ' ଓ ବହୁବଚନରେ 'ଏବ୍–ଲେର୍–ଇ' ହୋଇଥାଏ।

**ଶ୍ଳିଷ୍ଟ ଯୋଗାତ୍ମକ ଭାଷା:** ଏହି ଭାଷାରେ ପ୍ରକୃତି ଓ ପ୍ରତ୍ୟୟ ଏପରି ଘନିଷ୍ଠଭାବେ ମିଳିତ ହୋଇଥାନ୍ତି ଯେ, ସେଥିରୁ ପ୍ରକୃତି ଓ ପ୍ରତ୍ୟୟକୁ ଅଲଗା କରି ଦର୍ଶାଇବା କଷ୍ଟସାଧ୍ୟ ହୋଇଥାଏ। ଆରବୀ, ହିବ୍ରୁ, ସଂସ୍କୃତ, ହିନ୍ଦୀ ଓ ଓଡ଼ିଆ ଆଦି ଭାଷା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

**ପ୍ରଶ୍ଳିଷ୍ଟ ଯୋଗାତ୍ମକ ଭାଷା:** ଏହି ଭାଷାରେ ପ୍ରକୃତି ଓ ପ୍ରତ୍ୟୟ ଅତ୍ୟନ୍ତ ଘନିଷ୍ଠଭାବେ ସଂଯୁକ୍ତ ହୋଇ ରହିଥାନ୍ତି ଯେ, ସେଥିରୁ ପ୍ରକୃତି ଓ ପ୍ରତ୍ୟୟକୁ ଅଲଗା ଦର୍ଶାଇବା ସମ୍ଭବ ହୋଇନଥାଏ । ଚେରୋକୀ ଓ ବାସ୍କ ଆଦି ଭାଷା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ।

## ୪.୪. ରୂପତାତ୍ତ୍ୱିକ ସଂସାଧନ

ପ୍ରାୟୋଗିକ ଭାଷାବିଜ୍ଞାନରେ ରୂପତାତ୍ତ୍ୱିକ ସଂସାଧନ ପ୍ରକ୍ରିୟାକୁ ତିନିଭାଗରେ ବିଭକ୍ତ କରାଯାଇପାରେ, ଯଥା: (କ) ରୂପତାତ୍ତ୍ୱିକ ବିଶ୍ଳେଷଣ, (ଖ) ରୂପତାତ୍ତ୍ୱିକ ସଂଶ୍ଳେଷଣ ଓ (ଗ) ରୂପତାତ୍ତ୍ୱିକ ଉତ୍ପାଦନ । ଏଥିରୁ ଶବ୍ଦରୂପ ନିର୍ମାଣ ପ୍ରକ୍ରିୟାଟି 'ରୂପତାତ୍ତ୍ୱିକ ଉତ୍ପାଦନ'ର ଅଂଶବିଶେଷ । ପୂର୍ବରୁ ଆମେ ଶବ୍ଦଗଠନ ପ୍ରକ୍ରିୟା ସଂପର୍କରେ ଆଲୋଚନା କରିସାରିଛନ୍ତି । ଏବେ କୌଣସି ଗୋଟିଏ ଶବ୍ଦର ବିଭିନ୍ନ ବ୍ୟାକରଣିକ ବୈଶିଷ୍ଟ୍ୟ ଆଧାରରେ କିପରି ତାହାର ଭିନ୍ନଭିନ୍ନ ରୂପର ନିଷ୍ପାଦନ କରାଯାଏ, ତାହାକୁ ଆଲୋଚନା କରିବା । ଏହାକୁ ସଂଗଣକୀୟ ଭାଷାବିଜ୍ଞାନରେ ଭିନ୍ନଭିନ୍ନ ଭାବେ ଆଲୋଚନା କରାଯାଇଛି। ତନ୍ମଧ୍ୟରୁ ପାରାଡାଇମ୍ ପ୍ରକ୍ରିୟା ଅନ୍ୟତମ।

ଏହି ପାରାଡାଇମ୍ ପ୍ରକ୍ରିୟା କୋଟିଏ ଟେବୁଲ୍ ବା ଶ୍ରେଣୀକୁ ବୁଝାଇଥାଏ। ଏଥିରେ ପ୍ରତ୍ୟେକ ଶବ୍ଦଦ୍ୱାରା ସୃଷ୍ଟ ଟେବୁଲ୍ ସେହି ସମ ଧରଣର ମୂଳଶବ୍ଦ ଓ ତାହାର ନିଷ୍ପାଦନ ପ୍ରତିରୂପକୁ ଅନୁସରଣ କରିଥାଏ। ଉଦାହରଣ ସ୍ୱରୂପ, ଯଦି ଆମେ 'ବାଳକ' ଶବ୍ଦକୁ ଆଲୋଚନାକୁ ନେବା ତେବେ ଏହାର ବିଭିନ୍ନ ରୂପର ନିଷ୍ପାଦନ ରୂପ ନିମ୍ନମତେ ହେବ ।

| କାରକ | ଏକବଚନ | ସୂତ୍ର | ବହୁବଚନ | ସୂତ୍ର |
|---|---|---|---|---|
| କର୍ତ୍ତୃକାରକ | ବାଳକ | X (ф) | ବାଳକମାନେ | X (ମାନେ) |
| କର୍ମକାରକ | ବାଳକକୁ | X (କୁ) | ବାଳକମାନଙ୍କୁ | X (ମାନଙ୍କୁ) |
| କରଣକାରକ | ବାଳକଦ୍ୱାରା | X (ଦ୍ୱାରା) | ବାଳକମାନଙ୍କଦ୍ୱାରା | X (ମାନଙ୍କଦ୍ୱାରା) |
| ସଂପ୍ରଦାନ କାରକ | ବାଳକପାଇଁ | X (ପାଇଁ) | ବାଳକମାନଙ୍କପାଇଁ | X (ମାନଙ୍କପାଇଁ) |

ଉପରୋକ୍ତ ନିଷ୍ପାଦନ ପ୍ରକ୍ରିୟାର ଆଲଗୋରିଦମ୍ ନିମ୍ନମତେ ହେବ

ଇନ୍‌ପୁଟ୍ : ଧାତୁ – X, ବୈଶିଷ୍ଟ୍ୟ – F

ବ୍ୟବହାର : ପାରାଡାଇମ୍ ଟେବୁଲ୍, ଧାତୁର ଅଭିଧାନ – Dx, ଅବ୍ୟୟପଦର ଅଭିଧାନ – Di

ଆଉଟ୍‌ପୁଟ୍ : ଶବ୍ଦ – w

ଆଲଗୋରିଦମ୍ ଆରମ୍ଭ

୧. ଯଦି ଧାତୁ 'X' ଟି Di ର ଅଂଶବିଶେଷ ହୁଏ,
   ତେବେ, ଫେରସ୍ତ କର (ବୈଶିଷ୍ଟ୍ୟ (F) ଯାହା ହୋଇଲେ ବି, Di ରେ ଗଚ୍ଛିତ ଶବ୍ଦ ଫେରସ୍ତ କର)
୨. ଗ୍ରହଣ କରାଯାଉ
   P = Dx ରୁ ପ୍ରପ୍ତ ପାରାଡାଇମ୍
୩. ଗ୍ରହଣ କରାଯାଉ
   Pt = 'P' ପାଇଁ ପାରାଡାଇମ୍ ଟେବୁଲ୍
୪. ଗ୍ରହଣ କରାଯାଉ
   (n, s) = F ବୈଶିଷ୍ଟ୍ୟପାଇଁ Pt ରେ ହୋଇଥିବା ଏଣ୍ଟ୍ରିକୁ 'S' ରେ ଯୋଡ଼
୫. W: = X ଶବ୍ଦରୁ 'n' ବର୍ଣ୍ଣ ହଟାଇ
୬. W: = W ସହିତ ପରସର୍ଗ ଯୋଡ଼
୭. ଶବ୍ଦ – w ପ୍ରାପ୍ତ କର
   ଆଲଗୋରିଦମ୍ ଶେଷ

## ୪.୫. ଶବ୍ଦରୂପ ବିଶ୍ଳେଷକ ଓ ଏହାର ନିର୍ମାଣ ପଦ୍ଧତି

ଶବ୍ଦର ସ୍ଥୂଳରୂପଟି ବାସ୍ତବରେ ଶବ୍ଦର ବନାନକୁ ବୁଝାଇଥାଏ । ତେଣୁ, ଏହା କେତୋଟି ଅକ୍ଷରର ସମନ୍ୱିତ ରୂପ ଭଳି ଦେଖାଯାଏ; ଯେପରିକି କାର୍, ବସ୍, କଲମ, କାଗଜ ଇତ୍ୟାଦି । ମାତ୍ର, ଗୋଟିଏ ଶବ୍ଦର ଶବ୍ଦରୂପୀୟ ସ୍ତର (lexical level) ସେହି ଶବ୍ଦର ରୂପିମ ସ୍ତରୀୟ ସମନ୍ୱିତ ରୂପକୁ ସୂଚାଇଥାଏ । ଯେପରିକି 'ପିଲାମାନେ' ଶବ୍ଦଟି ବାସ୍ତବରେ (ପିଲା + ବିଶେଷ୍ୟ + ବହୁବଚନାନ୍ତ ରୂପିମ 'ମାନେ') କୁ ପରିଭାଷିତ କରିଥାଏ।

ରୂପବିଜ୍ଞାନ ପ୍ରକ୍ରିୟାରେ ଦୁଇଟି ଗତିବିଧି ମୁଖ୍ୟତଃ କାର୍ଯ୍ୟ କରିଥାଏ, ଯଥା :

୧) ରୂପବିଜ୍ଞାନ ବିଶ୍ଳେଷଣ : ଏହା ଶବ୍ଦର ସ୍ଥୁଳରୂପକୁ ତାହାର ଶବ୍ଦରୂପୀୟ ସ୍ତରରେ ପରିବର୍ତ୍ତିତ କରିଥାଏ ବା ବିଭାଜନ କରି ଦେଖାଇଥାଏ। ତେଣୁ, ଏଥିରେ ସ୍ଥୂଳରୂପର ଷ୍ଟ୍ରିଂ ତାହାର ସମନ୍ୱିତ ଶବ୍ଦରୂପୀୟ ସ୍ତରରେ ପରିବର୍ତ୍ତିତ ହୋଇଥାଏ।

୨) ରୂପବିଜ୍ଞାନ ସଂଶ୍ଳେଷଣ ବା ଉତ୍ପାଦନ ଉପରୋକ୍ତ ପ୍ରକ୍ରିୟାର ଠିକ୍ ବିପରୀତ। ଏହା ଶବ୍ଦରୂପୀୟ ସ୍ତରକୁ ତାହାର ସ୍ଥୂଳରୂପରେ ବଦଳାଇଥାଏ।

**ରୂପତାତ୍ତ୍ୱିକ ବିଶ୍ଳେଷଣ :** ରୂପତାତ୍ତ୍ୱିକ ବିଶ୍ଳେଷଣ କୌଣସି ଭାଷାର ଶବ୍ଦାନୁକ୍ରମକୁ ଇନ୍‌ପୁଟ୍ ବା ଆଧାର ଉପାଦାନ ରୂପେ ଗ୍ରହଣ କରେ। ପ୍ରତ୍ୟେକ ଶବ୍ଦପାଇଁ ଲେକ୍ସିକନ୍‌ରେ ଏହାର ସନ୍ଧାନକରେ ଏବଂ ଏହି ସନ୍ଧାନର ଫଳ ସ୍ୱରୂପ ସେହି ଶବ୍ଦର ଧାତୁରୂପ ବା ଶବ୍ଦର ମୂଳରୂପକୁ ଉପସ୍ଥାପନ କରେ । ଏହା ସହିତ ଶବ୍ଦରୂପ ବିଶ୍ଳେଷକଟି ଉକ୍ତ ଶବ୍ଦର ବର୍ଗ, ଲିଙ୍ଗ, ପୁରୁଷ, ବଚନ ଇତ୍ୟାଦିକୁ ଉପସ୍ଥାପନ କରିଥାଏ । ଯଦି, ଉକ୍ତ ଶବ୍ଦର ଏକାଧିକ ଅର୍ଥ ମିଳେ, ତେବେ ସେହି ଅର୍ଥର ବିଭେଦ ଅନୁକ୍ରମରେ ପ୍ରତ୍ୟେକ ଅର୍ଥ ସହିତ ସଂଶ୍ଲିଷ୍ଟ ତାହାର ବ୍ୟାକରଣିକ ସୂଚନାକୁ ମଧ୍ୟ ବ୍ୟବହାରକାରୀଙ୍କୁ ପ୍ରଦାନ କରିଥାଏ; ଉଦାହରଣ ସ୍ୱରୂପ - "ଛାତ୍ରମାନେ" ଶବ୍ଦର, ରୂପତାତ୍ତ୍ୱିକ ବିଶ୍ଳେଷଣ ଆଉଟ୍‌ପୁଟ୍ ବା ନିଷ୍କର୍ଷ ନିମ୍ନମତେ ହେବ ।

ଛାତ୍ରମାନେ

ମୂଳଶବ୍ଦ –ଛାତ୍ର

ଶବ୍ଦ ବା ପଦ – ବିଶେଷ୍ୟ

ଲିଙ୍ଗ – ପୁଂ ଲିଙ୍ଗ

ବଚନ – ବହୁବଚନ

ପୁରୁଷ – ତୃତୀୟ ପୁରୁଷ

ବଚନାନ୍ତ ପରସର୍ଗ – ମାନେ

ମାତ୍ର, କେବଳ "ଛାତ୍ର" ଶବ୍ଦକୁ ଗ୍ରହଣ କଲେ, ଏହାର ରୂପତାତ୍ତ୍ୱିକ ବିଶ୍ଳେଷଣ ଆଉଟ୍‌ପୁଟ୍ ବା ନିଷ୍କର୍ଷ ହେବ–

ମୂଳଶବ୍ଦ –ଛାତ୍ର

ଶବ୍ଦ ବା ପଦ – ବିଶେଷ୍ୟ

ଲିଙ୍ଗ – ପୁଂ ଲିଙ୍ଗ

ବଚନ – ଏକ ବଚନ

ପୁରୁଷ – ତୃତୀୟ ପୁରୁଷ

ବଚନାନ୍ତ ପରସର୍ଗ – ɸ

ପ୍ରଶ୍ନ ହେଉଛି, ଆମେ ଏହି ରୂପାତ୍ତ୍ୱିକ ବିଶ୍ଳେଷଣର କାହିଁକି ଆବଶ୍ୟକ କରୁଛୁ? ଯଦି ଆମ ପାଖରେ ଗୋଟିଏ ବିସ୍ତୃତ ଲେକ୍ସିକନ୍ ଥାଆନ୍ତା, ତେବେ, ଏହି ରୂପତାତ୍ତ୍ୱିକ ବିଶ୍ଳେଷଣର ଆବଶ୍ୟକ ପଡ଼ନ୍ତାନାହିଁ। ଉଦାହରଣ ସ୍ୱରୂପ, ଓଡ଼ିଆ ଶବ୍ଦର ସମସ୍ତ ନିଷ୍ପାଦକ ରୂପକୁ ନିମ୍ନଲିଖିତଭାବେ ଡାଟାବେସ୍‌ରେ ଏଣ୍ଟ୍ରି କରାଯାଉ।

| ଶବ୍ଦରୂପ | ବର୍ଗ | ଧାତୁ | ଲିଙ୍ଗ | ବଚନ | ପୁରୁଷ |
|---|---|---|---|---|---|
| ଛାତ୍ର | ବିଶେଷ୍ୟ | ଛାତ୍ର | ପୁଂଲିଙ୍ଗ | ଏକ ବଚନ | ୩ୟ |
| ଛାତ୍ରମାନେ | ବିଶେଷ୍ୟ | ଛାତ୍ର | ପୁଂଲିଙ୍ଗ | ବହୁ ବଚନ | ୩ୟ |

| | | | | | |
|---|---|---|---|---|---|
| ଛାତ୍ରକୁ | ବିଶେଷ୍ୟ | ଛାତ୍ର | ପୁଂଲିଙ୍ଗ | ଏକ ବଚନ | ୨ୟ |
| ଛାତ୍ରମାନଙ୍କୁ | ବିଶେଷ୍ୟ | ଛାତ୍ର | ପୁଂଲିଙ୍ଗ | ବହୁ ବଚନ | ୨ୟ |
| ବହି | ବିଶେଷ୍ୟ | ବହି | କ୍ଲୀବ ଲିଙ୍ଗ | ଏକବଚନ | ୨ୟ |
| ବହିଗୁଡ଼ିକ | ବିଶେଷ୍ୟ | ବହି | କ୍ଲୀବ ଲିଙ୍ଗ | ବହୁବଚନ | ୨ୟ |
| ବହିକୁ | ବିଶେଷ୍ୟ | ବହି | କ୍ଲୀବଲିଙ୍ଗ | ଏକ ବଚନ | ୨ୟ |

କିନ୍ତୁ, ଏହି ଉପାୟରେ କୌଣସି ଭାଷାର ସମସ୍ତ ଶବ୍ଦ ଓ ତାହାର ରୂପବିଭବକୁ ଏଣ୍ଟ୍ରି କରି ରଖିବା ସର୍ବଦା କଷ୍ଟକର । ଏଥିରେ ଅଧିକ ମେମୋରୀ ଖର୍ଚ୍ଚ ହୋଇଥାଏ ଓ ଏହା ବିଜ୍ଞାନସମ୍ମତ ମଧ୍ୟ ନୁହେଁ । ଦ୍ୱିତୀୟତଃ, ଏହି ଉପାୟରେ ସମଧର୍ମୀ ଶବ୍ଦଗୁଡ଼ିକ ମଧ୍ୟରେ ରହିଥିବା ଭିନ୍ନଭିନ୍ନ ସଂପର୍କକୁ ସୂଚାଯାଇପାରେନାହିଁ । ତୃତୀୟତଃ କୌଣସି ଭାଷା ସଫ୍ଟୱେୟାରର ବଡ ଜରୁରୀ କାମ ହେଉଛି ଅଜଣା ଶବ୍ଦକୁ ଚିହ୍ନଟ କରିବା। ପୁନଃ, ଏହି ଅଜଣା ଶବ୍ଦରୂପକୁ ନିଷ୍ପାଦନ କରିବାକୁ ହେଲେ, ସମସ୍ତ ଭାଷିକ ବୈଶିଷ୍ଟ୍ୟ ମିଳିବା ସବୁବେଳେ ସମ୍ଭବ ହୋଇନଥାଏ। ଏହିସବୁ ଦୃଷ୍ଟିରୁ ଶବ୍ଦରୂପ ବିଶ୍ଳେଷଣ ବା ରୂପତାତ୍ତ୍ୱିକ ବିଶ୍ଳେଷଣର ଆବଶ୍ୟକ ପଡ଼ିଥାଏ।

ରୂପବିଜ୍ଞାନ ବିଶ୍ଳେଷକ (Morphological analyzer) ରୂପବିଜ୍ଞାନ ବିଶ୍ଳେଷଣ କାର୍ଯ୍ୟ କରିଥାଏ। ଏହି କାର୍ଯ୍ୟ ଯେଉଁସବୁ ପଦ୍ଧତିରେ ସଂପାଦିତ ହୋଇଥାଏ, ସେଥରୁ ସାଧାରଣତଃ ଦୁଇଟି ଉପାୟକୁ ବିଶେଷଭାବେ ବ୍ୟବହାର କରାଯାଉଥିବାର ଦେଖାଯାଉଛି, ଯଥା :

କ) ସସୀମ ସ୍ତରୀୟ ମେସିନ୍ ଆଧାରିତ ପଦ୍ଧତି (Finite state machines based approach)

ଖ) ମେସିନ୍ ଶିକ୍ଷଣ ପଦ୍ଧତି (Machine learning approach)

**ସସୀମ ସ୍ତରୀୟ ମେସିନ୍ ଆଧାରିତ ପଦ୍ଧତି**: ଏହି ପଦ୍ଧତିରେ ଗୋଟିଏ ଇନ୍‌ପୁଟ୍ ଶବ୍ଦର ସମସ୍ତ ସମ୍ଭାବ୍ୟ ପାର୍ସ ବା ବିଶ୍ଳେଷଣକୁ ତାଲିକାଯୁକ୍ତ କରି ଉପସ୍ଥାପନ କରାଯାଏ । ଏହି ପଦ୍ଧତିରେ ରୂପତାତ୍ତ୍ୱିକ ବିଶ୍ଳେଷକର ବିକାଶ କରିବାକୁ ହେଲେ (କ) ଲେକ୍ସିକନ୍, (ଖ) ରୂପିମଗୁଡ଼ିକର କ୍ରମାନ୍ୱୟତା (Morphotactics ) ଏବଂ (ଗ) ବର୍ଣ୍ଣାଶୁଦ୍ଧି ନିୟମ (Orthographic rules ) ଭଳି ଭାଷିକ ସଂପଦର ଆବଶ୍ୟକ ପଡ଼ିଥାଏ ।

ମେସିନ ଶିକ୍ଷଣ ପଦ୍ଧତି (Machine learning approach)ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରୂପତାତ୍ତ୍ୱିକ ନିୟମର ଏକ ଯଥାର୍ଥ ସେଟ୍ ପ୍ରସ୍ତୁତ କରିବା । ଏହା ମାଧ୍ୟମରେ ସ୍ୱୟଂକ୍ରୀୟ ଭାବେ ରୂପବିଜ୍ଞାନ ବିଶ୍ଳେଷଣ କରାଯାଇପାରେ । ଏହି ପଦ୍ଧତି ସାଧାରଣତଃ ଦୁଇଟି ରୂପରେ ଦେଖିବାକୁ ମିଳିଥାଏ; ଯଥା: ପର୍ଯ୍ୟବେକ୍ଷିତ ଶିକ୍ଷଣ (Supervised learning) ଓ ଅଣ-ପର୍ଯ୍ୟବେକ୍ଷିତ ଶିକ୍ଷଣ (Unsupervised learning)। ପର୍ଯ୍ୟବେକ୍ଷିତ ଶିକ୍ଷଣ ପ୍ରଶିକ୍ଷଣ ଡାଟାର ଆବଶ୍ୟକ କରିଥାଏ; ମାତ୍ର, ଅଣ-ପର୍ଯ୍ୟବେକ୍ଷିତ ଶିକ୍ଷଣ ପଦ୍ଧତି କୌଣସି ପ୍ରକାର ପ୍ରଶିକ୍ଷଣ ଡାଟାର ଆବଶ୍ୟକ କରେନାହିଁ। ଏହି ଧାରାରେ ଇଂରାଜୀ ଭାଷାରେ ଗୋଲ୍ଡସ୍ମିଥ୍ (Goldsmit) ବିନାକୌଣସି

ବ୍ୟାକରଣିକ ବୈଶିଷ୍ଟ୍ୟକୁ ବିଚାରକୁ ନେନଇ କେବଳ ଶବ୍ଦର ତାଲିକାକୁ ବ୍ୟବହାର କରି, ତାହାର ବାରମ୍ବାରତା ଆଧାରେର ଶବ୍ଦରୂ ପ ବିଶ୍ଳେଷକର ନିର୍ମାଣ କରିଛନ୍ତି।

ଏହା ବ୍ୟତୀତ କର୍ପସ୍ ଆଧାରିତ ପଦ୍ଧତି, ପାରାଡାଇମ୍ ଆଧାରିତ ପଦ୍ଧତି ଭଳି ବିଭିନ୍ନ କୌଶଳକୁ ମଧ୍ୟ ରୂ ପବିଜ୍ଞାନ ବିଶ୍ଳେଷକର ବିକାଶପାଇଁ ବ୍ୟବହାର କରାଯାଉଛି ।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 1***

(କ) ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ୱର ଭାଷାକୁ କେତେ ଭାଗରେ ବିଭକ୍ତ କରାଯାଇଛି?

(ଖ) ପ୍ରାୟୋଗିକ ଭାଷାବିଜ୍ଞାନରେ ରୂପତାତ୍ତ୍ୱିକ ସଂସାଧନ ପ୍ରକ୍ରିୟାକୁ କେତେଭାଗରେ ବିଭକ୍ତ କରାଯାଇପାରେ?

(ଗ) ଶ୍ଳିଷ୍ଟ ଯୋଗାତ୍ମକ ଭାଷାର ଉଦାହରଣ ଦିଅ ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ।)

## ୪.୬. ଓଡ଼ିଆରେ ବିଶେଷ୍ୟ-ରୂପିମ ସଂଶ୍ଳେଷଣ (Nominal-Synthesis in Odia)

ଓଡ଼ିଆ ଭାଷାରେ ବିଶେଷ୍ୟପଦ ସହିତ ତାହାର ପରପଦର ସଂଶ୍ଳେଷଣ ବିଶେଷଭାବେ ବିଶେଷ୍ୟପଦର ଶେଷରେ ଥିବା ଶବ୍ଦର ଶେଷଭାଗ ଉପରେ ନିର୍ଭର କରିଥାଏ। ଏହି କ୍ଷେତ୍ରରେ ବ୍ୟାକରଣର ଅନ୍ୟାନ୍ୟ ନିୟମ କାର୍ଯ୍ୟ କରୁଥିଲେ ବି, 'ଲିଙ୍ଗ'ଗତ ବୈଶିଷ୍ଟ୍ୟର ବିଶେଷ ଭୂମିକା ଉପର ସ୍ତରରେ ଦେଖିବାକୁ ମିଳିନଥାଏ। ଯଦିଓ ଏହାର ଅଧିକ ସୂକ୍ଷ୍ମ ବିଶ୍ଳେଷଣରେ ଲିଙ୍ଗଗତ ସାମ୍ୟ ଓ ନିର୍ଭରଶିଳତାକୁ ଦର୍ଶାଇବାର ସମ୍ଭାବନା ରହିଛି। କାରଣ, ସନ୍ଧି ନିୟମାନୁସାରେ ଲିଙ୍ଗଗତ ସାମ୍ୟକୁ ଖୋଜିପାଇବା ବିଶେଷ କଷ୍ଟକର ହୋଇଥାଏ, ଏହାବି ତାହାର ପରବର୍ତ୍ତୀ ଅର୍ଥତାତ୍ତ୍ୱିକ ଓ ଭାବତାତ୍ତ୍ୱିକ ନିର୍ଭରଶିଳ ପଦ ଯେପରିକି ବିଶେଷଣ ଓ କ୍ରିୟାକୁ ପ୍ରଭାବିତ କରିନଥାଏ।

ଓଡ଼ିଆରେ ରୂପିମ-ସଂଶ୍ଳେଷଣକୁ ନିୟନ୍ତ୍ରଣ କରିବାପାଇଁ ଏକ ନିର୍ଦ୍ଦିଷ୍ଟ କାରକ ପ୍ରସଙ୍ଗରେ ସୂଚୀତ କରାଯାଇଥିବା ଚିହ୍ନକୁ ନିର୍ଦ୍ଧାରଣ କରିବାପରେ ତାହାର ବିଶେଷ୍ୟ ଓ କ୍ରିୟାପଦ ସଂପର୍କିତ ପାରସ୍ପରିକ ସଂପର୍କ ନିର୍ଦ୍ଧାରଣ କରିବାକୁ ହୁଏ। ସଂଶ୍ଳେଷଣ ପ୍ରକ୍ରିୟାପାଇଁ ଲେଖାଯାଇଥିବା ରୂପବିଜ୍ଞାନ ବା ରୂପତାତ୍ତ୍ୱିକ ନିୟମ ଅନୁସାରେ ସଂଶ୍ଳେଷଣର ନିଷ୍କର୍ଷରୁ ଦେଖାଯାଇପାରେ।

ଇନ୍‌ପୁଟ୍‌ଟି ସର୍ବଦା ଶବ୍ଦରୂପର ଷ୍ଟ୍ରିଂ ହୋଇପାରେ । ଏହା ତାହାର ପରପଦର ଶେଷଭାଗକୁ ଦୃଷ୍ଟିରେ ରଖି ସଂଶ୍ଳେଷିତ ହୋଇଥାଏ। ଓଡ଼ିଆରେ ବ୍ୟାକରଣିକ ନିୟମ ସାଧାରଣତଃ ଆକାଂକ୍ଷା ଓ ଯୋଗ୍ୟତା ଉପରେ ନିର୍ଭର କରେ। ଭାଷାରେ କ୍ରିୟାପଦଗୁଡ଼ିକ କାରକ ବୈଶିଷ୍ଟ୍ୟକୁ ଚାହିଁଥାନ୍ତି, ଏବଂ କର୍ତ୍ତା ଓ କର୍ମପଦଟି ଯୋଗ୍ୟତା ବା ସମ୍ବନ୍ଧ ସ୍ତର ଅନୁସାରେ ଚାହିଦାକୁ ପୂରଣ କରିଥାଏ; ଏବଂ, ଏକ ନିର୍ଦ୍ଦିଷ୍ଟ ପରିସରରେ, ବିଶେଷ୍ୟପଦ ଗୁଡ଼ିକ ଉପଯୁକ୍ତ ପରପଦର ଆବଶ୍ୟକ କରିଥାନ୍ତି । ତେଣୁ, ଓଡ଼ିଆ ଭାଷାର ରୂପିମ ସଂଶ୍ଳେଷଣ କେବଳ ବୈଶିଷ୍ଟ୍ୟଗୁଡ଼ିକର ସମାଯୋଜ୍ୟତା ଉପରେ ନିର୍ଭର କରିନଥାଏ, ବରଂ ସମୁଦାୟ ବାକ୍ୟର ବା ପଦର ଅର୍ଥତାତ୍ତ୍ୱିକ ପରିପ୍ରକାଶ ଉପରେ ନିର୍ଭର କରିଥାଏ। ପାଠର ପ୍ରବାହରେ, 'ସଜୀବ ଓ ସମ୍ମାନରହିତ' ହୋଇଥିଲେବି 'ସମ୍ମାନିତ ବହୁବଚନ ପରସର୍ଗ' ଥିବା ବିଶେଷ୍ୟପଦଟି ପରେ

'ସଜୀବ ମାତ୍ର ସମ୍ମାନିତ' ବର୍ଗର ପରପଦ ସହିତ ସଂଶ୍ଳିଷ୍ଟ ହୋଇଥାଏ। ତେଣୁ, 'ସାଙ୍ଗ', 'ଗାଈ' ଭଳି ବିଶେଷ୍ୟପଦ ଉଭୟ ସାଙ୍ଗମାନେ ବା ସାଙ୍ଗଗୁଡ଼ିକ ବା ଗାଈଗୁଡ଼ିକ ବା ଗାଈମାନେ ଭଳି ବହୁବଚନାନ୍ତ ରୂପ ପାଠରେ ଗ୍ରହଣ କରିଥାନ୍ତି।

ରୂପିମ ସଂଶ୍ଳେଷଣକୁ ସଫଳଭାବେ ସଂପାଦନ କରିବାପାଇଁ, ବିଶେଷକରି ବିଶେଷ୍ୟ ପଦ ସହିତ ତାହାର ନିକଟବର୍ତ୍ତୀ ପରପଦକୁ ସଂଶ୍ଳେଷଣ କରିବାକୁ ହେଲେ ଆମକୁ ନିମ୍ନଲିଖିତ ତିନୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ।

ବିଶେଷ୍ୟ ରୂପିମ-ସଂଶ୍ଳେଷଣରେ ତିନୋଟି ପ୍ରମୁଖ ସମସ୍ୟା ହେଉଛି :

1. ଉପଯୁକ୍ତ ପରପଦକୁ ବାଛିବା,
2. ପରପଦଗୁଡ଼ିକୁ ଉପଯୁକ୍ତଭାବେ କ୍ରମବଦ୍ଧ କରିବା, ଏବଂ
3. ପୂର୍ବପଦ ବା ପରପଦକୁ ମୂଳ ବିଶେଷ୍ୟପଦସହିତ ସଂଶ୍ଳେଷଣ କରିବାବେଳେ ତାହାର ଶେଷଭାଗକୁ ସଂନ୍ଧିଗତ ନିୟମାନୁସାରେ ମୋଟାମୋଟି ପରିବର୍ତ୍ତନ କରିବା ।

ପ୍ରାଦ୍ୟୋଗୀକି ଦୃଷ୍ଟିରୁ ବିଚାର କଲେ, ଏହି ସଂଶ୍ଳେଷଣ ସହବନ୍ଧ ନିୟମ (Synthesizer agreement ) ଫାଇନାଇଟ୍ ଷ୍ଟେଟ୍ ଅଟୋମାଟା (Finite State Automata) ନୀତି ଉପରେ କାର୍ଯ୍ୟ କରିଥାଏ । ଏହି 'Finite State Automaton (FSA)' ନିୟମ ସଙ୍କେତଗୁଡ଼ିକର ଏକ ଷ୍ଟ୍ରିଂକୁ ଇନ୍‌ପୁଟ୍ ବା ଆଧାର ଉପାଦାନ ଭାବେ ଗ୍ରହଣ କରିଥାଏ ଓ ତହିଁରୁ ବାମରୁ ଡାହାଣ କ୍ରମରେ ଗୋଟିଏ ଗୋଟିଏ କରି ସଙ୍କେତକୁ ପଢିଥାଏ। ଏବଂ ସବାଶେଷ ସଙ୍କେତକୁ ପଢିସାରିବା ପରେ ସେହିଠାରେ ଉକ୍ତ ଷ୍ଟ୍ରିଂକୁ ଗ୍ରହଣ କରାଯିବା ବା କରାଯିବନାହିଁ, ସେଥିପାଇଁ ଅପେକ୍ଷା କରେ। ପରେ ଏହି ଅଟୋମେସନ୍ ପ୍ରକ୍ରିୟା ଉକ୍ତ ଇନ୍‌ପୁଟ୍‌ଗୁଡ଼ିକର ଏକ ବର୍ଗ ଉପରେ ପ୍ରତିକ୍ରିୟା ସ୍ୱରୂପ ଗଣନାକୁ ଶେଷ କରିଥାଏ ।

ଏହି ଅନୁସାରେ **NP = {[ά -*x] + *z + p},**

ଯେଉଁଠାରେ,

ά = ମିଳୁଥିବା ବିଶେଷ୍ୟପଦର ରୂପ,

*x = ଏକ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀର ଆଧାରରେ ସମ୍ଭାବ୍ୟ ମର୍ଫିମ୍‌ର ବିଲୋପନ

z* = ଏକ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀର ଆଧାରରେ ସମ୍ଭାବ୍ୟ ମର୍ଫିମ୍‌ର ସମିଶ୍ରଣ

p = ଅନ୍ତିମ ନିର୍ଦ୍ଧାରିତ ପରପଦ

ଏହି ଉପରୋକ୍ତ ନିୟମକୁ ଠିକ୍ ବୈଶିଷ୍ଟ୍ୟ ଅବସ୍ଥାନ ଓ ବଚନକୁ ଦୃଷ୍ଟିରେ ରଖି ପ୍ରୟୋଗ କରାଯାଇପାରେ । ଭାଷାରେ କୌଣସି ନିୟମ ସର୍ବଦା ସବୁକ୍ଷେତ୍ରରେ କାର୍ଯ୍ୟ କରିବା ସମ୍ଭବପର ହୋଇନଥିବାରୁ, ଏଥିରେ କେତେକ ସଙ୍କଟ ମଧ୍ୟ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ, ବା ଆଧାର ଉପାଦାନର ଏକ ସେଟ୍‌ରେ ଆମେ (କେତେକ ପିଲାମାନେ + କୁ) ଯଦି ଗ୍ରହଣ କରିବା । ତେବେ, ଏଠାରେ 'କେତେକ' ପରିମାଣାତ୍ମକ ବିଶେଷଣ ଭାବେ ମୂଳଶବ୍ଦ 'ପିଲାମାନେ' କୁ ରୂପାନ୍ତରିତ କରିବ ଯାହାର ବୈଶିଷ୍ଟ୍ୟ ଯଥାକ୍ରମେ: ବିଶେଷ୍ୟ, ତୃତୀୟ ପୁରୁଷ, ବହୁବଚନ, ସମ୍ମାନସୂଚକ, କ୍ଳୀବ ଲିଙ୍ଗ ହେବ । ତେଣୁ, ଏଠାରେ ଆମକୁ ପିଲାମାନେ ବହୁବଚନାନ୍ତ ହେଲେବି ଏଥିରୁ କେବଳ 'ପିଲା'କୁ ଗ୍ରହଣ କରିବାକୁ ପଡ଼ିବ।

## ୪.୭. ଓଡ଼ିଆ ନିଷେଧାର୍ଥକ ପଦ ଓ ପଦାନୁକ୍ରମରେ ସମସ୍ୟା

ସାଧାରଣତଃ କୌଣସି ଭାଷାରେ ନିଷେଧାର୍ଥକ ଶବ୍ଦ ବା ପଦ ସେହି ଭାଷାର କୌଣସି କ୍ରିୟା ଅର୍ଥର ଠିକ୍ ବିପରୀତ ଅର୍ଥ ପ୍ରଦାନ କରିଥାଏ। ଓଡ଼ିଆରେ 'ନାଁ, ନାହିଁ, ନି, ନୁହେଁ, ନା, ନୁହଁ, ନୁହଁନ୍ତି' ଇତ୍ୟାଦି। ଓଡ଼ିଆ ଭାଷାରେ ଏହି ନିଷେଧାର୍ଥକ ଶବ୍ଦ ବା ରୂପିମଟି କ୍ରିୟା ସହିତ ସଂଯୁକ୍ତ ହେବାବେଳେ, ସନ୍ଧିନିୟମକୁ ଅନୁସରଣ କରିଥାଏ। ଏହି କ୍ଷେତ୍ରରେ ଶବ୍ଦର କୌଣସି ସଂରଚନାତ୍ମକ ପରିବର୍ତ୍ତନକୁ ଦେଖିବାକୁ ମିଳେନାହିଁ। ଅର୍ଥାତ୍, କ୍ରିୟା ଗୁଡ଼ିକର ଅର୍ଥ କେବଳ ଅସ୍ତିସୂଚକରୁ ନାସ୍ତିସୂଚକରେ ପରିବର୍ତ୍ତିତ ହୋଇଥାଏ।

**(କ) କ୍ରିୟା ଓ ନିଷେଧାର୍ଥକ ପଦ**

ସରଳ କ୍ରିୟାପଦ ଅର୍ଥାତ୍ ଯେଉଁ କ୍ରିୟାପଦଗୁଡ଼ିକ ଗୋଟିଏ ମାତ୍ର ଧାତୁରହିଛି, ସେହିସବୁ କ୍ରିୟାପଦର ଠିକ୍ ପରେପରେ ନାସ୍ତିସୂଚକ ପଦ ତା'ର ବ୍ୟୁତ୍ପାଦିତ ରୂପର ଠିକ୍ ଡାହାଣରେ ପରପଦରୂପେ ସ୍ଥାନିତ ହୋଇଥାଏ । ମାତ୍ର, ଏହି ସ୍ଥାନ ନେବାବେଳେ, ଉକ୍ତ ନିଷେଧାର୍ଥକ ପଦ ଉକ୍ତ କ୍ରିୟାପଦକୁ ସଂପୂର୍ଣ୍ଣ ବା ଆଂଶିକ ପରିବର୍ତ୍ତିତ କରିଦେଇଥାଏ ବା ଉକ୍ତ କ୍ରିୟାର ଧାତୁରୂପ ଓ ବ୍ୟୁତ୍ପାଦିତ ରୂପିମ ମଝିରେ ମଧ୍ୟପଦରୂପେ ନିଜକୁ ସ୍ଥାନିତ କରିଥାଏ।

ରାମ ବହି ପଢ଼ିନାହିଁ।

ରାମ ବହି ପଢ଼ିନି ।

ଉପରୋକ୍ତ ଦୁଇଟି ବାକ୍ୟରେ ନିଷେଧାର୍ଥକ 'ନାହିଁ ଏବଂ 'ନି' ଶବ୍ଦ ପଢ଼ିବା କ୍ରିୟାର ଧାତୁରୂପର ଠିକ୍ ଡାହାଣରେ ସ୍ଥାନ ଗ୍ରହଣ କରି, ଉକ୍ତ କ୍ରିୟାର ଅସ୍ତିସୂଚକ ବ୍ୟୁତ୍ପାଦିତ ରୂପ ମନେକର 'ପଢ଼ିଛି' ରୁ 'ଅଛି' କୁ ହଟାଇ ତାହାର ସ୍ଥାନ ଗ୍ରହଣ କରିଥାଏ ଓ ପରେ ସଂଶ୍ଳେଷଣ ପ୍ରକ୍ରିୟାରେ ପ୍ରଯୁକ୍ତି ଅନୁସାରେ 'ପଢ଼ିନାହିଁ' ବା 'ପଢ଼ିନି' ହୁଏ । ମାତ୍ର, ଏବେ ଆମେ ନିମ୍ନଲିଖିତ ଦୁଇଟି ବାକ୍ୟକୁ ଗ୍ରହଣ କରାଯାଉ, ଯଥା :

ରାମ କିଛି କହିଲା ନାହିଁ।

ରାମ କିଛି କହିଲାନି ।

ଏଠାରେ ନାସ୍ତିସୂଚକ ଚିହ୍ନ 'ନାହିଁ କ୍ରିୟାପଦର ନିଷେଧାର୍ଥକୁ ପରିପ୍ରକାଶ କରିବାପାଇଁ 'କହିଲା' ର ଡାହାଣରେ ପ୍ରତିଷ୍ଠାପିତ ହୋଇଛି, କିନ୍ତୁ, ସଂଶ୍ଳେଷିତ ହୋଇନାହିଁ । କିନ୍ତୁ, ଦ୍ୱିତୀୟ ବାକ୍ୟରେ ଏହି ନିଷେଧାର୍ଥକ ପଦ କ୍ରିୟାର ବ୍ୟୁତ୍ପାଦିତ ରୂପିମ ସହିତ ମିଶି ନିଜକୁ ସଂଶ୍ଳେଷିତ କରିବାବେଳେ, 'ନାହିଁ ସ୍ଥାନରେ 'ନି'ର ରୂପ ନେଇଛି।

ଯଦି, ଆମେ 'ରାମ ବହି ପଢ଼ିନଥିଲା।' ବାକ୍ୟକୁ ବିଚାରକୁ ନେବା, ତେବେ, ଏଥିରେ ଲକ୍ଷ୍ୟ କରିବା ଯେ, ନିଷେଧାର୍ଥକ ଚିହ୍ନ 'ନ' କ୍ରିୟାର ବ୍ୟୁତ୍ପନ୍ନ ରୂପିମ 'ପଢିଥିଲା' ର ରୂପିମରେ କୌଣସି ପ୍ରକାର ପରିବର୍ତ୍ତନ ନକରି, ସ୍ୱୟଂ ତାହାର ମଧ୍ୟବର୍ତ୍ତୀ ସ୍ଥାନରେ ନିଜକୁ ସନ୍ନିବେଶିତ କରିଛି। ତେଣୁ, ଏହି ପ୍ରସଙ୍ଗର ଆମେ 'କ୍ରିୟା ଓ ଏହାର ନିଷେଧାର୍ଥକ ଚିହ୍ନ' ପରସ୍ପରଠାରୁ ଅଭିନ୍ନ ବୋଲି ଜାଣିଲେ; ମାତ୍ର, ପରସ୍ପରଭିତରେ ରହିଥିବା ଅନୁକ୍ରମ ବହୁଭାବେ ମୁକ୍ତ । ଅର୍ଥାତ୍, ନାସ୍ତିସୂଚକ ପଦ କ୍ରିୟାପଦର ନିଷେଧାର୍ଥକୁ ପ୍ରକାଶ କରିବାପାଇଁ ଉକ୍ତ କ୍ରିୟାପଦର ଆରମ୍ଭରେ, ଶେଷରେ ବା ମଝିରେ ରହିପାରେ।

## ୪.୭.୧. ନାସ୍ତିସୂଚକ ଅସମାପିକା କ୍ରିୟାପଦରେ ନିଷେଧାର୍ଥକ ପଦ

ଅସମାପିକା କ୍ରିୟାପଦ କ୍ଷେତ୍ରରେ, ଏହି ନିଷେଧାର୍ଥକ ପଦ କ୍ରିୟାପଦର ପୂର୍ବରୁ ବା ତାହାର ମଝିରେ ରହିଥାଏ। 'ରାମ ପଢ଼ିନଥିବା/ନପଢ଼ିଥିବା ବହିଟି ମୋ'ର। ' ବାକ୍ୟରେ 'ପଢ଼ିନଥିବା' ବା 'ନପଢ଼ିଥିବା' ଦୁଇଟି ପ୍ରକାର ରୂପ ସମ୍ଭବ ହୋଇପାରେ।

ସେହିପରି, ନିମିତ୍ତାର୍ଥରେ କ୍ରିୟାପଦରୁ ଉତ୍ପନ୍ନ ଗୁଣବାଚକ ବିଶେଷ୍ୟ କ୍ଷେତ୍ରରେ ନିଷେଧାର୍ଥ ସୂଚକ ନିଷେଧାର୍ଥକ-ପଦ କ୍ରିୟାପଦର ପୂର୍ବରୁ ବା ତାହାର ମଝିରେ ରହିଥାଏ।  'ରାମ ବହିଟି ପଢ଼ିନଥିବାରୁ/ନପଢ଼ିଥିବାରୁ, ସେଇଟି ମୋର।'। ତେବେ, ମିଶ୍ର-କ୍ରିୟାପଦ କ୍ଷେତ୍ରରେ ଏହି ନାସ୍ତିସୂଚକ ଚିହ୍ନ ମୂଳ କ୍ରିୟାପଦକୁ ଛାଡ଼ି ତାହାର ସହାୟକ କ୍ରିୟାପଦର ସମସ୍ତ ବିଶେଷତାକୁ ଗ୍ରହଣ କରିଥାଏ ଓ ତଦନୁରୂପ ସ୍ଥାନ ଗ୍ରହଣ କରି ସଂଶ୍ଲେଷିତ ହୋଇଥାଏ। ଏବେ ନିମ୍ନ  ଲିଖିତ ବାକ୍ୟକୁ ଲକ୍ଷ୍ୟ କରନ୍ତୁ।

ଅଧିକାରୀ ଫାଇଲକୁ ମଞ୍ଜୁରି ନଦେବାକୁ ଏତେଦିନ ପକେଇ ରଖିଛନ୍ତି।

ଅଧିକାରୀ ଫାଇଲକୁ ନମଞ୍ଜୁରି ଦେବାକୁ ଏତେଦିନ ପକେଇ ରଖିଛନ୍ତି।

ଉପରୋକ୍ତ ବାକ୍ୟରେ 'ନମଞ୍ଜୁରି ଦେବାକୁ' ଅପେକ୍ଷା 'ମଞ୍ଜୁରି ନଦେବାକୁ' ଜଣେ ବକ୍ତାକୁ ଅଧିକ ଠିକ୍ ମନେହୁଏ। କେବଳ ଏତିକି ନୁହେଁ, ଏହି ନିଷେଧାର୍ଥକ ସୂଚକର ସ୍ଥାନ ପରିବର୍ତ୍ତନରେ ସଂପୂର୍ଣ୍ଣ କ୍ରିୟାପଦର ଅର୍ଥଗତ ଓ ଭାବଗତ ପରିପ୍ରକାଶରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଘଟିଥାଏ।

କିନ୍ତୁ, ସରଳ କ୍ରିୟାବିଶେଷ୍ୟ କ୍ଷେତ୍ରରେ ନାସ୍ତିସୂଚକ ଚିହ୍ନ କ୍ରିୟାର ମୂଳପଦର ଠିକ୍ ପୂର୍ବସ୍ଥାନ ଗ୍ରହଣ କରିଥାଏ। ଯେପରିକି 'ନପଢ଼ିବାକୁ' ହିଁ ଠିକ୍ ରୂପ କିନ୍ତୁ, 'ପଢ଼ିନବାକୁ' ନିଷେଧାର୍ଥ ସୂଚାଇବାପାଇଁ ଠିକ୍ ରୂପ ନୁହେଁ।

## ୪.୭.୨.ନାସ୍ତିସୂଚକ ପଦର ପ୍ରକାର୍ଯ୍ୟଦୃଷ୍ଟିରୁ ବିଭାଗୀକରଣ

**(କ) କ୍ରିୟା ଭାବେ ନାସ୍ତିସୂଚକ ପଦ :** ଇଂରାଜୀରେ 'ସୂଚକ (Copulative) କ୍ରିୟାପଦ' କ୍ଷେତ୍ରରେ ନାସ୍ତିସୂଚକ ପଦ କ୍ରିୟାପଦ ସହିତ ମିଶି କରି ରହିପାରେ ବା ନ ରହିପାରେ। ମାତ୍ର, ଓଡ଼ିଆରେ ଏହି 'ନାସ୍ତିସୂଚକ-ପଦ' କ୍ରିୟାପଦକୁ ହଟାଇ ତାହା ସ୍ଥାନରେ ସଂପୂର୍ଣ୍ଣ ଏକ ନୂଆଶବ୍ଦ ରୂପେ ସ୍ଥାନିତ ହୁଏ। ଯେପରକି ଇଂରାଜୀ ବାକ୍ୟ "She isn't a girl." ବାକ୍ୟରେ 'n't' କ୍ରିୟାପଦ 'is' ସହିତ ଯୋଡ଼ିହୋଇଥିଲେ ବି, ବାକ୍ୟର ବ୍ୟାକରଣିକ ବୈଶିଷ୍ଟ୍ୟ (କାଳ, ବଚନ, ପୁରୁଷ, ଲିଙ୍ଗ) କୁ ପ୍ରଭାବିତ କରୁନାହିଁ।  କିନ୍ତୁ, ଓଡ଼ିଆ ବାକ୍ୟ 'ସେ ଜଣେ ଭଦ୍ରଲୋକ ନୁହଁନ୍ତି' ରେ ନାସ୍ତିସୂଚକ ପଦ 'ନୁହଁନ୍ତି' ତାହାର ବିପରୀତ ଅସ୍ତିସୂଚକ ପଦ 'ଅଟନ୍ତି' ର ସ୍ଥାନ ଗ୍ରହଣ କରିଛି। କିନ୍ତୁ, ଅସ୍ତିସୂଚକ ପଦର ବ୍ୟାକରଣିକ ବୈଶିଷ୍ଟ୍ୟ (କାଳ, ବଚନ, ପୁରୁଷ, ଲିଙ୍ଗ ଇତ୍ୟାଦି) କୁ ବହନକରୁଛି।  ସେହିପରି ଓଡ଼ିଆରେ ଅଧିକରଣ ସୂଚକ କ୍ରିୟାପଦ 'ଅଛି' ବି ସମାନ ଉପାୟରେ ନିଷେଧାର୍ଥକୁ ପରିପ୍ରକାଶ କରିବାପାଇଁ "ନାହିଁ"ରେ ବଦଳିଯାଏ।

**(ଖ) ପୂର୍ବପଦ ରୂପେ ନାସ୍ତିସୂଚକ ପଦ :** ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟକରନ୍ତୁ। "ଆପଣ ଏ କାମ କରିବା ଅନୁଚିତ।" ଏହି ବାକ୍ୟରେ 'ଅନୁଚିତ' ଶବ୍ଦରେ 'ଅନ' ଉପସର୍ଗ ନିଷେଧାର୍ଥକ ଚିହ୍ନରୂପେ କାର୍ଯ୍ୟ କରୁଛି। ତେଣୁ, ଓଡ଼ିଆରେ ନାସ୍ତିସୂଚକ କ୍ଷେତ୍ରରେ 'ଅନ' ଉପସର୍ଗ କାର୍ଯ୍ୟ କରିଥାଏ। ତେବେ, ଏହା ସଂପୂର୍ଣ୍ଣରୂପେ ଲେଖକ ବା ବକ୍ତାଙ୍କ ଉପରେ ନିର୍ଭର କରିଥାଏ । ଅର୍ଥାତ୍, ଉପରୋକ୍ତ ବାକ୍ୟକୁ "ଆପଣ ଏ କାମ କରିବା ଉଚିତ ନୁହେଁ", ବାଲି ଲେଖିପାରନ୍ତି।

***ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀ : 2***

(କ) ଓଡ଼ିଆ ସରଳ କ୍ରିୟାପଦରେ ନାସ୍ତିସୂଚକ ପଦ କେଉଁଠାରେ ସ୍ଥାନିତ ହୋଇଥାଏ?

(ଖ) ନାସ୍ତିସୂଚକ ଅସମାପିକା କ୍ରିୟାପଦର ଦୁଇଟି ଉଦାହରଣ ଦିଅ ।

(ଗ) ଓଡ଼ିଆରେ ପୂର୍ବପଦ ରୂପେ ନାସ୍ତିସୂଚକ ପଦର ବ୍ୟବହାର ଦର୍ଶାଅ ।

(ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇଁ ଏକକର ଶେଷଭାଗକୁ ଯାଆନ୍ତୁ ।)

# ୪.୮. ବିଷୟବସ୍ତୁର ସାରମର୍ମ

- ଅଯୋଗାତ୍ମକ ଭାଷାରେ ପ୍ରକୃତି (ଅର୍ଥତତ୍ତ୍ୱ) ସହିତ ପ୍ରତ୍ୟୟ (ସମ୍ବନ୍ଧତତ୍ତ୍ୱ) ସଂଯୋଜିତ ହୁଏନାହିଁ । ମାତ୍ର, ଯୋଗାତ୍ମକ ଭାଷା ଗୁଡ଼ିକରେ ପ୍ରକୃତି ବା ଅର୍ଥତତ୍ତ୍ୱ ସହିତ ପ୍ରତ୍ୟୟ ବା ସମ୍ବନ୍ଧତତ୍ତ୍ୱ ସଂଯୁକ୍ତ ହୋଇ ରହିଥାଏ।
- ପ୍ରାୟୋଗିକ ଭାଷାବିଜ୍ଞାନରେ ରୂପତାତ୍ତ୍ୱିକ ସଂସାଧନ ପ୍ରକ୍ରିୟାକୁ ତିନିଭାଗରେ ବିଭକ୍ତ କରାଯାଇପାରେ, ଯଥା: (କ) ରୂପତାତ୍ତ୍ୱିକ ବିଶ୍ଳେଷଣ, (ଖ) ରୂପତାତ୍ତ୍ୱିକ ସଂଶ୍ଳେଷଣ ଓ (ଗ) ରୂପତାତ୍ତ୍ୱିକ ଉତ୍ପାଦନ ।
- ଗୋଟିଏ ଶବ୍ଦର ଶବ୍ଦରୂପୀୟ ସ୍ତର (lexical level) ସେହି ଶବ୍ଦର ରୂପିମ ସ୍ତରୀୟ ସମନ୍ୱିତ ରୂପକୁ ସୂଚାଇଥାଏ।
- ରୂପବିଜ୍ଞାନ ବିଶ୍ଳେଷକ (Morphological analyzer) ରୂପବିଜ୍ଞାନ ବିଶ୍ଳେଷଣ କାର୍ଯ୍ୟକୁ ସାଧାରଣତଃ (କ) ସସୀମ ସ୍ତରୀୟ ମେସିନ୍ ଆଧାରିତ ପଦ୍ଧତି ଓ (ଖ) ମେସିନ୍ ଶିକ୍ଷଣ ପଦ୍ଧତି ଭଳି ଦୁଇଟି ଉପାୟରେ ସଂପାଦନ କରିଥାଏ।
- ଇଂରାଜୀରେ 'ସୂଚକ (Copulative) କ୍ରିୟାପଦ' କ୍ଷେତ୍ରରେ ନାସ୍ତିସୂଚକ ପଦ କ୍ରିୟାପଦ ସହିତ ମିଶି କରି ରହିପାରେ ବା ନ ରହିପାରେ। ମାତ୍ର, ଓଡ଼ିଆରେ ଏହି 'ନାସ୍ତିସୂଚକ-ପଦ' କ୍ରିୟାପଦକୁ ହଟାଇ ତାହା ସ୍ଥାନରେ ସଂପୂର୍ଣ୍ଣ ଏକ ନୂଆଶବ୍ଦ ରୂପେ ସ୍ଥାନିତ ହୁଏ।

ଆମେ ଉପରୋକ୍ତ ଆଲୋଚନାରୁ ଶବ୍ଦରୂପର ଗଠନ ପ୍ରକ୍ରିୟା ଜଟିଳ ହୋଇଥିଲେ ବି, ସଂରଚିତ ସୂଚନା ଭିତରେ ଏହା କିପରି କାର୍ଯ୍ୟ କରିଥାଏ, ତାହା ଜାଣିଲେ । ଶବ୍ଦ କେବଳ ସର୍ବନିମ୍ନ ସାଙ୍କେତିକ ରୂପ ନୁହେଁ କି, ଧ୍ୱନିଗୁଡ଼ିକର ଯାଦୃଚ୍ଛିକ ସମନ୍ୱୟ ମଧ୍ୟ ନୁହେଁ । ଶବ୍ଦରୂପର ବିଭିନ୍ନ ଦିଗ କିପରି ସଂଶ୍ଳିଷ୍ଟ ବିଭିନ୍ନ ବ୍ୟାକରଣିକ ରୂପକୁ ପରିପ୍ରକାଶ କରେ, ତାହାର ବିଶ୍ଳେଷଣ ଏହି ରୂପବିଜ୍ଞାନ ହିଁ କରିପାରେ । କୌଣସି ଭାଷାର ଏହି ରୂପତାତ୍ତ୍ୱିକ ବିଶ୍ଳେଷଣ ବା ସଂଶ୍ଳେଷଣକୁ ବିଭିନ୍ନ ଉପାୟରେ ପ୍ରସ୍ତୁତ କରାଯାଇଥାଏ । ବିଶେଷକରି ସଂଯୋଗାତ୍ମକ ଭାଷା କ୍ଷେତ୍ରରେ ରୂପତାତ୍ତ୍ୱିକ ବିଶ୍ଳେଷଣ ବା ସଂଶ୍ଳେଷଣ ଏକ ଜଟିଳ ସମସ୍ୟା । ଗୋଟିଏ ଶବ୍ଦର ଆଭ୍ୟନ୍ତରୀଣ ସଂରଚନାର ବିଶ୍ଳେଷଣ, ପ୍ରାକୃତିକ ଭାଷା ସଂସାଧନରେ ମେସିନ୍ ଅନୁବାଦ, ବର୍ଣ୍ଣାଶୁଦ୍ଧିକା, ବ୍ୟାକରଣ ପରୀକ୍ଷକ ଭଳି ବିଭିନ୍ନ ସଫ୍ଟୱେୟାର ନିର୍ମାଣରେ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ।

## ୪.୯. ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା

- **ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 1 ର ଉତ୍ତର**

  (କ) ରୂପତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ୱର ଭାଷାକୁ ମୁଖ୍ୟତଃ (କ) ଯୋଗାତ୍ମକ (Aglutinative Languages )ଓ (ଖ) ଅଯୋଗାତ୍ମକ (Issolating Languages) ଭଳି ଦୁଇଟି ଭାଗରେ ବିଭକ୍ତ କରାଯାଇଛି ।

  (ଖ) ପ୍ରାୟୋଗିକ ଭାଷାବିଜ୍ଞାନରେ ରୂପତାତ୍ତ୍ୱିକ ସଂସାଧନ ପ୍ରକ୍ରିୟାକୁ ତିନିଭାଗରେ ବିଭକ୍ତ କରାଯାଇପାରେ, ଯଥା: (କ) ରୂପତାତ୍ତ୍ୱିକ ବିଶ୍ଳେଷଣ, (ଖ) ରୂପତାତ୍ତ୍ୱିକ ସଂଶ୍ଳେଷଣ ଓ (ଗ) ରୂପତାତ୍ତ୍ୱିକ ଉତ୍ପାଦନ ।

  (ଗ) ଶ୍ଳିଷ୍ଟ ଯୋଗାତ୍ମକ ଭାଷାରେ ପ୍ରକୃତି ଓ ପ୍ରତ୍ୟୟ ଏପରି ଘନିଷ୍ଠଭାବେ ମିଳିତ ହୋଇଥାନ୍ତି ଯେ, ସେଥିରୁ ପ୍ରକୃତି ଓ ପ୍ରତ୍ୟୟକୁ ଅଲଗା କରି ଦର୍ଶାଇବା କଷ୍ଟସାଧ୍ୟ ହୋଇଥାଏ, ଯଥା ଆରବୀ, ହିବ୍ରୁ, ସଂସ୍କୃତ, ହିନ୍ଦୀ ଓ ଓଡ଼ିଆ ଆଦି ଭାଷା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ।

- **ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ 2 ର ଉତ୍ତର**

  (କ) ସରଳ କ୍ରିୟାପଦ ଅର୍ଥାତ୍ ଯେଉଁ କ୍ରିୟାପଦଗୁଡ଼ିକ ଗୋଟିଏ ମାତ୍ର ଧାତୁରହିଛି, ସେହିସବୁ କ୍ରିୟାପଦର ଠିକ୍ ପରେପରେ ନାସ୍ତିସୂଚକ ପଦ ତା'ର ବ୍ୟୁତ୍ପାଦିତ ରୂପର ଠିକ୍ ଡାହାଣରେ ପରପଦରୂପେ ସ୍ଥାନିତ ହୋଇଥାଏ।

  (ଖ)ନାସ୍ତିସୂଚକ ଅସମାପିକା କ୍ରିୟାପଦର ଦୁଇଟି ଉଦାହରଣ ଯଥାକ୍ରମେ ପଢ଼ିନଥିବା, ଖାଇନଥିବା ।

  (ଗ) ସଙ୍କେତ: ଉକ୍ତ ପ୍ରଶ୍ନର ଉତ୍ତର ପାଇଁ ବିଭାଗ 4.7.2 କୁ ଅଧ୍ୟୟନ କରନ୍ତୁ।

## ୪.୧୦ ସହାୟକ ପୁସ୍ତକାବଳୀ


- ଧଳ, ଗୋଲୋକ ବିହାରୀ, 'ଭାଷାଶାସ୍ତ୍ର ପରିଚୟ', ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, 2013
- ସାହୁ, ପ୍ରଫେସର ବାସୁଦେବ, 'ଭାଷାବିଜ୍ଞାନର ରୂପରେଖ', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ସପ୍ତମ ପ୍ରକାଶ 2005
- Brian Roark and Richard Sproat, 'Computational Approaches to Morphology and Syntax' ,Oxford: Oxford University Press (Oxford surveys in syntax and morphology, edited by Robert D. Van Valin Jr, volume 4), 2007, hardbound, ISBN 978-0-19-927477-2
- Václav Hlaváč, 'Mathematical morphology', Czech Technical University in Prague Czech Institute of Informatics, Robotics and Cybernetics,

## ୪.୧୦. ପାରିଭାଷିକ ଶବ୍ଦାବଳୀ

- **ରୂପତାତ୍ତ୍ୱିକ ଉତ୍ପାଦନ :** ଗୋଟିଏ ଶବ୍ଦର ବିଭିନ୍ନ ବ୍ୟାକରଣିକ ବୈଶିଷ୍ଟ୍ୟ ଆଧାରରେ ତାହାର ଭିନ୍ନଭିନ୍ନ ରୂପର ନିଷ୍ପାଦନ ପ୍ରକ୍ରିୟା
- **ଇନ୍‌ପୁଟ୍ :** ଏଠାରେ ଶବ୍ଦରୂପ ନିର୍ମାଣ ପ୍ରକ୍ରିୟାରେ କମ୍ପ୍ୟୁଟର ଯେଉଁସବୁ ପ୍ରାଥମିକ ସୂଚନାର ଆବଶ୍ୟକ କରିଥାଏ, ସେହି ଅର୍ଥରେ ବ୍ୟବହୃତ
- **ଫାଇନାଇଟ୍ ଷ୍ଟେଟ୍ ଅଟୋମାଟା :** କମ୍ପ୍ୟୁଟେସନଲ ଲିଙ୍ଗୁଇଷ୍ଟିକ୍ସରେ ରୂପତାତ୍ତ୍ୱିକ ସଂସାଧନ ପାଇଁ ବ୍ୟବହୃତ ହେଉଥିବା ଏକ ଆଲଗୋରିଦମ୍

## ୪.୧୧. କେତେକ ଆଦର୍ଶ ପ୍ରଶ୍ନ

(କ) ଓଡ଼ିଆରେ ବିଶେଷ୍ୟ-ରୂପିମ ସଂଶ୍ଳେଷଣ ସଂପର୍କରେ ଆଲୋଚନା କର ।

(ଖ) ରୂପତାତ୍ତ୍ୱିକ ବିଶ୍ଳେଷଣର ବିଭିନ୍ନ ପଦ୍ଧତି ସଂପର୍କରେ ଲେଖ ।

(ଗ) ରୂପତାତ୍ତ୍ୱିକ ସଂସାଧନର ଭୂମିକା ନିର୍ଦ୍ଧାରଣ କର ।

(ଗ) ମିକ୍ତରୂପିମ ଓ ବଦ୍ଧରୂପିମ ଆଦାରରେ ବିଭିନ୍ନ ଶବ୍ଦରୂପକୁ ପରିଭାଷିତ କର ।

❒❒❒